


◄ ଆଜିର 'ସକାଳ' ସହ 'ସିନ୍ଦୁରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-95 ◆SUNDAY ◆28 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୯୫ ◆ରବିବାର ◆୨୮ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୁରା ସହ)



# APTI PLUS
Academy for Civil Services Pvt. Ltd.

## Legacy Unstoppable.
## Congratulations to our toppers of
# OAS 2023

**280+ Selections**
- 4 selections in Top 10
- 12 selections in Top 20
- 76 selections in Top 100

| Name | Rank | Program |
|---|---|---|
| Mirza Faiz Ahmed | Rank 4 | IGP |
| Antim Swain | Rank 6 | Mains Guidance Program |
| Shailesh Kumar Bhoi | Rank 7 | Classroom Program |
| Md. Nazif Hatif | Rank 8 | IGP |
| Swarupini Patnaik | Rank 12 | IGP |
| Krishna Gopal Swain | Rank 13 | IGP |
| Sneha Das Mohapatra | Rank 14 | Mains Mentorship Program |
| Asutosh Satpathy | Rank 15 | IGP |
| Deepsita Behera | Rank 16 | Mains Guidance Program |
| Supriya Mishra | Rank 17 | IGP |
| Aseema Anwesha | Rank 18 | Mains Guidance Program |
| Mg Subarna Mohanty | Rank 19 | IGP |


CELEBRATION OF OAS 2023

**BEHIND EVERY RANK, THERE'S A TEAM.**
**To our Faculty, Content Team & Support Staff-**
Your hard work, passion, and commitment made this historic success possible.
This victory belongs as much to you as to our students!

| Name | Rank | Program |
|---|---|---|
| Akash K. Pradhan | Rank 21 | IGP |
| Soumya R. Panda | Rank 22 | IGP |
| Bamsil Acharya | Rank 23 | Prelims Guidance Program |
| Ashutosh Swain | Rank 24 | IGP |
| Tanisha Behura | Rank 26 | IGP |
| Prasannajit Panda | Rank 27 | IGP |
| Kalyani Sahoo | Rank 29 | IGP |
| Mrutyunjaya Rout | Rank 31 | IGP |
| Manisha Nayak | Rank 33 | IGP |
| Shaswatee Pattanaik | Rank 34 | IGP |
| Sourav Mittal | Rank 35 | IGP |
| Swetapadma Mohanty | Rank 36 | IGP |
| Sai Raman Patra | Rank 37 | IGP |
| Sonali Tripathy | Rank 39 | IGP |
| Jyotiprakash Samal | Rank 41 | IGP |
| Puspita Tripathy | Rank 42 | IGP |
| Srikumar Pradahan | Rank 44 | IGP |
| Swatideepa Rout | Rank 46 | IGP |
| Jyotirmayee Swain | Rank 49 | Classroom Program |
| Mihika Das | Rank 51 | IGP |
| Sidhant Mishra | Rank 53 | CLASSROOM |
| Ahalya Rautaray | Rank 54 | IGP |
| Sandeep K. Subhadarshi | Rank 55 | IGP |
| Biswajit Mohanty | Rank 57 | CLASSROOM |
| Bibhubrata Dash | Rank 58 | IGP |
| Saktisudha Dash | Rank 59 | IGP |
| Subhashree Jena | Rank 61 | IGP |
| Pratikshya Mahapatra | Rank 62 | MGP |
| Pratyush Satapathy | Rank 63 | IGP |
| Lopamudra Pradhan | Rank 64 | IGP |
| Lopamudra Pradhan | Rank 66 | IGP |
| Tarini Prasad Dash | Rank 66 | IGP |
| Deviprasanna Das | Rank 68 | IGP |
| Mohit Biswal | Rank 69 | IGP |
| Monalisha Rout | Rank 71 | IGP |
| Srinibas Sarangi | Rank 72 | MGP |
| Madhusmita Dash | Rank 73 | IGP |
| Saikrushna Samal | Rank 75 | IGP |
| Roshan Patel | Rank 77 | IGP |
| Subhashree Subhasmita | Rank 79 | CLASSROOM |
| Priyansha Panda | Rank 82 | IGP |
| Rajalin Jena | Rank 85 | IGP |
| Anshuman Sahu | Rank 86 | IGP |
| Kharavel Pradhan | Rank 88 | IGP |
| Monalisa Sahu | Rank 93 | IGP |
| Subhashree Ankita P. | Rank 101 | IGP |
| Pratyush K. Mohapatra | Rank 109 | IGP |
| Payoja Ojha | Rank 110 | IGP |
| Mohammad Asif Khan | Rank 117 | IGP |
| Baisakhi Dash | Rank 118 | IGP |
| Rn Goutam Debadutta | Rank 119 | IGP |
| Srinibash Dash | Rank 123 | IGP |
| Archana Sarangi | Rank 124 | MAINS GUIDANCE PROGRAM |
| Swastiranjan Sahoo | Rank 125 | IGP |
| Rupesh Kumar Rout | Rank 126 | IGP |
| Samikhya Mohapatra | Rank 127 | IGP |
| Pratik Rath | Rank 129 | IGP |
| Tanistha Nayak | Rank 133 | IGP |
| Dr. Sasmita Tripathy | Rank 134 | MAINS GUIDANCE PROGRAM |
| Sarita Nayak | Rank 135 | IGP |
| Shibam Swarup Mohanty | Rank 136 | PRELIMS GUIDANCE PROGRAM |
| Satyajit Rajguru | Rank 138 | IGP |
| Balaram Sahu | Rank 140 | IGP |
| Biswajit Behera | Rank 141 | IGP |
| Pratishruti Palai | Rank 142 | IGP |
| Puspanjali Sahoo | Rank 147 | IGP |
| Anil Kumar Sahu | Rank 150 | IGP |
| Sahil Kumar Patra | Rank 152 | IGP |
| Abhijit Jayaprakash Pradhan | Rank 153 | IGP |
| Soumya Ranjan Sahoo | Rank 154 | IGP |
| Samyak S. Mohapatra | Rank 156 | MAINS GUIDANCE PROGRAM |
| Pooja Samal | Rank 157 | IGP |
| Nirakar Sahu | Rank 158 | IGP |
| Abhisek Pani | Rank 159 | CLASSROOM PROGRAM |
| Chinmay K. Panda | Rank 161 | IGP |
| Jyoti Prava Tripathy | Rank 162 | IGP |
| Prakash Sahoo | Rank 165 | IGP |
| Sonali Jena | Rank 169 | IGP |
| Sasmita Sahoo | Rank 171 | IGP |
| Satyaranjan Beura | Rank 172 | IGP |
| Ashutosh Sahu | Rank 173 | MAINS GUIDANCE PROGRAM |
| Arichisa Nayak | Rank 174 | IGP |
| Sonali Sahoo | Rank 175 | IGP |
| Alya Aneesha Nayak | Rank 177 | IGP |
| Rajshree Ojha | Rank 178 | MAINS MENTORSHIP PROGRAM |
| Sidharth K. Patra | Rank 179 | IGP |
| Byomakesh Satapathy | Rank 180 | IGP |
| Sabyasachi Parida | Rank 185 | IGP |
| Bhupendra Shukla | Rank 186 | IGP |
| Siddharth Chopdar | Rank 187 | IGP |
| Abhilash Dash | Rank 188 | CLASS ROOM PROGRAM |
| Soumya Prakash Bhoi | Rank 189 | IGP |
| Shradha Suman | Rank 191 | IGP |
| Samistha Priyadarshini | Rank 192 | IGP |
| Nagma Sahin | Rank 193 | IGP |
| Nandita Samal | Rank 194 | IGP |
| Kalu Rauta | Rank 195 | PRELIMS & MAINS GUIDANCE PROGRAM |
| Abhigna Khuntia | Rank 197 | IGP |
| Jayaprakash Behera | Rank 200 | IGP |

**& many more...**

**Features:**
- Renowned Faculty from **DELHI** with Extensive CSE experience.
- Scientifically design Stepwise Training from Basic NCERT to Advance Level.
- Separate Doubt Clearing Session & Weekly Current Affairs Session
- National Level Test Series with a 'Learn-Revise-Test-Succeed' approach
- Mode of Class is Offline / Online / Hybrid with Library and Hostel facilities
- Undivided Attention by Personal Mentors.
- Weekly Evaluation progress made. Analysis of Strength and Weakness.
- Specific focus on upcoming UPSC & OPSC Exam with new approach

ADMISSIONS OPEN FOR
**IAS & OAS**
GRADUATES & 12th PASS CANDIDATES
Integrated & Foundation Courses

## OUR DEDICATED FACULTY TEAM & RIGOROUS PREPARATION METHODS ENSURE UNMATCHED RESULTS




**Call: 9938386166, 7327846166, 8260677707**
**JAYDEV VIHAR, BHUBANESWAR**

## ଟ୍ରମ୍ପ ପ୍ରଶାସନର ଆଉ ଏକ ଅମାନବୀୟ କାଣ୍ଡ

### ୭୧ ବର୍ଷୀୟ ମହିଳାଙ୍କ ହାତ, ଗୋଡ଼ରେ ବେଡ଼ି ପକାଇ ଭାରତ ପଠାଇଲା



ନୂଆଦିଲ୍ଲୀ, ୨୭।୯(ଏଜେନ୍ସି): ଆମେରିକାରେ ୩୨ ବର୍ଷ ଅବସ୍ଥାନ କରିବା ପରେ ପ୍ରତ୍ୟର୍ପଣ ହୋଇଥିବା ପଞ୍ଜାବର ୭୧ ବର୍ଷୀୟ ବୟସ୍କା ହରଜିତ କୌର ସାମ୍ନାକୁ ଆସି ନିଜ ଦୁଃଖ ବ୍ୟକ୍ତ କରିଛନ୍ତି। ମୋତେ ଗିରଫ କରାଯିବା ପରେ ଅପରାଧୀ ଭଳି ବ୍ୟବହାର କରାଯାଇଥିଲା। ହାଜର ହେବା ପ୍ରକ୍ରିୟା ବେଳେ ମୋତେ ଗିରଫ କରି ଏକ ଥଣ୍ଡା କୋଠରୀରେ ବନ୍ଦକରି ଦିଆଯାଇଥିଲା। ସେ ୧୦ ଦିନ ଡିଟେନସନ ସେଲ୍‌ରେ ରହିଥିଲେ। ଘୋଡାଇ ହେବାକୁ ତାଙ୍କୁ ଆଲୁମିନିୟମ ଫାଇଲ ଦିଆଯାଇଥିଲା। ଶୋଇବା ପାଇଁ କାଠ ପଟା ଦିଆଯାଇଥିଲା। ଖାଇବା ପାଇଁ ଥଣ୍ଡା ବ୍ରେଡ୍ ଓ ବିଫ୍ ଦିଆଯାଇଥିଲା। ଏହାକୁ ଖାଇ ନ ଥିଲି। କେବଳ ଚିପ୍ସ ଓ ବିସ୍କୁଟ୍ ଖାଇ ୧୦ ଦିନ ବିତାଇଥିଲି ବୋଲି ସେ କହିଛନ୍ତି। ୩୨ ବର୍ଷ ଆମେରିକାର ରହିବା ପରେ ମଧ ତାଙ୍କୁ ଗତ ୨୪ ତାରିଖରେ ଚେନ୍‌ରେ ବାନ୍ଧି ଭାରତ ପଠାଯାଇଥିଲା। ଏବେ ସେ ନିଜ ଭଉଣୀଙ୍କ ଘରେ ରହୁଥିବା କହିଛନ୍ତି। ପ୍ରତି ୬ମାସରେ ନିୟମିତ ଭାବେ ହାଜର ଲଗାଇବାକୁ ସେ ଯାଉଥିଲେ। ୧୯୯୨ରେ ସେ ନିଜର ଦୁଇ ପୁଅଙ୍କ ସହ ଆମେରିକା ଯାଇଥିଲେ। କିନ୍ତୁ ବେଆଇନ୍ ଭାବେ ସେ ଆମେରିକାରେ ରହୁଥିବା କଥା କୁହାଯାଇଥିଲା। ଫଳରେ ତାଙ୍କୁ ଭାରତ ପ୍ରତ୍ୟର୍ପଣ କରାଯାଇଥିଲା। ଭାରତରେ କେହି ନିଜର ନଥିବାରୁ ସମସ୍ୟାର ସମ୍ମୁଖୀନ ହେଉଛି ଓ ଏବେ ମୋ ଭବିଷ୍ୟତ ଅନ୍ଧାର ବୋଲି ହରଜିତ କହିଛନ୍ତି।

## ଜାତିସଂଘରେ ପାକିସ୍ତାନକୁ ଦୃଢ଼ ଜବାବ ଦେଲା ଭାରତ

# ଧ୍ୱସ୍ତ ଏୟାରବେସ୍‌କୁ ନେଇ ଖୁସି ମନାଉଛି ପାକ୍

ନ୍ୟୁୟର୍କ, ୨୭।୯ (ଏଜେନ୍ସି): ମିଳିତ ଜାତିସଂଘ ସାଧାରଣ ପରିଷଦ (ୟୁଏନଜିଏ) ବୈଠକରେ ପାକିସ୍ତାନକୁ ଦୃଢ଼ ଜବାବ ଦେଇଛି ଭାରତ। ପୁଣିଥରେ ଆତଙ୍କବାଦକୁ ସମର୍ଥନ ଦେଉଥିବା ଏହି ରାଷ୍ଟ୍ର ଏବଂ ଏହାର ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ମୁଖା ଖୋଲି ଦେଇଛି। ଭାରତଠାରୁ ବିଜୟ ଦାବି କରିଥିବା ଶାହବାଜ ପୁଣି ଆତଙ୍କବାଦର ମହିମାମଣ୍ଡନ କରୁଛନ୍ତି ବୋଲି ଜାତିସଂଘରେ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ପେଟଲ ଗେହଲଟ କହିଛନ୍ତି। ସେ ଶନିବାର ୟୁଏନଜିଏରେ ପାକିସ୍ତାନକୁ ତୀବ୍ର ଭର୍ତ୍ସନା କରିଛନ୍ତି। ପେଟଲ କହିଛନ୍ତି ଯେ ପାକିସ୍ତାନ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଛି ଏବଂ ମିଛ କହୁଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ହାସ୍ୟାସ୍ପଦ ନାଟକ କରୁଛନ୍ତି। ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ଶାହବାଜଙ୍କ ବିଦେଶ ନୀତିର ଅଂଶବିଶେଷ। କୌଣସି ଡ୍ରାମା କିମ୍ବା ମିଛ ଦ୍ୱାରା ସତକୁ ଲୁଚା ଯାଇପାରିବ ନାହିଁ।

ଗତ ମେ’ ମାସରେ ଭାରତ-ପାକିସ୍ତାନ ସଂଘର୍ଷକୁ ନେଇ ସରିଫ ଯେଉଁ ଦାବି କରିଥିଲେ ତାହାକୁ ପେଟଲ ଖାରଜ କରିଦେଇଛନ୍ତି। ସେ କହିଛନ୍ତି ଯେ ମେ’ ୯ ତାରିଖ ପର୍ଯ୍ୟନ୍ତ ଭାରତ ଉପରେ ଆକ୍ରମଣ ପାଇଁ ପାକିସ୍ତାନ ଧମକ ଦେଇ ଚାଲିଥିଲା। ଏହା ପରିଦନ (ମେ’୧୦) ପାକିସ୍ତାନର ଅନେକ ଏୟାରବେସ୍‌କୁ ଭାରତୀୟ ସେନା ଧ୍ୱଂସ କରିଦେଇଥିଲା। ଏହା ପରେ ଯୁଦ୍ଧ ବନ୍ଦ କରିବା ପାଇଁ ପାକିସ୍ତାନ କାକୁତିମିନତି ହୋଇଥିଲା। ଯଦି ଧ୍ୱଂସ ଏୟାରବେସ ବିଜୟର ପ୍ରତୀକ ତେବେ ପାକିସ୍ତାନ ଉତ୍ସବ ମନାଇବା କଥା। ଏହା ପୂର୍ବରୁ ଶାହବାଜ ଶୁକ୍ରବାର ଜାତିଂସଘରେ ଭାରତକୁ ଶତ୍ରୁ କହିଥିଲେ। ମେ’ରେ ହୋଇଥିବା ଭାରତ ସହ ସଂଘର୍ଷରେ ପାକିସ୍ତାନ ବିଜୟୀ ହୋଇଛି ଏବଂ ଭାରତର ୭ ବିମାନ ଧ୍ୱଂସ କରିଦେଇଛି ବୋଲି ସେ ଦାବି କରିଥିଲେ। ମାତ୍ର ଆଜି ଭାରତ ଏହି ଦାବିକୁ ମିଛ ଏବଂ ଭ୍ରାନ୍ତ କହି ଖାରଜ କରିଦେଇଛି।



### ଜାତିସଂଘରେ ନାଟକ କରୁଛନ୍ତି ଶାହବାଜ ସରିଫ

### ଯୁଦ୍ଧ ବିରତି ପାଇଁ ନେହୁରା ହୋଇଥିଲା ପାକ୍ ସେନା

ପେଟଲ କହିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଥିବା ସବୁ ପ୍ରସଙ୍ଗର ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ। ଏଥିରେ କୌଣସି ତୃତୀୟ ପକ୍ଷର ଆବଶ୍ୟକତା ନାହିଁ। ଶାନ୍ତି ନେଇ ପାକିସ୍ତାନ କରିଥିବା ଦାବି ଉପରେ ପେଟଲ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଶାହବାଜଙ୍କ ଦେଶ ଘୃଣାରେ ଅନ୍ଧ ହୋଇଯାଇଛି। ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ନୀତି ଆପଣା ଯିବ ବୋଲି ଭାରତ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ‘ଅପରେସନ ସିନ୍ଦୂର’ ସମୟରେ ପାକିସ୍ତାନର ବାହବଲପୁର ଏବଂ ମୁରିଦକେରେ ନିପାତ ହୋଇଥିବା ଆତଙ୍କବାଦୀଙ୍କ ସୂଚନା ଦେଇଥିଲେ। ପାକିସ୍ତାନ ଏହି ଦୁର୍ଦ୍ଦାନ୍ତ ଆତଙ୍କବାଦୀଙ୍କୁ ଶ୍ରଦ୍ଧାଞ୍ଜଳି ଓ ସମ୍ମାନ ଦେଇଥିବା ଅଭିଯୋଗ ଲଗାଇ ଥିଲେ। ସେ ଫଟୋ ମଧ୍ୟ ଦେଖାଇ ଥିଲେ। ଗୋଟିଏ ଫଟୋ ହଜାରେ ଶବ୍ଦ କହୁଛି। ଏହି ଫଟୋରେ ଆତଙ୍କବାଦୀଙ୍କୁ ପାକିସ୍ତାନ ସେନା ଏବଂ ନେତା ଶ୍ରଦ୍ଧାଞ୍ଜଳି ଦେଉଥିବା ଦେଖାଯାଉଛି। ଯେଉଁଠି ସେନା ଅଧିକାରୀ ଆତଙ୍କବାଦୀଙ୍କୁ ଖୋଲାଖୋଲି ଭାବେ ସମ୍ମାନ ଦେଉଛନ୍ତି, ସେଇଠି ଶାସକ ଉପରେ ସନ୍ଦେହ ସୃଷ୍ଟି ହେବନି କି? ଭାରତର ନିର୍ଦ୍ଦୋଷ ଜନତାଙ୍କ ଉପରେ ପାକିସ୍ତାନ ଆତଙ୍କବାଦୀ ଆକ୍ରମଣ କରୁଛି। ଲୋକଙ୍କ ସୁରକ୍ଷା ଏବଂ ଜବାବ ଦେବାର ଅଧିକାରକୁ ପ୍ରୟୋଗ କରି ଭାରତ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଅପରାଧିଙ୍କୁ ନ୍ୟାୟର କାଠଗଡ଼ାରେ ଛିଡ଼ା କରିଥିଲା। ନିଜ ଦେଶରେ ଥିବା ସବୁ ଆତଙ୍କବାଦୀ ଶିବିରକୁ ପାକିସ୍ତାନ ବନ୍ଦ କରି ଆତଙ୍କବାଦୀଙ୍କୁ ଭାରତକୁ ହସ୍ତାନ୍ତର କରୁ ବୋଲି ପେଟଲ ଦାବି କରିଛନ୍ତି।

ସେ ଇସଲାମାବାଦକୁ ଚେତାବନୀ ମଧ୍ୟ ଦେଇଛନ୍ତି। ପରମାଣୁ ଆକ୍ରମଣର ଧମକରେ ନ ଡରି ଭାରତ ଆତଙ୍କବାଦୀ ଏବଂ ଏହାର ପ୍ରାୟୋଜକଙ୍କୁ ଦାୟୀ କରିବ ବୋଲି ପେଟଲ କହିଛନ୍ତି। ଏହି ପାକିସ୍ତାନ ଆତଙ୍କବାଦୀଙ୍କୁ ସୁରକ୍ଷା ଦେବା ପାଇଁ ବିଶ୍ୱ ମଞ୍ଚକୁ ବ୍ୟବହାର କରୁଛି। ଗତ ଏପ୍ରିଲ ୨୫ରେ ପାକିସ୍ତାନ ୟୁଏନ୍‌ଏସ୍‌ସିରେ ଆତଙ୍କବାଦୀ ସଂଗଠନ ‘ରେସିଷ୍ଟାନ୍ସ ଫୋର୍ସ’କୁ ସୁରକ୍ଷା ଦେଇଥିଲା। ଜମ୍ମୁ-କଶ୍ମୀରରେ ପର୍ଯ୍ୟଟକଙ୍କ ହତ୍ୟା ପାଇଁ ଏହି ଆତଙ୍କବାଦୀ ସଂଗଠନ ଦାୟୀ ଥିଲା। ଆତଙ୍କବାଦର ପ୍ରଚାରପ୍ରସାର କରୁଥିବା ଏହି ଦେଶ ଟିକେ ବି ଲଜ୍ଜା ଅନୁଭବ କରୁନାହିଁ। ୧୦ ବର୍ଷ ପର୍ଯ୍ୟନ୍ତ ପାକିସ୍ତାନ ଓସାମା ବିନ୍ ଲାଡେନକୁ ଲୁଚାଇ ରଖିଥିଲା। ଦେଶ ଦୀର୍ଘ ଦଶନ୍ଧି ହେଲା ଆତଙ୍କବାଦୀ ଶିବିର ଚଳାଉଛି ବୋଲି ପାକିସ୍ତାନ ମନ୍ତ୍ରୀ ମଧ ସ୍ୱୀକାର କରିଛନ୍ତି। ପୁଣିଥରେ ପାକିସ୍ତାନର ଦୋମୁହାଁ ନୀତି ସାମ୍ନାକୁ ଆସିଯାଇଛି।

## ଡିଭାଇଡରକୁ ଧକ୍କା ଦେଇ ପଲଟିଲା କାର୍, ୫ ମୃତ

ଗୁରୁଗ୍ରାମ୍, ୨୭।୯(ଏଜେନ୍ସି): ହରିୟାଣାର ଗୁରୁଗ୍ରାମରେ ଶନିବାର ଭୋର ୪.୩୦ରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦିଲ୍ଲୀ ଆଡୁ ଦ୍ରୁତଗିତରେ ଆସୁଥିବା ଏକ ଥର୍ ନିୟନ୍ତ୍ରଣ ହରାଇ ଡିଭାଇଡରରେ ପିଟି ହେବା ଫଳରେ ପଲଟି ଯାଇ ଦୁର୍ଘଟଣା ସମ୍ମୁଖୀନ ହୋଥିଲା। ଏଥିରେ ୫ ଜଣ ପ୍ରାଣ ହରାଇଥିବା ବେଳେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରିଛି। ଏହି କଳା ରଙ୍ଗର ଥର୍‌ରେ ୬ ଜଣ ଯାତ୍ରା କରୁଥିଲେ। ଏଥିରେ ୩ ଜଣ ଯୁବକ ଓ ୩ ଜଣ ଯୁବତୀ ସାମିଲ ଥିଲେ। ମୃତ୍ୟୁବରଣ କରିଥିବା ଜଣେ ଯୁବତୀ ହେଉଛନ୍ତି ରାୟବରେଲିର ଜଜ୍ ଚନ୍ଦ୍ରମଣି ମିଶ୍ରାଙ୍କ ଝିଅ ପ୍ରତିଷ୍ଠା ମିଶ୍ରା। ସୂଚନା ମିଳିବା ମାତ୍ରେ ଗୁରୁଗ୍ରାମ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡିକୁ ଜବତ କରି ଯାଞ୍ଚ ଆରମ୍ଭ କରିଛି। ଦୁର୍ଘଟଣାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି ଓ ଏଥିରେ ଥର୍ ଦ୍ରୁତ ଗତିରେ ଆସି ଡିଭାଇଡରରେ ପିଟି ହୋଇଥିବାର ଲକ୍ଷ୍ୟ କରାଯାଇଛି। ମୃତକଙ୍କ ହାତରେ ଏକ କ୍ଲବର ବ୍ୟାଣ୍ଡ ଦେଖିବାକୁ ମିଳିଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏମାନେ କ୍ଲବରେ ପାର୍ଟି କରି ଘରକୁ ଫେରିଥିବା ଅନୁମାନ କରାଯାଉଛି।

## ୧୮ ଦିନ ପରେ ସାମ୍ନାକୁ ଆସିଲେ ଓଲି

କାଠମାଣ୍ଡୁ, ୨୭।୯(ଏଜେନ୍ସି): ନେପାଳ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଇସ୍ତଫା ଦେବାର ୧୮ ଦିନ ପରେ ସାମ୍ନାକୁ ଆସିଛନ୍ତି। ସେ ପାର୍ଟିର ଛାତ୍ର ସଂଗଠନର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଭକ୍ତପୁର ପହଞ୍ଚିଥିଲେ। ଜେନ-ଜେଡ୍ ବିରୋଧ ପ୍ରଦର୍ଶନ ପାଇଁ ସେପ୍ଟେମ୍ବର ୯ରେ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା। ହିଂସାତ୍ମକ ଆନ୍ଦୋଳନ ମଧ୍ୟରେ ଓଲିଙ୍କୁ ନେପାଳ ସେନା ହେଲିକପ୍ଟର ଜରିଆରେ ଉଦ୍ଧାର କରିଥିଲା ଓ ଏକ ଅସ୍ଥାୟୀ ଘରେ ସ୍ଥାନାନ୍ତର କରିଥିଲା। ଏବେକାର ସରକାରକୁ ସେ ସମାଲୋଚନା କରିଛନ୍ତି। ଏବେକାର ସରକାର ଜନତାଙ୍କ ଇଚ୍ଛା ଅନୁସାରେ ନିର୍ବାଚିତ ହୋଇନାହିଁ। ହିଂସା ଓ ପୋଡାଜଳା ମାଧ୍ୟମରେ ଏହି ସରକାର ଗଠନ ହୋଇଛି। ଆନ୍ଦୋଳନରତ ଯୁବକଙ୍କୁ ମୋ ସରକାର ଗୁଳି କରିବାକୁ ଆଦେଶ ଦେଇ ନଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। କିନ୍ତୁ ଏଥିପାଇଁ ଆମକୁ ମୂଲ୍ୟ ଦେବାକୁ ହୋଇଥିଲା। ମୋତେ ଧମକ ମିଳୁଥିବା ବେଳେ ସରକାର ସୁରକ୍ଷା ଦେଇ ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

## ଜାତିସଂଘ ମୁଖ୍ୟାଳୟ ସାମ୍ନାରେ ୟୁନୁସଙ୍କ ବିରୋଧରେ ବିକ୍ଷୋଭ

ୱାଶିଂଟନ, ୨୭।୯(ଏଜେନ୍ସି): ବାଂଲାଦେଶ ପ୍ରବାସୀ ଶୁକ୍ରବାର ଜାତିସଂଘ ମୁଖ୍ୟାଳୟ ଆଗରେ ବାଂଲାଦେଶ ଅନ୍ତରୀଣ ସରକାର ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ୟୁନୁସଙ୍କୁ ପାକିସ୍ତାନୀ ବୋଲି ଆଖ୍ୟା ଦେଇଥିଲେ। ୟୁନୁସ ପାକିସ୍ତାନ ଫେରିଯାଆନ୍ତୁ ବୋଲି ସେମାନେ ସ୍ଲୋଗାନ ଦେଇଥିଲେ। ୟୁନୁସ ବାଂଲାଦେଶକୁ ତାଲିବାନ ଭଳି ଦେଶରେ ପରିଣତ କରିବାକୁ ପ୍ରୟାସ କରୁଛନ୍ତି ଓ ସେ ଇସ୍‌ଲାମିକ୍ ଜିହାଦୀ କଟରପନ୍ଥୀଙ୍କ ସହ ମିଶି କାର୍ଯ୍ୟ କରୁଛନ୍ତି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ୨୦୨୪ ଅଗଷ୍ଟ ୫ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ପଦରୁ ହଟାଇବା ପରେ, ଅଳ୍ପସଂଖ୍ୟକ ଖାସ୍ କରି ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢ଼ାଇବା ନେଇ ୟୁନୁସଙ୍କ ବିରୋଧରେ ଅଭିଯୋଗ ଆସିଛି। ୟୁନୁସ କ୍ଷମତାକୁ ଆସିବା ପରେ ବାଂଲାଦେଶରେ ମାନବାଧିକାରର ପ୍ରବଳ ଉଲ୍ଲଂଘନ ହୋଇଛି ଓ ଏଥିପାଇଁ କେତେକ ଲୋକ ଦେଶ ଛାଡି ଚାଲିଯିବାକୁ ବାଧ ହୋଇଛନ୍ତି। କେବଳ ସେତିକି ନୁହେଁ, ହସିନା ସରକାରଙ୍କୁ ବେଆଇନ ଭାବେ କ୍ଷମତାରୁ ହଟାଯାଇଛି। ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିଆନ୍ ଓ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ଉପରେ ଅତ୍ୟାଚାରକୁ ଆମେ ବିରୋଧ କରୁଛି ବୋଲି ପ୍ରବାସୀ ବାଂଲାଦେଶୀ କହିଛନ୍ତି। ହିନ୍ଦୁ ନେତା ଚିନ୍ମୟ କୃଷ୍ଣ ଦାସଙ୍କୁ ଜେଲ୍‌ରୁ ଖଲାସ କରାଯାଉ ବୋଲି ସେ ସେମାନେ ଦାବି କରିଛନ୍ତି। ୟୁନୁସ ଚିନ୍ମୟଙ୍କୁ ବେଆଇନ ଭାବେ ଜେଲ୍‌ରେ ରଖିଛନ୍ତି।

## କପିଲ ଶର୍ମାଙ୍କୁ ଧମକ ଦେଇଥିବା ବ୍ୟକ୍ତି ଗିରଫ

ନୂଆଦିଲ୍ଲୀ, ୨୭।୯(ଏଜେନ୍ସି): କମେଡିଆନ କପିଲ ଶର୍ମାଙ୍କୁ ମେଲ୍ ଜରିଆରେ ହତ୍ୟା ଧମକ ଦେବା ସହ ୧ କୋଟି ଟଙ୍କାର ଦାଦାବଟି ମାଗିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ମୁମ୍ବାଇ କ୍ରାଇମ୍ ବ୍ରାଞ୍ଚ ଏହି ବ୍ୟକ୍ତିକୁ ପଶ୍ଚିବବଙ୍ଗର ୨୪ ପ୍ରଗଣାରୁ ଗିରଫ କରିଛି। ଧମକ ଦେଇଥିବା ଏହି ବ୍ୟକ୍ତି ହେଉଛନ୍ତି ଦିଲୀପ ଚୌଧୁରୀ। ଦିଲୀପ ନିଜକୁ ଗ୍ୟାଙ୍ଗଷ୍ଟର ଗୋଲ୍ଡି ବରାର ଓ ରୋହିତ ଗୋଦାରା ଗ୍ୟାଙ୍ଗର ସଦସ୍ୟ ଭାବେ ପରିଚୟ ଦେଇ କପିଲଙ୍କଠାରୁ ୧ କୋଟି ଟଙ୍କାର ଦାଦାବଟି ମାଗିଥିଲା।

## ରାଜସ୍ଥାନ, ମଧ୍ୟପ୍ରଦେଶ, ମୁମ୍ବାଇରେ ପ୍ରବଳ ବର୍ଷା ଆଶଙ୍କା

ନୂଆଦିଲ୍ଲୀ, ୨୭।୯(ଏଜେନ୍ସି): ମୌସୁମୀ ବାୟୁ ଶୁକ୍ରବାର ରାଜସ୍ଥାନରୁ ନିର୍ଦ୍ଧାରିତ ସମୟର ୪ ଦିନ ପୂର୍ବରୁ ବିଦାୟ ନେଇଛି। ସେହିପରି ମଧ୍ୟପ୍ରଦେଶର ୧୧ଟି ଜିଲ୍ଲାରୁ ମୌସୁମୀ ବିଦାୟ ନେଇ ସାରିଛି। ଏହା ସତ୍ତ୍ୱେ ଏହି ଦୁଇଟି ରାଜ୍ୟରେ ବର୍ଷା ଏବେ ମଧ ଜାରି ରହିଛି। ଶନିବାରଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଦୁଇଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରିଛି। ସେହିପରି ତେଲଙ୍ଗାନାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଛି। ସେହିପରି ମୁମ୍ବାଇରେ ଶନିବାର ସକାଳୁ ବର୍ଷା ଜାରି ରହିଛି। ଦିନସାରା ବର୍ଷା ହେବ ବୋଲି ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ହାଇଦରାବାଦ୍‌ରେ ଗତ ରାତିରେ ମୂଷଳଧାରାରେ ବର୍ଷା ହୋଇଛି। ଫଳରେ ସହରର କେତେକ ଅଞ୍ଚଳରେ ୨ରୁ ୩ ଫୁଟ୍ ପର୍ଯ୍ୟନ୍ତ ପାଣି ପଶିଯାଇଛି। ଏହାକୁ ଦୃଷ୍ଟିରେ ରଖି ହିମାୟତା ସାଗର ଜଳାଶୟର ଗୋଟିଏ ଗେଟ୍‌କୁ ଖୋଲି ଦିଆଯାଇଛି। ଫଳରେ ସ୍ଥିତି ଆହୁରି ବିଗିଡି ଯାଇଛି। ସହରର ବିଭିନ୍ନ ସ୍ଥାନରେ ଫସି ରହିଥିବା ୫୫ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି। ଚାଦରଘାଟ ନିକଟରେ ମୁସି ନଦୀରେ ପ୍ରବଳ ବନ୍ୟା ଆସିଛି।

## ପାକିସ୍ତାନ, ଚୀନ୍ ସୀମାରେ ମୁତୟନ ହେବ ‘ଅନନ୍ତ ଶସ୍ତ୍ର’

ନୂଆଦିଲ୍ଲୀ, ୨୭।୯(ଏଜେନ୍ସି): ଭାରତୀୟ ସେନାର ଏୟାର ଡିଫେନ୍ସ ସିଷ୍ଟମ ଆହୁରି ଦୃଢ଼ ତଥା ଶକ୍ତିଶାଳୀ ହେବାକୁ ଯାଉଛି। ଏଥିପାଇଁ ଭାରତ ଇଲେକଟ୍ରୋନିକ୍ସ ଲିମିଟେଡ (ବିଇଏଲ)କୁ ସେନା ଏକ ବଡ଼ ଟେଣ୍ଡର ପ୍ରଦାନ କରିଛି। ପାଖାପାଖି ୩୦ ହଜାର କୋଟି ଟଙ୍କା ବିନିମୟରେ ‘ଅନନ୍ତ ଶସ୍ତ୍ର’ ସରଫେସ୍ ଟୁ ଏୟାର ଅର୍ଥାତ ଭୂପୃଷ୍ଠରୁ ଆକାଶ ମିସାଇଲ ୱିପନ ସିଷ୍ଟମ କ୍ରୟ କରିବା ପାଇଁ ଟେଣ୍ଡର ଜାରି କରିବ। ଏହାକୁ ଡିଫେନ୍ସ ରିସର୍ଚ୍ଚ ଡେଭଲପମେଣ୍ଟ ଅର୍ଗାନାଇଜେସନ (ଡିଆରଡିଓ) ତିଆରି କରିବ। ପୂର୍ବରୁ ଏହାକୁ କୁଇକ୍ ରିଆକସନ ସରଫେସ ଟୁ ଏୟାର ମିସାଇଲ (କ୍ୟୁଆରଏସ୍‌ଏଏମ୍) କୁହାଯାଉଥିଲା। ଏବେ ଏହାର ନାମ ପରିବର୍ତ୍ତନ କରାଯାଇଛି ‘ଅନନ୍ତ ଅସ୍ତ୍ର’ ରଖାଯାଇଛି। ଅନନ୍ତ ଅସ୍ତ୍ରର ୫ରୁ ୬ଟି ରେଜିମେଣ୍ଟ କିଣାଯିବ ଓ ଏହାକୁ ପାକିସ୍ତାନ ଓ ଚୀନ୍ ସୀମାରେ ନିୟୋଜିତ କରାଯିବ। ଅନନ୍ତ ଅସ୍ତ୍ର ଚାଲୁଥିବା ବେଳେ ଶତ୍ରୁର ଟାର୍ଗେଟକୁ ମାଡ଼ କରିବାର କ୍ଷମତା ରଖୁଛି। ପୁଣି ବହୁତ କମ୍ ସମୟ ମଧ୍ୟରେ ଏହା ଫାୟାର କରିପାରିବ। ଏହା ୩୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟକୁ ଭେଦ କରିପାରିବ। ଏହା ସେନାରେ ଏବେ ଥିବା ଆକାଶତୀର ମିଡିୟମ ରେଞ୍ଜ ସରଫେସ୍ ଟୁ ଏୟାର ମିସାଇଲ (ଏମ୍‌ଆରଏସ୍‌ଏଏମ୍) ସିଷ୍ଟମକୁ ସହାୟତା ପ୍ରଦାନ କରିବ। ଅନନ୍ତ ଅସ୍ତ୍ରକୁ ଦିନ ଓ ରାତିରେ ସଫଳତାର ସହ ପରୀକ୍ଷଣ କରାଯାଇଛି। ଚଳିତ ବର୍ଷ ଅପରେସନ ସିନ୍ଦୂର ପରେ ଏହି ପ୍ରକଳ୍ପକୁ ସବୁଜ ସଙ୍କେତ ପ୍ରଦାନ କରାଯାଇଥିଲା। ଅପରେସନ ସିନ୍ଦୂର ସମୟରେ ପାକିସ୍ତାନର ଡ୍ରୋନ ଓ ମିସାଇଲ ଆକ୍ରମଣକୁ ସେନାର ଏୟାର ଡିଫେନ୍ସ ୟୁନିଟ୍ ବନ୍ଧୁକ ଓ ମିସାଇଲ୍ ଦ୍ୱାରା ନିଷ୍କ୍ରିୟ କରିଥିଲା। ସେନାକୁ ଏବେ ଆହୁରି କେତୋଟି ସ୍ୱଦେଶୀ ଅସ୍ତ୍ର ମିଳିବ। ଏହିକ୍ରମରେ ସେନାକୁ ରାଡାର, ସର୍ଟ ରେଞ୍ଜ ଏୟାର ୱିପନ, ଜାମର ଓ ଲେଜର ଆଧାରିତ ଆଣ୍ଟି ଡ୍ରୋନ୍ ସିଷ୍ଟମ ମଧ୍ୟ ସେନାକୁ ମିଳିବ। ସେନା ଏବେ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ଉପରେ ଅଧିକ ଭରସା କରୁଛି। ଅପରେସନ ସିନ୍ଦୂରରେ ଆକାଶତୀର ଡିଫେନ୍ସ ସିଷ୍ଟମ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା।

### ମୁନୀରଙ୍କୁ ନିଲମ୍ବନ କରିବା ପ୍ରଶ୍ନରେ ଫସିଲେ ପାକିସ୍ତାନ ମନ୍ତ୍ରୀ

## ଦେଶରେ ହାଇବ୍ରିଡ୍ ସରକାର ଚାଲିଛି

ଇସଲାମାବାଦ, ୨୭।୯ (ଏଜେନ୍ସି): ପାକିସ୍ତାନ ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ ପୁଣିଥରେ ନିଜ ଦେଶର ମୁଖା ଖୋଲି ଦେଇଛନ୍ତି। ସେ ସାରା ବିଶ୍ୱରେ ପାକିସ୍ତାନର ସତକୁ ଉଜାଗର କରି ନିଜେ ଫସି ଯାଇଛନ୍ତି। ପାକିସ୍ତାନ ସେନା ଏବଂ ସରକାର ମିଳିମିଶି ସହମତିରେ ଦେଶରେ ହାଇବ୍ରିଡ ସରକାର ଚଳାଉଛନ୍ତି ବୋଲି ସେ ଏକ ସାକ୍ଷାତକାରରେ ସ୍ୱୀକାର କରିଛନ୍ତି। ଏହା ସହିତ ଆମେରିକାକୁ ମଧ ସମାଲୋଚନା କରିଛନ୍ତି। ନିଜ ଦେଶକୁ ସୁରକ୍ଷା ଦେବାକୁ ଯାଇ ଆମେରିକା ଗଣତନ୍ତ୍ରକୁ ‘ଡିପ୍ ଷ୍ଟେଟ୍’ କହିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ବିଷୟରେ ପଚାରିବାରୁ ଆସିଫ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଛନ୍ତି।


ସାକ୍ଷାତକାରରେ ଉପସ୍ଥାପକ ଆସିଫଙ୍କୁ ପଚାରି ଥିଲେ ଯେ ପ୍ରତିରକ୍ଷା ମନ୍ତ୍ରୀଙ୍କଠାରୁ ପାକିସ୍ତାନ ସେନାମୁଖ୍ୟ ଅଧିକ କ୍ଷମତାଶାଳୀ। ତେବେ ଉତ୍ତରରେ ସେ ନା କରିଥିଲେ ଏବଂ ନିଜକୁ ନିର୍ବାଚିତ ପ୍ରତିନିଧି ଦର୍ଶାଇ ଥିଲେ। ପରେ ଉପସ୍ଥାପକ ପ୍ରଶ୍ନ କରିଥିଲେ ଯେ ଆମେରିକାରେ ପ୍ରମୁଖ ଜେନେରାଲଙ୍କୁ ପ୍ରତିରକ୍ଷାମନ୍ତ୍ରୀ ପଦରୁ ହଟାଇ ପାରିବେ। କିନ୍ତୁ ପାକିସ୍ତାନରେ ଏପରି ହେଉନାହିଁ। ଉତ୍ତରରେ ଆସିଫ କହିଥିଲେ ଯେ ପାକିସ୍ତାନରେ ସାମିରକ ଶାସକଙ୍କ ଯୋଗୁଁ ସେନାର ପ୍ରଭାବ ଅଧିକ ରହିଛି। କିନ୍ତୁ ଆମେରିକାରେ ଡିପ୍ ଷ୍ଟେଟ ରହିଛି। ଏହା ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛି। ପାକିସ୍ତାନ ସେନାମୁଖ୍ୟ ଅସୀମ ମୁନୀରଙ୍କ ସହ ମତଭେଦ ହେଲେ ସହମତିର ସହ କାମ କରାଯାଇଥାଏ। ସହମତି ନ ହେଲେ ବି ମିଳିମିଶି ନିଷ୍ପତ୍ତି ନିଆଯାଇଥାଏ। ଆସିଫ ଦାବି କରିଥିଲେ ଯେ ଇମ୍ରାନ ଖାନ୍ ରାୱଲପିଣ୍ଡିର ଆଦିୟାଲା ଜେଲ୍‌ରୁ ନିଜ ଏକ୍ସ ଆକାଉଣ୍ଟ ଚଲାଉଛନ୍ତି। କିନ୍ତୁ ଏହି ସମୟରେ ଉପସ୍ଥାପକ ତାଙ୍କ ପୁରୁଣା ମନ୍ତବ୍ୟକୁ ମନେ ପକାଇ ଦେବାରୁ ଆସିଫ ଫସି ଯାଇଥିଲେ । ପୂର୍ବରୁ ଭାରତରୁ ଇମ୍ରାନଙ୍କ ଆକାଉଣ୍ଟ ଚଳା ଯାଉଥିବା ନେଇ ସେ ଦାବି କରିଥିଲେ। ସତ କ’ଣ ବୋଲି ସେ ପଚାରି ଥିଲେ। ଏହାର ଉତ୍ତରରେ ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ ଇମ୍ରାନ ଜେଲ୍‌ରୁ ନିଜ ଆକାଉଣ୍ଟ ଚଲାଉ ଥିବେ, ନଚେତ ଏହାକୁ କିଏ ଚଳାଉଛି ବୋଲି ସେ କହିବା ଉଚିତ।

## ମା’ ସାମ୍ନାରେ ମୁଣ୍ଡ କାଟି ୫ ବର୍ଷର ପୁଅକୁ ହତ୍ୟା

ଧାର, ୨୭।୯(ଏଜେନ୍ସି): ମଧ୍ୟପ୍ରଦେଶର ଧାର ସହର ନିକଟସ୍ଥ ଏକ ଛୋଟିଆ ଗାଁରେ ଶୁକ୍ରବାର ଏକ ହୃଦୟ ବିଦାରକ ଘଟଣା ଘଟିଛି। ଜଣେ ମା’ଙ୍କ ସାମ୍ନାରେ ତାଙ୍କର ୫ ବର୍ଷର ପୁଅକୁ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ମୁଣ୍ଡ କାଟି ହତ୍ୟା କରିଛି। ଏଥିରେ ଉତକ୍ଷିପ୍ତ ହୋଇ ଗାଁ ଲୋକେ ଅଭିଯୁକ୍ତକୁ ପଟିପିଟି ହତ୍ୟା କରିଛନ୍ତି। ୨୫ ବର୍ଷୀୟ ମହେଶ ନାମକ ଜଣେ ଯୁବକ ଏକ ବାଇକ୍‌ରେ ଆସି କାଲୁ ସିଂଙ୍କ ଘରେ ପହଞ୍ଚିଥିଲେ। ତାଙ୍କୁ ପରିବାର ଲୋକ ପୂର୍ବରୁ କେବେ ଦେଖି ନ ଥିଲେ କି ଜାଣି ନ ଥିଲେ। ମହେଶ ସେଠାରେ ହଠାତ ପହଞ୍ଚିବା ପରେ ପଡ଼ିଥିବା ଏକ ଧାରୁଆ ଅସ୍ତ୍ର ଉଠାଇ ବିକାଶ ନାମକ ଶିଶୁର ମୁଣ୍ଡ କାଟି ଦେଇଥିଲା ବୋଲି ଜଣେ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ବିକାଶର ମା’ ତାକୁ ବଞ୍ଚାଇବାକୁ ପ୍ରୟାସ କରିଥିଲେ କିନ୍ତୁ ଏହି ଆକ୍ରମଣରେ ସେ ଆହତ ହୋଇଥିଲେ। ତାଙ୍କ ପାଟି ଶୁଣି ଗାଁ ଲୋକ ଏକାଠି ହୋଇଥିଲେ ଓ ମହେଶକୁ ଧରି ପିଟିଥିଲେ। ହସ୍ପିଟାଲ ନିଆଯିବା ବାଟରେ ମହେଶ ମୃତ୍ୟୁବରଣ କରିଥିଲା ବୋଲି ଧାର ଏସ୍‌ପି ମୟଙ୍କ ଅବସ୍ଥି କହିଛନ୍ତି। ମୃତଦେହର ବ୍ୟବଚ୍ଛେଦ ପରେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ଏହି ଡବଲ୍ ମର୍ଡର ମାମଲାରେ ବିଚାରବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ମହେଶର ଘର ଅଲିରାଜପୁର ଜିଲ୍ଲାର ଜୋବାଟ ବାଗଡ଼ିରେ। ସେ ମାନସିକ ବିକୃତିର ଶିକାର ହୋଇଥିଲା ଓ ଗତ ୩-୪ ଦିନ ହେବ ଘରକୁ ଆସି ନଥିଲା ବୋଲି ତା’ର ପରିବାର ଲୋକେ କହିଛନ୍ତି।

# ୱାଙ୍ଗଚୁକ୍‌ଙ୍କ ପାଇଁ ଅଡୁଆ ବଢ଼ିଲା

ଲେହ, ୨୭।୯(ଏଜେନ୍ସି): ଲଦାଖ ହିଂସା ପାଇଁ ଗିରଫ ହୋଇଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ରାଜସ୍ଥାନର ଜୟପୁର ଜେଲ୍‌କୁ ପଠାଇ ଦିଆଯାଇଛି।



ଇତିମଧ୍ୟରେ ୱାଙ୍ଗଚୁକ୍‌ଙ୍କୁ ନେଇ ଲଦାଖ ଡିଜିପି ଏସ୍‌ଡି ସିଂ ଜାମୱାଲ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ୱାଙ୍ଗଚୁକ୍‌ଙ୍କ ସହ ପାକିସ୍ତାନ ଗୁଇନ୍ଦା ସଂସ୍ଥା (ପିଆଇଓ) ସଦସ୍ୟର ସମ୍ପର୍କ ଥିଲା। ପିଆଇଓର ଏହି ସଦସ୍ୟଙ୍କୁ ପୁଲିସ କିଛି ଦିନ ତଳେ ଧରିଥିଲା। ସେ ଜରୁରୀ ସୂଚନା ପାକିସ୍ତାନକୁ ପଠାଉଥିଲା। ଆମ ପାଖରେ ଏହାର ରେକର୍ଡ ଅଛି ବୋଲି ସେ କହିଛନ୍ତି। କେବଳ ସେତିକି ନୁହଁ ୱାଙ୍ଗଚୁକ୍ ପାକିସ୍ତାନର ଜଣାଶୁଣା ଖବର କାଗଜ ଡନ୍‌ର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏବେ ଏହି ସବୁ ମାମମଲାର ଯାଞ୍ଚ୍ କରାଯାଉଛି। ୱାଙ୍ଗଚୁକଙ୍କ ଗତିବିଧି ସନ୍ଦେହଜନକ ଥିଲା ବୋଲି ସେ କହିଛନ୍ତି।

### ପାକିସ୍ତାନୀ ଗୁଇନ୍ଦା ସହ ସଂପର୍କ ଥିଲା: ଡିଜି

### ବାଂଲାଦେଶ ଗସ୍ତରେ ବି ଯାଇଥିଲେ

ୱାଙ୍କଚୁକ୍‌ଙ୍କୁ ପୁଲିସ ତାଙ୍କ ଗାଁ ଉଲ୍ୟକୋଟୋପେରୁ ଗିରଫ କରିଥିଲା। ତାଙ୍କୁ ବିମାନ ଯୋଗେ ରାଜସ୍ଥାନର ଯୋଧପୁର କେନ୍ଦ୍ରୀୟ ଜେଲ୍‌କୁ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ରାଷ୍ଟ୍ରୀୟ ସୁରକ୍ଷା ଆଇନ୍ (ଏନ୍‌ଏସ୍‌ଏ) ଲଗାଯାଇଛି। ଏହା ଅନୁସାରେ ବିନା ଜାମିନରେ ତାଙ୍କୁ ଦୀର୍ଘ ଦିନ ଧରି ଜେଲ୍‌ରେ ରଖାଯାଇପାରିବ। ଗତ ସେପ୍ଟେମ୍ବର ୨୪ରେ ଲେହରେ ହୋଇଥିବା ହିଂସା ପାଇଁ ତାଙ୍କୁ ସରକାର ଦାୟୀ କରିଛନ୍ତି। ସେ ଉତ୍ତେଜିତ କଲା ଭଳି ମନ୍ତବ୍ୟ ଦେବା କାରଣରୁ ଆନ୍ଦୋଳନ ହିଂସାର ରୂପ ନେଇଥିଲା ବୋଲି ପୁଲିସ୍ କହିଛି। ଏଥିରେ ୪ ଜଣ ଯୁବକ ମୃତ୍ୟୁବରଣ କରିଥିବା ବେଳେ ୮୦ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ୪୦ଜଣ ପୁଲିସକର୍ମୀ ସାମିଲ ଥିଲେ। ଏହି ଘଟଣାରେ ଏପର୍ଯ୍ୟନ୍ତ ୬୦ ଜଣଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ଅପରାହ୍ଣ ୨.୩୦ରେ ସାମ୍ବାଦିକ ସମ୍ମିଳନୀ କରିବା ପୂର୍ବରୁ ତାଙ୍କୁ ଗିରଫ କରାଯାଇଥିଲା। ଯେତେବେଳେ ସେ ଲେହରେ ପହଞ୍ଚି ନଥିଲେ ଆୟୋଜକଙ୍କ ସନ୍ଦେହ ହୋଇଥିଲା। ପରେ ଗିରଫ ହେବା ନେଇ ଖବର ମିଳିଥିଲା। କିନ୍ତୁ ଏହା ସତ୍ତ୍ୱେ ସମ୍ବାଦିକ ସମ୍ମିଳନୀ ହୋଇଥିଲା। ଯୁବକମାନେ ନିୟନ୍ତ୍ରଣ ବାହାରକୁ ଯାଇ ହିଂସା କରିଥିଲେ ବୋଲି ଆୟୋଜକ ସ୍ୱୀକାର କରିଛନ୍ତି। ତେବେ ଏଥିରେ କୌଣସି ବିଦେଶୀ ଶକ୍ତିଙ୍କର ହାତ ନାହିଁ ବୋଲି ସେମାନେ କହିଛନ୍ତି। ଲେହ ଆପେକ୍ସ ବଡି (ଏଲ୍‌ଏବି)ର ଉପାଧକ୍ଷ ଚୋରିଂ ଦୋର୍ଜେ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ପୁଲିସ ଓ ସିଆରପିଏଫ୍ ଚେତାବନୀ ଦେଇ ନଥିଲା କି ପାଣି ପକାଇ ନଥିଲା। ସିଧା ଆଖିବୁଜା ଗୁଳି ଚଳାଇଥିଲା। ପୁଣି କେନ୍ଦ୍ର ଗୃହମନ୍ତ୍ରଣାଳୟ ଆଲୋଚନା ପାଇଁ ଡକାଉ ନାହିଁ। ତେଣୁ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଧମକ ଦିଆଯାଇଛି।

## ହରିୟାଣାରେ ୩.୪ ତୀବ୍ରତାର ଭୂକମ୍ପ

ସୋନିପତ, ୨୭।୯(ଏଜେନ୍ସି): ହରିୟାଣାର ସୋନିପତ ଜିଲ୍ଲାରେ ଗତ ରାତିରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲାରେ ୩.୪ ଥିଲା। ଅଚାନକ ଏହି ଭୂକମ୍ପର ଝଟ୍‌କାରେ ଲୋକଙ୍କ ନିଦ ଭାଙ୍ଗିଯାଇଥିଲା ଓ ସେମାନେ ଘରୁ ବାହାରକୁ ଚାଲିଯାଇଥିଲେ। କିନ୍ତୁ କେହି କିଛି ଜାଣି ପାରି ନଥିଲେ। ମିଳିଥିବା ସୂଚନା ମୁତାବକ, ଭୂକମ୍ପ ରାତି ୧.୪୭ ମିନିଟ୍‌ରେ ଆସିଥିଲା। ଏହାର କେନ୍ଦ୍ର ସୋନିପତ ଥିଲା। ହାଲ୍‌କା ଝଟ୍‌କା ହୋଇଥିଲେ ମଧ ଏହା ସ୍ପଷ୍ଟ ଭାବେ ଅନୁଭବ କରାଯାଇଥିଲା। ଭୂକମ୍ପ ଝଟ୍‌କା ପରେ ଆତଙ୍କ ଖେଳିଯାଇଥିଲା। କିନ୍ତୁ କୌଣସି ପ୍ରକାର ଧନଜୀବନର କ୍ଷତି ହୋଇନାହିଁ ବୋଲି କୁହାଯାଇଛି। ଉତ୍ତରାଖଣ୍ଡର ଡେରାଡୁନ୍‌ଠାରୁ ହରିୟାଣାର ମହେନ୍ଦ୍ରଗଡ଼ ଜିଲ୍ଲା ପର୍ଯ୍ୟନ୍ତ ମାଟି ତଳେ ଏକ ଫ୍ଲାଟ ଲାଇନ୍ ଅଛି। ଏଥିରେ ଯେତେବେଳେ ପ୍ଲେଟ ମୁଭ୍‌ମେଣ୍ଟ ହୋଇଥାଏ, ସେତେବେଳେ ପ୍ଲେଟଗୁଡିକ ପରସ୍ପରକୁ ଧକ୍କା ଦେଇଥାନ୍ତି। ଫଳରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥାଏ ବୋଲି ଭୂକମ୍ପ ବିଜ୍ଞାନ କେନ୍ଦ୍ର ତରଫରୁ କୁହାଯାଇଛି। ଏହି କାରଣରୁ ହରିୟାଣାରେ ବାରମ୍ବାର ଭୂକମ୍ପ ଅନୁଭୂତ ହୋଇଥାଏ।



ଶୀତଲ ଦେବୀ
ବିଶ୍ୱ ଚାମ୍ପିଅନ୍
▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-95 ◆SUNDAY ◆28 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୯୫ ◆ରବିବାର ◆୨୮ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)







## ଅର୍ଥନୀତିକୁ ଅଡୁଆ ଟ୍ରମ୍ପ ନୀତି | ୬ ଦିନରେ ବୁଡ଼ିଲା ୧୬ ଲକ୍ଷ କୋଟି

■ **ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି):** ଦ୍ୱିତୀୟ ଥର ଦାୟିତ୍ୱ ଗ୍ରହଣ କରିବା ଦିନ ଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଚାଲିଛନ୍ତି। କେତେବେଳେ ଚଢ଼ା ଶୁଳ୍କ ଲଗାଉଛନ୍ତି ତ, ଆଉ କେବେ ଭିସା ଦେୟକୁ ଅଚାନକ ବୃଦ୍ଧି କରି କମ୍ପାନୀ ଏବଂ ନିବେଶକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି ଯୋଗୁଁ ବିଶ୍ୱ ଅର୍ଥନୀତି ଅସ୍ଥିର ହୋଇପଡ଼ିଛି। ଭାରତୀୟ ସେୟାର ବଜାର ମଧ୍ୟ ଏଥିରେ ଭୀଷଣ ଭାବେ ପ୍ରଭାବିତ ହେଉଛି। ଏଚ୍-୧ବି ଭିସା ଦେୟ ବଢ଼ାଇବା ପାଇଁ ଟ୍ରମ୍ପ ନେଇଥିବା ନିଷ୍ପତ୍ତି ନିବେଶକଙ୍କ ଅଣ୍ଟା ଭାଙ୍ଗି ଦେଇଛି। ଏଥିପାଇଁ ଗତ ସପ୍ତାହରେ ନିବେଶକମାନଙ୍କର ୧୬ ଲକ୍ଷ କୋଟି ଟଙ୍କା ବୁଡି ଯାଇଛି। ନିଫ୍ଟି୫୦ ପ୍ରାୟ ୩ ପ୍ରତିଶତ ହ୍ରାସ ପାଇଛି। ଆଇଟି ସୂଚକାଙ୍କ ୮ ପ୍ରତିଶତ ଖସି ଆସିଛି। ଟଙ୍କା ତୁଳନାରେ ଡଲାର ମଜବୁତ ହେଉଥିବାରୁ ବିଦେଶୀ ପାଣ୍ଠି ଭାରତ ବାହାରକୁ ଯିବାରେ ▶ପୃଷ୍ଠା-୭

## ଝାରସୁଗୁଡ଼ାରେ ପ୍ରଧାନମନ୍ତ୍ରୀ
# ୬୦ ହଜାର କୋଟିର ପ୍ରକଳ୍ପ ଭେଟି



### ୯୭,୫୦୦ ମୋବାଇଲ୍ ୪ଜି ଟାୱାରର ଲୋକାର୍ପଣ
### ବ୍ରହ୍ମପୁର-ସୁରତ 'ଅମୃତ ଭାରତ' ଟ୍ରେନର ଶୁଭାରମ୍ଭ

■ **ଭୁବନେଶ୍ୱର/ଝାରସୁଗୁଡ଼ା, ୨୭।୯ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିନିକିଆ ଝାରସୁଗୁଡା ଗସ୍ତରେ ଆସି ୬୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଦୂରସଞ୍ଚାର, ରେଳବାଇ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ, ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ର ସମେତ ଅନ୍ୟାନ୍ୟ କ୍ଷେତ୍ର ରହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଏସ୍ଏନ୍ଏଲର ନୂତନ ଅବତାର ଉନ୍ମୋଚନ କରି ଏହାର ସ୍ୱଦେଶୀ ୪ଜି ସେବାର ଶୁଭାରମ୍ଭ କରିଛନ୍ତି। ଏହାସହିତ ଓଡ଼ିଶାରେ ଶିକ୍ଷା, ଦକ୍ଷତା ବିକାଶ ଏବଂ ଯୋଗାଯୋଗ ସହିତ ସଂପୃକ୍ତ ଅନେକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ ସହ ବ୍ରହ୍ମପୁରରୁ ସୁରତ ପର୍ଯ୍ୟନ୍ତ ଆଧୁନିକ ଅମୃତ ଭାରତ ଟ୍ରେନକୁ ପତାକା ଦେଖାଇ ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏହି ସମସ୍ତ ବିକାଶମୂଳକ ପଦକ୍ଷେପ ପାଇଁ ସେ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଢ଼ ବର୍ଷ ପୂର୍ବେ ବିଧାନସଭା ନିର୍ବାଚନ ସମୟରେ ଓଡ଼ିଶାବାସୀ ନୂତନ ପ୍ରତିବଦ୍ଧତା ସହିତ ଏକ ବିକଶିତ ଓଡ଼ିଶା ଆଡ଼କୁ ଆଗକୁ ବଢ଼ିବାକୁ ସଂକଳ୍ପ ନେଇଥିଲେ। ଆଜି କେନ୍ଦ୍ର ଏବଂ ରାଜ୍ୟରେ ସେମାନଙ୍କ ସରକାରଙ୍କ ବିକାଶ ଧାରା ସହିତ ଓଡ଼ିଶା ଦ୍ରୁତ ଗତିରେ ପ୍ରଗତି କରୁଛି। ଆମ ସରକାର ଗରିବଙ୍କ ସେବା ଏବଂ ସଶକ୍ତୀକରଣ ପାଇଁ ସଂକଳ୍ପବଦ୍ଧ। ଆଜିର କାର୍ଯ୍ୟକ୍ରମ ଏହି ପ୍ରତିବଦ୍ଧତାର ପ୍ରମାଣ ବୋଲି ସେ କହିଛନ୍ତି।

ଆଜିର କାର୍ଯ୍ୟକ୍ରମରେ ଦୂରସଞ୍ଚାର ସଂଯୋଗ କ୍ଷେତ୍ରରେ, ପ୍ରଧାନମନ୍ତ୍ରୀ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ସହିତ ପ୍ରାୟ ୩୭,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୯୭,୫୦୦ରୁ ଅଧିକ ମୋବାଇଲ୍ ୪ଜି ▶ପୃଷ୍ଠା-୭

## 'ହାର୍ଟ ବିଟ୍' ପରିଦର୍ଶନ କଲେ ନବୀନ



■ **ଭୁବନେଶ୍ୱର, ୨୭।୯ (ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନୂଆଦିଲ୍ଲୀସ୍ଥିତ ବିକାନିର୍ ହାଉସ୍‌ରେ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଆଧାରିତ ବନ୍ୟପ୍ରାଣୀ ଦାତବ୍ୟ ପ୍ରଦର୍ଶନୀ (ୱାଇଲ୍ଡଲାଇଫ୍ ଚାରିଟି ଏକ୍ସିବିସନ) 'ହାର୍ଟ ବିଟ୍'କୁ ପରିଦର୍ଶନ କରିଛନ୍ତି। ଏସିଆନ୍ ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଏବଂ ଏସିଆନ୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ପଦ୍ମଭୂଷଣ ଡା. ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଥିମ୍ ରହିଥିଲା 'ବନ୍ୟପ୍ରାଣୀ: ଆମ ସହଭାଗୀ ଭବିଷ୍ୟତ ବା ▶ପୃଷ୍ଠା-୭

## କଲବଲ କରୁଛି 'ଲେଉଟାଣି ମୌସୁମୀ'

### ୧ ରେ ପୁଣି ଏକ ଲଘୁଚାପ
### ୩୦ ଜିଲ୍ଲାକୁ ସତର୍କତା ଜାରି

■ **ଭୁବନେଶ୍ୱର, ୨୭।୯ (ସମିସ):** ଲେଉଟାଣି ସମୟରେ ମୌସୁମୀ କଲବଲ କରୁଛି। ସେପ୍ଟେମ୍ବର ୧୫ ତାରିଖରୁ ରାଜସ୍ଥାନରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିଥିବା ଚଳିତ ଋତୁର ମୌସୁମୀ ଉତ୍ତର ଭାରତରେ ପ୍ରବଳ ବର୍ଷା କରାଇ ଭୂସ୍ଖଳନ ଓ ବନ୍ୟା ସ୍ଥିତି ସୃଷ୍ଟି କରିଥିବା ବେଳେ ଓଡ଼ିଶାରେ ମଧ୍ୟ ବିଭିନ୍ନ ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି କରିଛି। ବିଶେଷକରି ଗତ ୨୫ ତାରିଖରୁ ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ଲଘୁଚାପଜନିତ ଲଗାଣ ବର୍ଷା ଜନଜୀବନକୁ ବ୍ୟାହତ କରିଛି। ସଂପ୍ରତି ଦକ୍ଷିଣ-ଓଡ଼ିଶାରେ ସକ୍ରିୟ ରହିଥିବା ଅବପାତ ଧୀରେ ଧୀରେ ଦୁର୍ବଳ ହୋଇ ଘଣ୍ଟା ପ୍ରତି ୧୬ କିମି ବେଗରେ ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଛତିଶଗଡ଼ ଆଡ଼କୁ ଗତି କରୁଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା କ୍ରମଶଃ ଦୁର୍ବଳ ହୋଇ ସୁଦୃଶ୍ୟ ଲଘୁଚାପରେ ପରିଣତ ହେବ। ଏହା ପ୍ରଭାବରେ ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଫଳରେ ମହାନଦୀର ଉପରମୁଣ୍ଡରେ ବନ୍ୟାଜଳ ସ୍ଥିତି ଗୁରୁତର ହେବା ସହ ହୀରାକୁଦ ଜଳଭଣ୍ଡାର ପୁଣି ଫୁଲିବାର ଆଶଙ୍କା ରହିଛି। ତେବେ ଆଜି ସନ୍ଧ୍ୟା ସୁଦ୍ଧା ହୀରାକୁଦ ଜଳ ଭଣ୍ଡାରର ଜଳସ୍ତର କମିଥିବାରୁ ଆଉ ୪ଟି ଗେଟ୍ ବନ୍ଦ କରି ଦିଆଯାଇଛି। ଏବେ ୧୬ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି।

ଅବପାତ ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ସାରା ରାଜ୍ୟରେ ୨୭ ମିମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ▶ପୃଷ୍ଠା-୭

## ବିଜୟ ଥାଲାପତିଙ୍କ ରାଲିରେ ଦଳାଚକଟା
# ୨୯ ମୃତ



■ **ଚେନ୍ନାଇ, ୨୭।୯ (ଏଜେନ୍ସି):** ଅଭିନେତାରୁ ରାଜନେତା ପାଲଟିଥିବା ବିଜୟ ଥାଲାପତିଙ୍କ ତାମିଲନାଡୁ କରୁରରେ ଆୟୋଜିତ ଏକ ରାଲିରେ ଶନିବାର ବଡ଼ ଅଘଟଣ ଘଟିଛି। ନିଜ ବସ୍ ଉପରେ ରହି ରାଲିକୁ ସମ୍ବୋଧନ କରୁଥିବାବେଳେ ଦଳାଚକଟା ଘଟି ୨୯ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ସାମିଲ ▶ପୃଷ୍ଠା-୭






## ସୁନା ବଜାରରେ ନିଆଁ

### ୯ ମାସରେ ୩୭ ହଜାର ମହଙ୍ଗା




■ **ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି):** ଭାରତରେ ସୁନା ଏବଂ ରୁପା ମୂଲ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଦିନକୁ ଦିନ ଏହାର ଦାମ ରେକର୍ଡ ଭାଙ୍ଗି ଚାଲିଛି। ୧୦ ଗ୍ରାମ ପିଛା ୨୪ କ୍ୟାରଟ ସୁନା ମୂଲ୍ୟ ଶନିବାର ୧, ୧୩, ୨୬୨ ଟଙ୍କାରେ ପହଞ୍ଚି ଯାଇଛି। ଏହା ଗତ ୨୦ ତାରିଖରେ ୧, ୦୯, ୭୭୫ ଟଙ୍କା ଥିଲା। ଅର୍ଥାତ୍ ଚଳିତ ସପ୍ତାହରେ ସୁନା ମୂଲ୍ୟ ୩,୪୮୭ ଟଙ୍କା ବୃଦ୍ଧି ପାଇଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟ ୩୭, ୧୦୦ ଟଙ୍କା ମହଙ୍ଗା ହେଲାଣି। ଗତ ବର୍ଷ ଡିସେମ୍ବର ୩୧ରେ ୨୪ କ୍ୟାରେଟ ସୁନା ମୂଲ୍ୟ ୭୬, ୧୬୨ ଟଙ୍କା ଥିଲା। ୨୦୨୪ରେ ସୁନା ୨୧ ପ୍ରତିଶତ ମହଙ୍ଗା ହୋଇଥିଲା। ଏବେ ୧୦ ଗ୍ରାମ ପିଛା ୧୪ କ୍ୟାରଟ ସୁନା ମୂଲ୍ୟ ୬୬, ୨୫୮ ଟଙ୍କା, ୧୮ କ୍ୟାରେଟ ମୂଲ୍ୟ ୮୪, ୯୪୭ ଟଙ୍କା ଏବଂ ୨୨ କ୍ୟାରେଟ ସୁନା ମୂଲ୍ୟ ୧, ୦୩, ୭୪୮ କୋଟି ଟଙ୍କା ରହିଛି। ▶ପୃଷ୍ଠା-୭

## ସାର କହି ଚାଷୀଙ୍କୁ 'ଲୁଣ'



### ଲୁଣରେ ରଙ୍ଗ ମାରି ପଟାସ ସାର ପ୍ରସ୍ତୁତି
### ବାଲେଶ୍ୱରରୁ ୧୫୮ ବସ୍ତା ଜବତ

■ **ବାଲେଶ୍ୱର, ୨୭।୯ (ସମିସ):** ସାର ଅଭାବ ଯୋଗୁଁ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀ ଅସନ୍ତୋଷ ଦେଖିବାକୁ ମିଳୁଛି। ରାତି ଅନିଦ୍ରା ହୋଇ ଚାଷୀ ସମବାୟ ସମିତି ଆଗରେ ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଠିଆ ହୋଇ ଶେଷରେ ନିରାଶ ହୋଇ ଫେରୁଛି। ଆଉ କିଛି ଚାଷୀ ଅନ୍ୟ ଉପାୟ ନପାଇ ଦୁଇରୁ ତିନିଗୁଣା ଅଧିକ ଟଙ୍କାରେ କଳାବଜାରରୁ ସାର କିଣିବାକୁ ବାଧ୍ୟ ହେଉଛନ୍ତି। ଏପରି ସ୍ଥିତି (ସାର ଅଭାବ)ର ଫାଇଦା ନେଇ ଏବେ ଅସାଧୁ ବେପାରୀମାନେ ନକଲି ସାର ବିକିବା ଆରମ୍ଭ କରିଦେଲେଣି। ରାଜ୍ୟର ବିଭିନ୍ନ ସ୍ଥାନରୁ ଏପରି ଅଭିଯୋଗ ଆସୁଥିବା ବେଳେ ଆଜି ବାଲେଶ୍ୱର ସହରର ଅରଡ଼ବଜାରରୁ କୃଷି ବିଭାଗ ଏକ ନକଲି ସାର ଗୋଦାମ ଠାବ କରିଛି। କୃଷି ବିଭାଗର ଏକ ▶ପୃଷ୍ଠା-୭

**ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଆରମ୍ଭ**

# ହଟିବ ରାସ୍ତା ଓ ଡ୍ରେନ୍ ଜବରଦଖଲ

ବ୍ୟାସନଗର, ୨୭।୯ (ସମିସ)




ଶିଳ୍ପନଗରୀ କଳିଙ୍ଗନଗରର ମୁଖଶାଳା ବ୍ୟାସନଗର ସହରର ଟ୍ରାଫିକ ବ୍ୟବସ୍ଥା ସର୍ବୋପରି ଭିଡ଼ ନିୟନ୍ତ୍ରଣରେ ପ୍ରତ୍ୟେକ କିଛି ନା କିଛି ବାଧା ବିଘ୍ନ ଦେଖିବାକୁ ମିଳୁଛି। ତେବେ ଏହି ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡ଼ିଛନ୍ତି ଯାଜପୁରରୋଡ଼ଆଦର୍ଶଥାନାରନବନିଯୁକ୍ତଥାନାଧିକାରୀ ଆଶିଷ କୁମାର ସାହୁ। ଗତ କିଛି ଦିନ ତଳେ ସହରରେ ବେଆଇନ ପାର୍କିଂ କରୁଥିବା ଗାଡ଼ିଚାଳକ ଏବଂ ରାସ୍ତା ଓ ଡ୍ରେନ୍ ଅବରୋଧ କରି ବେପାର ସଉଦା ମେଲାଇଥିବା ଦୋକାନୀମାନଙ୍କ ଉପରେ ଜରିମାନା କରାଯିବ ବୋଲି ଗଣମାଧ୍ୟମରେ ସୂଚନା ଦେଇଥିଲେ। ତେବେ ଏହା ପୂର୍ବରୁ ପ୍ରାରମ୍ଭିକ ଭାବେ ଶନିବାର ଥାନାଧିକାରୀ ଶ୍ରୀ ସାହୁ ବ୍ୟାସନଗର ପ୍ରଶାସନର ସହଯୋଗ ଲୋଡ଼ିବା ସହିତ ପ୍ରଥମ ଦଫାରେ ତାଳବଙ୍ଗଳା ଛକରୁ ବ୍ୟାସଦେବ ଟାଉନ ହଲ ଭାୟା ଗ୍ରାନମାର୍କେଟର ଉଭୟ ପାର୍ଶ୍ୱରେ ରାସ୍ତା ଓ ଡ୍ରେନ୍ ଅବରୋଧ ଥିବା ଦୋକାନଗୁଡ଼ିକ ଉଚ୍ଛେଦ ପାଇଁ ବ୍ୟାସନଗର ପ୍ରଶାସନ ସହିତ ଜେସିବି ମେସିନ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ବ୍ୟାସନଗର ଅତିରିକ୍ତ ଜିଲ୍ଲାପାଳ ପ୍ରଶାନ୍ତ ପୁହାଣ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇବା ସହିତ ଘଟଣାସ୍ଥଳରେ ଉପସ୍ଥିତ ରହିଥିବା ବେଳେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ। ତେବେ ଏହି ଉଚ୍ଛେଦ ପୂର୍ବରୁ ଅନେକ ସ୍ଥାନୀୟ ଦୋକାନୀ ଆଗକୁ ପୂଜା ଥିବାରୁ କିଛି ଦିନର ମହଲତ ମାଗିଥିଲେ। ତେବେ ହାତଗଣତି କିଛି ଦୋକାନୀଙ୍କୁ ଛାଡ଼ି ଅନେକ ଦୋକାନୀ ପ୍ରଶାସନ ଏବଂ ଥାନାଧିକାରୀଙ୍କ ସମରସଜା ଦେଖି ନିଜେ ଜବରଦଖଲ ହଟାଇ ନେଇଥିଲେ। ତେବେ ଆଗକୁ ବ୍ୟାସନଗର ଗଣପର୍ବ ରହିଥିବାରୁ ଦୁର୍ଗାପୂଜା ପରେ ପୁଣି ଏହି ଉଚ୍ଛେଦ ଆରମ୍ଭ ହେବ ବୋଲି ବ୍ୟାସନଗର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାତ୍ରୀ ସୂଚନା ଦେଇଛନ୍ତି। ତେବେ ପୂଜା ପରେ ଯେଉଁ ଦୋକାନୀ ମାନେ ଜବରଦଖଲ କରିଥିବାର ନଜରକୁ ଆସିବେ ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯିବ ବୋଲି ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି। ତେବେ ଏହି ଜବରଦଖଲ ହଟିଲେ ଅନେକାଂଶରେ ଟ୍ରାଫିକ ସମସ୍ୟା ଦୂର ହେବା ସହିତ ପାର୍କିଂ ସମସ୍ୟା ମଧ୍ୟ ଦୂର ହେବ ବୋଲି ଯାଜପୁର ରୋଡ୍ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି। ତେବେ ପ୍ରଶାସନ ସହଯୋଗରେ ରାସ୍ତା ଅବରୋଧ କରୁଥିବା ଅନେକ ଫଳ ଏବଂ ପନିପରିବା ଦୋକାନୀଙ୍କୁ ଅନ୍ୟତ୍ର ଥଇଥାନ କରାଯିବା ନେଇ ସେ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମରେ ବ୍ୟାସନଗର ପ୍ରଶାସନ ପକ୍ଷରୁ ଯକ୍ଷ୍ୟା ନାଗମାଧବ ନନ୍ଦ, ମାନସ ରଞ୍ଜନ ସାହୁ, ପ୍ରଶାନ୍ତ କୁମାର ମହାନ୍ତି, ମାଣିକ ରଞ୍ଜନ ନାୟକ, ଅମିତ ରାଜେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଯାଜପୁର ରୋଡ୍ ଆଦର୍ଶ ଥାନା ପକ୍ଷରୁ ଥାନାଧିକାରୀ ଆଶିଷ କୁମାର ସାହୁ, ଏସଆଇ ଲିଙ୍ଗରାଜ ବେହେରାଙ୍କ ଅନେକ କର୍ମଚାରୀ ଉପସ୍ଥିତ ରହିଥିଲେ। ତେବେ ଥାନାଧିକାରୀଙ୍କ ଏପରି କାର୍ଯ୍ୟକୁ ସହରବାସୀ ପ୍ରଶଂସା କରୁଥିବା ବେଳେ ତତ୍କାଳୀନ ଜିଲ୍ଲାପାଳ ଅରବିନ୍ଦ କୁମାର ପାଢ଼ୀଙ୍କ ପରେ ଥାନାଧିକାରୀ ସହରରେ ଭିଡ଼ ନିୟନ୍ତ୍ରଣ ପାଇଁ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

**● ଟାଟା ପ୍ଲାଣ୍ଟରେ ଚାକିରି ଦେବା ନାଁରେ ଠକେଇ**

## ଦେଢ଼ ଲକ୍ଷ ଲୁଟି ଅଭିଯୁକ୍ତ ଗିରଫ



ଯଖପୁରା/ଦାନଗଡ଼ି, ୨୭।୯(ସମିସ): କଳିଙ୍ଗନଗର ଟାଟା ଷ୍ଟିଲରେ ଚାକିରି କରାଇବା ନାମରେ ଦେଢ଼ ଲକ୍ଷ ଟଙ୍କା ଠକେଇ କରି ଜଣେ ଗିରଫ ହୋଇଥିବା ଜଣାପଡ଼ିଛି। ଅଭିଯୁକ୍ତ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ଶାନ୍ତନୁ କୁମାର ସ୍ୱାଇଁ। ଗିରଫ ବେଳେ ଅଭିଯୁକ୍ତ ଶାନ୍ତନୁ ନିକଟରୁ ୧ ଲକ୍ଷ ୩୦ ହଜାର ଟଙ୍କା ଜବତ ହୋଇଛି। ପୁଲିସ ତଥ୍ୟ ଅନୁଯାୟୀ, ମହାଙ୍ଗା ଅଞ୍ଚଳର ଦିଲିକୃଷ୍ଣ ଜେନାଙ୍କୁ ଟାଟା ଷ୍ଟିଲ କଳିଙ୍ଗନଗରରେ ସ୍ଥାୟୀ ଚାକିରି କରେଇ ଦେବା ପାଇଁ ଶାନ୍ତନୁ ମିଥ୍ୟା ଆଶ୍ୱାସନା ଦେଇଥିଲେ। ଦିଲିକୃଷ୍ଣଙ୍କୁ ନିଶ୍ଚିତ ଭାବେ ଟାଟା କାରଖାନାରେ ଚାକିରି ପ୍ରଦାନ କରାଯିବ ବୋଲି ଦାବି କରି ତାଙ୍କ ଠାରୁ ଦେଢ଼ ଲକ୍ଷ ଟଙ୍କା ଗ୍ରହଣ କରିଥିଲେ। କିନ୍ତୁ ଦୀର୍ଘ ଦିନ ପରେ ମଧ୍ୟ ଚାକିରି ପ୍ରକ୍ରିୟା ଆରମ୍ଭ ନ ହେବାରୁ ଅଭିଯୋଗକାରୀଙ୍କ ସନ୍ଦେହ ହୋଇଥିଲା। ଶେଷରେ କଳିଙ୍ଗନଗର ଥାନାରେ ମାମଲା (ପିଏସ୍ କେସ୍ ନଂ-୧୮୦/୨୫) ରେଜିଷ୍ଟ୍ରି କରିଥିଲେ। ଅଭିଯୋଗ ମିଳିବା ପରେ ପୁଲିସ ତଦନ୍ତ ଆରମ୍ଭ କରି ଶାନ୍ତନୁ କୁମାର ସ୍ୱାଇଁଙ୍କୁ ଗିରଫ କରିଛି। ପ୍ରାଥମିକ ପଚରାଉଚରା ବେଳେ ସେ ଟଙ୍କା ନେଇଥିବା କଥା ସ୍ୱୀକାର କରିଛି। କିନ୍ତୁ ସମୁଦାୟ ୧.୫ ଲକ୍ଷ ଟଙ୍କା ମଧ୍ୟରୁ କେବଳ ୧.୩ ଲକ୍ଷ ଟଙ୍କା ଜବତ ହୋଇଛି। ଅବଶିଷ୍ଟ ରାଶି ସେ କେମିତି ବ୍ୟୟ କଲେ ବୋଲି ପୁଲିସ ଖୋଳତାଡ଼ ଆରମ୍ଭ କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋରଧରିଛି। କାରଣ ଟାଟା ଷ୍ଟିଲରେ ଚାକିରି ପାଇଁ ବହୁତ ଯୁବକ-ଯୁବତୀ ଆଶା କରନ୍ତି। ଏହି ପରିସ୍ଥିତିକୁ ଅବଲମ୍ବନ କରି କିଛି ମଧ୍ୟସ୍ଥ ବା ଠକେଇବାଜ ଯୁବକମାନଙ୍କ ଠାରୁ ଟଙ୍କା ନେଇ ମିଥ୍ୟା ଚାକିରିର ଆଶ୍ୱାସନ ଦେଇ ଠକେଇ କରୁଛନ୍ତି। ବର୍ତ୍ତମାନ ଶାନ୍ତନୁ କୁମାର ସ୍ୱାଇଁଙ୍କୁ କୋର୍ଟରେ ହାଜର କରାଯାଇଥିବା ବେଳେ ମାମଲା ତଦନ୍ତ ଚାଲିଥିବା କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ସୂଚନା ଦେଇଛନ୍ତି।

## କୋଇଲା ଗାଡ଼ିକୁ ଧକ୍କା ଦେଲା ପାଉଁଶ ବୋଝେଇ ହାଇୱା; ଡ୍ରାଇଭର ମୃତ



କବାଟବନ୍ଧ, ୨୭।୯ (ସମିସ): ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଏକ କୋଇଲା ବୋଝେଇ ଗାଡ଼ିକୁ ପାଉଁଶ ବୋଝେଇ ହାଇୱା ଧକ୍କା ଦେଇଥିବା ଜଣାପଡ଼ିଛି। ଏଥିରେ ଚାଳକର ମୃତ୍ୟୁ ହୋଇଯାଇଛି। ମୃତ ଡ୍ରାଇଭର ଜଣଙ୍କ ଅଣଓଡ଼ିଆ ବୋଲି ଜଣାପଡ଼ିଛି। ଜେନାପୁର ଥାନା ଅଧୀନ ତାରିଣୀ ଛକ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଶନିବାର ଅପରାହ୍ନରେ ଏକ କୋଇଲା ବୋଝେଇ ଟ୍ରକ୍ (ନଂ ଓଡି୨୯ଡି୧୮ ୬୬) ତାରିଣୀ ଛକ ନିକଟରେ ଆଗ ଚକ ପମ୍ପଚର ହୋଇଯିବା କାରଣରୁ ରାସ୍ତାର ଡାହାଣ ପଟକୁ ମାଡ଼ିଯାଇଥିଲା। ସମାନ ଦିଗରେ ଡୁବୁରୀରୁ ଚଣ୍ଡିଖୋଲ ଆଡ଼କୁ ପାଉଁଶ ବୋଝେଇ କରି ଯାଉଥିବା ଏକ ହାଇୱା (ନଂ.ଓଡି୧୪ଏଡି୮ ୬୨୨) ଭାରସାମ୍ୟ ହରାଇ ତାର ପଛରେ ପିଟିଦେଇଥିଲା। ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ଯେ ହାଇୱା ଡ୍ରାଇଭରକୁ ଗାଡ଼ି ଭିତରୁ ବାହାର କରିବା ପାଇଁ ଏକ ଜେସିବି ମେସିନର ସାହାଯ୍ୟ ନିଆ ଯାଇଥିଲା। ଡ୍ରାଇଭର ଜଣଙ୍କର ଦୁଇଟି ଯାକ ଗୋଡ଼ ଭାଙ୍ଗି ଯାଇଥିଲା। ଖବର ପାଇ ଚଢେଇଧରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ମେଡ଼ିକାଲ ପଠାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଜେନାପୁର ପୁଲିସ ଦୁର୍ଘଟଣାର ତଦନ୍ତ ଜାରି ରଖିଛି।

## ପାରା ଆଥଲେଟିକ୍ସରେ ଯୋଗଦେଲେ ଦେବାମୃତ




ଯାଜପୁର, ୨୭।୯(ସମିସ): ଦାନଗଦୀ ବ୍ଲକ ଟମକା ଅଞ୍ଚଳର ତଥା ଦେଉଳକଣା ପଞ୍ଚାୟତର ପୁଅ ଅନ୍ତର୍ଜାତିକ ପାରା କ୍ରୀଡ଼ାବିତ ଦେବାମୃତ ସାହୁ ବିଶ୍ୱ ପାରା ଆଥଲେଟିକ୍ସ ଟେକ୍ନିକାଲ ଅଫିସର ଭାବରେ ନିଯୋଜିତ ହୋଇଛନ୍ତି। ଭାରତୀୟ ପାରା ଅଲିମ୍ପିକ କମିଟି ପକ୍ଷରୁ ପ୍ରଥମଥର ଆୟୋଜିତ ଏହି ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପରେ ୧୧୦ଟି ଦେଶ ଯୋଗଦାନ କରିଛନ୍ତି। ଏଥିରେ ୧୮ ୬ଟି ଖେଳ ସହ ୧୭୦୦ ଜଣ ଅନ୍ତର୍ଜାତିକ ପାରା କ୍ରୀଡ଼ାବିତ ଯୋଗଦାନ କରିବେ। ତେଣୁ ଏହି ଐତିହାସିକ ଚାମ୍ପିଅନସିପ ଯାଜପୁରରୁ ପ୍ରଥମ ଥର ପାଇଁ ଦେବାମୃତ ସାହୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ତେଣୁ ଏହି ଚାମ୍ପିଅନସିପ ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୫ ଯାଏଁ ଚାଲୁରହିବ। ପ୍ରକାଶ ଥାଉକି ଦେବାମୃତ ସାହୁ ଯାଜପୁର ପ୍ରଥମ ଅନ୍ତର୍ଜାତିକ ପାରା କ୍ରୀଡ଼ାବିତ ହୋଇଥିବା ପ୍ରଥମ ଟେକ୍ନିକାଲ ଅଫିସର ଭାବରେ ଯୋଗଦାନ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।

**ବର୍ଷାଦିନେ ପାନୀୟ ଜଳ ସଙ୍କଟ**

## ୫୦ ପରିବାରର ଭରସା ଦୂଷିତ କୂଅ



ଯଖପୁରା, ୨୭।୯(ସମିସ): ବହୁ ବର୍ଷ ଧରି କୂଅକୁ ଭରସା କରି ଚଳିଆସୁଛନ୍ତି ୫୦ପରିବାର। ଦୂରରେ ଥିବା ଏକ ନଳକୂଅ ଥିଲେ ମଧ ତାହା ବ୍ୟବହାର ଯୋଗ୍ୟ ହୋଇନଥିବାରୁ ଦୂଷିତ କୂଅକୁ ଭରସା କରି ଚଳୁଛନ୍ତି ଏ ସମସ୍ତ ପରିବାର। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଦାନଗଦି ବ୍ଲକ ପଙ୍କପାଳ ପଞ୍ଚାୟତର ନିଳମଣିଦେଇପୁର ଗ୍ରାମରେ ଥିବା ଖଟୁଆ ସାହିରେ। ନିଳମଣିଦେଇପୁର ସ୍କୁଲ ସାମ୍ନାରେ ଥିବା ଏହି କୂଅକୁ ଭରସା କରି ଚଳୁଥିବା ୫୦ପରିବାର ଏବେ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗତ ୭ଦିନ ହେବ ଏହି କୂଅରେ ଗୋଟିଏ ବୁଲା କୁକୁର ପଡ଼ି ମୃତ୍ୟୁବରଣ କରିଥିଲା। କୁକୁର କୂଅରେ ପଡ଼ି ମରିଯାଇ ପଚି ଯାଇଥିବା ଜାଣି ତାହାକୁ ନିଷ୍କାସନ କରିଥଲେ ମଧ ତାହା ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ। ତେଣୁ ସେମାନେ ବାଧ ହୋଇ ବହୁ ଦୂରରେ ଥିବା ଏକ ନଳକୂଅରୁ ପାଣି ଆଣି ବ୍ୟବହାର କରୁଛନ୍ତି। ସେମାନେ କହିଛନ୍ତି କି ଖୋଲା କୂଅର ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ ଠିକ ନୁହେଁ ଜାଣି ସୁଦ୍ଧା ନିକଟରେ ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ବାଧ ହୋଇ ଆମେମାନେ ଏହି ଖୋଲା କୂଅର ଜଳ ବ୍ୟବହାର କରୁଛୁ। ପ୍ରଶାସନ ପକ୍ଷରୁ ତୁରନ୍ତ ଏଠାରେ ଏକ ନଳକୂଅ ବସାଇବାକୁ ଦାବି ଜଣାଇଛନ୍ତି। ଯେତେଦିନ ପର୍ଯ୍ୟନ୍ତ ନଳକୂଅ ସ୍ଥାପନ ହୋଇପାରିନି ସେପର୍ଯ୍ୟନ୍ତ ଟ୍ୟାଙ୍କର ପାଣିର ବ୍ୟବସ୍ଥା ପ୍ରଶାସନ କରିବାକୁ ଅନୁରୋଧ କରିଛନ୍ତି ଖଟୁଆ ସାହିର ଲୋକେ।

ଏବେ ଲଗାଣ ବର୍ଷା ଯୋଗୁଁ ଅନେକ ପ୍ରକାରର ରୋଗ ସଂକ୍ରମଣ ହେବାର ଆଶଙ୍କା ମଧ୍ୟରେ ଖୋଲା ମେଲା ଭାବେ ରହିଥିବା କୂଅକୁ କିପରି ଭାବେ ବ୍ୟବହାର କରାଯାଉଛି ତାହା ଆଶ୍ଚର୍ଯ୍ୟ କରିଦେଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନିତ୍ୟାନ୍ତ ଆବଶ୍ୟକ ଥିବା ନିଳମଣିଦେଇପୁର ଗ୍ରାମର ଖଟୁଆ ସାହିରେ ତୁରନ୍ତ ଏକ ନଳକୂପର ବ୍ୟବସ୍ଥା କରାଯିବାପାଇଁ ଦାବି ହେଇଛି। ଏଠାରେ ବ୍ୟବହାର କରୁଥିବା କୂଅକୁ ବର୍ଷା ଜଳ ସିଧସଳଖ ପ୍ରବେଶ କରୁଥିବାରୁ ଏହା ଦୂଷିତ ହୋଇରହିଛି। ତେଣୁ ପ୍ରଶାସନ କୂଅକୁ ବନ୍ଦ କରିବା ସହ ସେଠାରେ ତୁରନ୍ତ ପାନୀୟ ଜଳ ର ବ୍ୟବସ୍ଥା ନକଲେ ସେଠାରେ ସଂକ୍ରମଣ ରୋଗ ହେବାର ଆଶଙ୍କା ରହିଛି। ଖଟୁଆ ସାହିର ବାସିନ୍ଦା ଏ ବିଷୟରେ ବ୍ଲକ ପ୍ରଶାସନକୁ ଅବଗତ କରାଇଛନ୍ତି ବୋଲି ଜଣାଇଛନ୍ତି। ନିତ୍ୟ ଆବଶ୍ୟକ ପାନୀୟ ଜଳସଙ୍କଟ ଥିବା ଏହି ସାହିରେ ପ୍ରଶାସନ ପକ୍ଷରୁ କେତେ ଶୀଘ୍ର ବ୍ୟବସ୍ଥା କରାଯାଉଛି ଦେଖିବାକୁ ରହିଲା।

## ଜିଲ୍ଲା କଂଗ୍ରେସ ସଭାପତିଙ୍କ ନିଯୁକ୍ତିକୁ ନେଇ ଅସନ୍ତୋଷ



ଯାଜପୁର, ୨୭।୯(ସମିସ): ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ଭାବେ ମାଗୁଣି ଯେନାଙ୍କୁ ନିଯୁକ୍ତି କରାଯାଇଛି। ଏ ସଂକ୍ରାନ୍ତରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହାକୁ ନେଇ କଂଗ୍ରେସ ନେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜିଲ୍ଲା ସଭାପତି ନିଯୁକ୍ତି ପାଇଁ ଏଆଇସିସି ପକ୍ଷରୁ ଯେଉଁ ସୃଜନ କାର୍ଯ୍ୟକ୍ରମ କରାଯାଇଥିଲା ତାକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରାଯାଇ ମନମୁଖି ଭାବେ ନିଯୁକ୍ତି କରାଯାଇଥିବା ଅଭିଯୋଗ ହୋଇଛି। ଜିଲ୍ଲା କଂଗ୍ରେସରେ ବହୁ ବରିଷ୍ଠ ନେତା, କାର୍ଯ୍ୟକର୍ତ୍ତା ଏହି ଜିଲ୍ଲା ସଭାପତି ପଦବୀ ପାଇଁ ଆବେଦନ କରିଥିଲେ। ମାତ୍ର କିଛି ମାସ ତଳେ କଂଗ୍ରେସରେ ଯୋଗ ଦେଇଥିବା ମାଗୁଣିଙ୍କୁ କିଭଳି ଜିଲ୍ଲା କଂଗ୍ରେସର ଦାୟିତ୍ୱ ଦିଆଗଲା ତାକୁ ନେଇ ନାନା ପ୍ରଶ୍ନ ଉଠିଛି। ଗତକାଲି ଠାରୁ ଏଆଇସିସି ପକ୍ଷରୁ ମାଗୁଣିଙ୍କ ନାମ ଘୋଷଣା ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କଂଗ୍ରେସର କୌଣସି ବରିଷ୍ଠ ନେତା ଓ କାର୍ଯ୍ୟକର୍ତ୍ତା ମାଗୁଣିଙ୍କୁ ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇନଥିବା ଜଣାପଡ଼ିଛି। ଏହି ପଦ ପାଇଁ ସନ୍ତୋଷ ନନ୍ଦ, ବିଦ୍ୟାଧର ମହାନ୍ତି, ମନୋଜ ରାଉତ, କିଶାନ ପଣ୍ଡା, ସୁଦିପ କର, ଆରତୀ ଦେଓ, ପଦ୍ମାକର ଗୁରୁ, କନକଲତା ମଲ୍ଲିକଙ୍କ ସମେତ ୧୮ ଜଣ ଆବେଦନ କରିଥିଲେ। ଏହି ଆବଦେନକାରୀ ମାନଙ୍କ ପାଖରେ ପୂର୍ବରୁ ବିଭିନ୍ନ ବିଧାନସଭା ଠାରୁ ଆରମ୍ଭ କରି ଲୋକସଭା ନିର୍ବାଚନ ଲଢ଼ିବା ଓ ପରିଚାଳନାର ଅଭିଜ୍ଞତା ରହିଥିଲା। ଏପରିକି ସମଗ୍ର ଜିଲ୍ଲାରେ ନିଜସ୍ୱ ପରିଚୟ ଥିଲା। କିନ୍ତୁ ଏସବୁ ସତ୍ତ୍ୱେ ସମସ୍ତ ଆବେଦନକୁ ଅଗ୍ରାହ୍ୟ କରି ପିସିସି କିଭଳି ମାଗୁଣିଙ୍କ ନାମକୁ ମନୋନୀତ କଲା ତାକୁ ନେଇ ନାନା ଅସନ୍ତୋଷ ଦେଖିବାକୁ ମିଳିଛି। ଏ ନେଇ ଅନେକ ଆବେଦନକାରୀ ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ ଆଗକୁ କଂଗ୍ରେସ ସଂଗଠନ ଭୁଶୁଡ଼ି ପଡ଼ିବ ବୋଲି କହିଛନ୍ତି। ପିସିସି ସଭାପତି ନିଜ କୋଟେରୀ ତିଆରି କରିବା ପାଇଁ ଏଭଳି ଜଣେ ଅନଭିଜ୍ଞ ବ୍ୟକ୍ତିଙ୍କୁ ଯାଜପୁର ଜିଲ୍ଲା ଦାୟିତ୍ୱ ଦେଇଛନ୍ତି ବୋଲି ଅନେକ ନେତା କହିଛନ୍ତି। ଅନ୍ୟପକ୍ଷରେ ନବ ନିଯୁକ୍ତ ସଭାପତି ଶ୍ରୀ ଜେନା ଯାଜପୁର ସଂସ୍କୃତି ଭବନ ପରିସରରେ ଥିବା ଡ. ଆମ୍ବେଦକର ପ୍ରତିମୂର୍ତ୍ତି ଏବଂ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ନିଜର କାର୍ଯ୍ୟରେ ଯୋଗଦେଇ ସମସ୍ତ କଂଗ୍ରେସ ନେତୃମଣ୍ଡଳୀ ଏବଂ କର୍ମୀମାନଙ୍କ ସହଯୋଗ ଓ ଆଶୀର୍ବାଦ କାମନା କରିଛନ୍ତି। ଏହି ଅବସରରେ ଶ୍ରୀ ଯେନା ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ରାହୁଲ ଗାନ୍ଧୀ, କେସି ଭେନୁଗୋପାଲ ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ହିନ୍ଦୁରାମ ଆଦିବାସୀ କଂଗ୍ରେସ ସମ୍ପାଦକ




ସୁକିନ୍ଦା, ୨୭।୯ (ସମିସ): ଅଖିଳ ଭାରତ ଆଦିବାସୀ କଂଗ୍ରେସ ଅନୁମୋଦନ କ୍ରମେ ହିନ୍ଦୁରାମ ଜାମୁଦାଙ୍କୁ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ ସମ୍ପାଦକ ଦାୟିତ୍ୱ ମିଳିଛି। କଂଗ୍ରେସ ଦଳ ତାଙ୍କ ଉପରେ ଭରସା କରି ଏହି ଗୁରୁ ଦାୟିତ୍ୱ ଦେଇଥିବାରୁ ହିନ୍ଦୁରାମ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ, ଲୋକସଭା ବିରୋଧ ଦଳ ନେତା ରାହୁଲ ଗାନ୍ଧୀ, ଅଖିଳ ଭାରତ ଆଦିବାସୀ କଂଗ୍ରେସ ସଭାପତି ବିକ୍ରାନ୍ତ ଭୁରିଆ, ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ ସଭାପତି ଯଶୋବନ୍ତ ସିଂ ଲାଗୁରୀ ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଶରତ ରାଉତ, ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆକୁ କୃତଜ୍ଞତା ଜଣାଇଛନ୍ତି। ଆଦିବାସୀ ହକ ପାଇଁ ଜିଲ୍ଲା ତଥା ରାଜ୍ୟରେ ସର୍ବଦା ଲଢେଇ କରିବି ବୋଲି ଶ୍ରୀ ଜାମୁଦା କହିଛନ୍ତିଷ ଶ୍ରୀ ରାହୁଲ ଗାନ୍ଧୀଙ୍କ ସାଥିରେ ଜୟବାପୁ, ଜୟଭୀମ ଓ ଜୟ ସମ୍ବିଧାନ ନାରାକୁ ପ୍ରତ୍ୟେକ ଆଦିବାସୀ ଭାଇ ଓ ଭଉଣୀ ମାନଙ୍କ ନିକଟରେ ପହଞ୍ଚାଇ କଂଗ୍ରେସ ଦଳର ଆଦର୍ଶ ଓ ବିଚାରଧାରାରେ ସାମିଲ କରି ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରିବାକୁ ଉଦ୍ୟମ ଜାରୀ ରହିବ ବୋଲି ଶ୍ରୀ ଯାମୁଦା ପ୍ରକାଶ କରିଛନ୍ତି।

## ଯାଜପୁରରେ ସହଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର

ଯାଜପୁର, ୨୭।୯ (ସମିସ): ପତଞ୍ଜଳି ଯୋଗ ସମିତି ଓ ଭାରତ ସ୍ୱାଭିମାନ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ସହଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଛି। ଏହି ଶିବିର ୨୭ରୁ ୨୧ ଅକ୍ଟୋବର ପର୍ଯ୍ୟନ୍ତ ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଶିବିରକୁ ବ୍ୟାସନଗର ତହସିଲ ପ୍ରମୁଖ ବଟକୃଷ୍ଣ ସାହୁ ଉଦ୍‌ଘାଟନ କରିଥିଲେ। ଯୋଗ ଶିକ୍ଷକ ଏହି ଶିବିରରେ ଯୋଗ ଶିକ୍ଷକ ଭାବେ ଶ୍ରୀ ସାହୁଙ୍କ ସମେତ ଭାରତ ସ୍ୱାଭିମାନ ଜିଲ୍ଲା ପ୍ରମୁଖ ଅଧ୍ୟାପକ ବିବେକାନନ୍ଦ ଜେନା ଓ ସହ ଜିଲ୍ଲା ପ୍ରମୁଖ ବିଭୀଷଣ ନାୟକ ପ୍ରମୁଖ ଯୋଗ ଦେଇ ବିଭିନ୍ନ ଆସନ, ପ୍ରାଣାୟମ ଓ ସୂର୍ଯ୍ୟ ନମସ୍କାର ସମେତ ୧୨ଟି କ୍ରୀୟା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ୪୦ରୁ ଊର୍ଦ୍ଧ୍ୱ ଶିବିରାର୍ଥୀ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରି ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଯୁବ ପ୍ରଭାରୀ ଉମାକାନ୍ତ ବିଶ୍ୱାଳ ଓ ପତଞ୍ଜଳି ଯୋଗ ସମିତିର ଜିଲ୍ଲା ପ୍ରମୁଖ ମନ୍ମଥ ପୁମାର ସାମଲ ପରିଚାଳନା କରିଥିଲେ। ଏହି ଶିବିରରେ ପ୍ରମୁଖ କାର୍ଯ୍ୟକର୍ତ୍ତା ଭାବେ ଯୋଗ ଗୁରୁ ଗୋପୀନାଥ ସେଠୀ, ଇଂ. ସରୋଜ କୁମାର ଜେନା, ଦେବେନ୍ଦ୍ର କୁମାର ପତି, ଦେବେନ୍ଦ୍ର ସେଠୀ, ଆନନ୍ଦ ଚନ୍ଦ୍ର ସାହୁ, ସତ୍ୟବ୍ରତ ମହାନ୍ତି, ସୁରେନ୍ଦ୍ର ମିଶ୍ର, ଅନନ୍ତ ଓ ଗୋବିନ୍ଦ ସାହୁ, ଋତୁପର୍ଣ୍ଣା ସାହୁ ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

## ରାଜପଥରେ ବସ୍ ଦୁର୍ଘଟଣା; ତିନି ଆହତ



ପାଣିକୋଇଲି, ୨୭।୯(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ସୋତି ନିକଟସ୍ଥ ପୁରୁଣା ଟୋଲଗେଟ୍ ନିକଟରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ବସ୍ ଦୁର୍ଘଟଣାରେ ଅଳ୍ପକେ ଯାତ୍ରୀ ବର୍ତ୍ତୀ ଯାଇଥିବା ବେଳେ ଆଗରେ ବସିଥିବା ୩ ଜଣ ଆହତ ହୋଇଛନ୍ତି। ପ୍ରକାଶଯେ ଭୁବନେଶ୍ୱରରୁ କଲିକତା ଅଭିମୁଖେ ୫୫ଜଣ ଯାତ୍ରୀଙ୍କୁ ନେଇ ଆର୍ଯ୍ୟନ ନାମକ ଏକ ଘରୋଇ ବସ୍ (ଡବ୍ଲ୍ୟୁବି ୪୯ଏନ ୧୦୪୨) ବାହାରିଥିଲା। ୧୬ ନମ୍ବର ଜାତୀୟ ରାଗପଥର ସୋତି ଗ୍ରାମ ନିକଟସ୍ଥ ପୁରୁଣା ଟୋଲଗେଟ୍ ନିକଟରେ ଦ୍ରୁତଗତିରେ ଆସୁଥିବା ବସ୍‌ଟି ଏକ ହାଇୱା ପଛରେ ପିଟି ହୋଇଯାଇଥିଲା। ଫଳରେ ବସ୍‌ର ଆଗଟି ସମ୍ପୂର୍ଣ୍ଣ ଚୁରମାର ହୋଇଥିବା ବେଳେ ଖଲାସୀ ପଟଟି ସମ୍ପୂର୍ଣ୍ଣ ଭିତରକୁ ପସି ଯାଇଥିଲା। ଫଳରେ ଆଗରେ ବସିଥିବା ତିନି ଜଣ ଆହତ ହୋଇଥିଲେ। ଖବରପାଇ 'ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ ସଦସ୍ୟ, ପାଣିକୋଇଲି ପୁଲିସ, କୁଆଖିଆ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକମାନେ ପହଞ୍ଚି ଗାଡିର ଡୋର ଖୋଲୁନଥିବାରୁ ଆଗ କାଚ ବାଟେ ଓ ଚାଳକ ପଟରେ ଥିବା ଜରୁରୀକାଳୀନ ଦ୍ୱାର ଦେଇ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା। ଆହତ ତିନି ଜଣଙ୍କୁ ପୁଲିସ ୧୧୨ ଗାଡ଼ିରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା ବେଳେ ଅନ୍ୟ ୫୨ଜଣ ଯାତ୍ରୀ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିଲେ। ବସ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୁଲିସ ବସ୍‌ଟିକୁ ଜବତ କରିଛି। ପରେ ଅଟକି ରହିଥିବା ଗାଡିଗୁଡିକୁ ପୁଲିସ ସ୍ୱାଭାବିକ ଭାବେ ଚଳାଚଳ କରାଯାଇଥିଲା। ହେଲେ ଦୁର୍ଘଟଣା ହେବା କ୍ଷଣି ହାଇୱାଟି ଫେରାର ହୋଇଯାଇଥିଲା।

## ୨୫ ଦିନ ଧରି ପାଣିଘେରରେ ସ୍କୁଲ, ମନ୍ଦିର; ଜଳବନ୍ଦୀରେ ୨୦ ପରିବାର





କବାଟବନ୍ଧ, ୨୭।୯ (ସମିସ)

ଗତ ୩ ତାରିଖରେ ୫ ଘଣ୍ଟା ଧରି ଲଗାଣ ବର୍ଷାରେ ଯାଜପୁର ଜିଲ୍ଲାରେ ସର୍ବାଧିକ ବର୍ଷା ରେକର୍ଡ଼ ହୋଇଥିଲା। ସେହିଦିନ ଠାରୁ ବିଭିନ୍ନ ସ୍ଥାନରେ ଆଜି ପର୍ଯ୍ୟନ୍ତ ବର୍ଷା ଜଳ ଜମି ରହି ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ। ଏଭଳି ଅଭିଯୋଗ ଆଣିଛନ୍ତି ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ରାଇଛନ୍ଦା ପଞ୍ଚାୟତରେ ଜଳବନ୍ଦୀରେ ରହିଥିବା ଗ୍ରାମର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପରିବାର। ରାଇଛନ୍ଦା ପଞ୍ଚାୟତ ଅଧୀନ ୧୧ ନମ୍ବର ୱାର୍ଡ଼ ଡଗରପଡ଼ା ଅଞ୍ଚଳରେ ଏହି ଜଳବନ୍ଦୀ ସମସ୍ୟା ଦ୍ୱାରା ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ରାଇଛନ୍ଦା ଏବଂ କବାଟବନ୍ଧ ପଞ୍ଚାୟତର ସୀମାନ୍ତକୁ ଲାଗି ରହିଥିବା ଏହି ଗାଁ ଏବଂ ମୁଖ୍ୟ ରାସ୍ତା ଜଳ ବନ୍ଦୀ ହୋଇଛି। ପାଣି ଘେରରେ ଅନେକ ପରିବାର ରହିଛନ୍ତି। କେବଳ ପରିବାର ନୁହେଁ ଶିକ୍ଷାନୁଷ୍ଠାନ, ଏକାଧିକ ମନ୍ଦିର ମଧ୍ୟ ଜଳବନ୍ଦୀ ହୋଇଛି। ପ୍ରାୟ ୫ ଏକରରୁ ଊର୍ଦ୍ଧ୍ୱ ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି। କେବଳ ଗ୍ରାମବାସୀ ନୁହଁନ୍ତି, ଦୈନିକ ହଜାର ହଜାର ଲୋକ, ଛାତ୍ରଛାତ୍ରୀ, ବ୍ୟବସାୟୀମାନେ ବହୁ ପରିମାଣର ପ୍ରଭାବିତ ହେଉଛନ୍ତି। କବାଟବନ୍ଧ ମେଡ଼ିକାଲ ମୁଖ୍ୟ ରାସ୍ତା, ଡଗରପଡ଼ା ଗାଁ ରାସ୍ତା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଡଗରପଡ଼ା ପ୍ରାଥମିକ ବିଦ୍ୟାଳୟ, ସାପ୍ତାହିକ ହାଟ ଆଦିକୁ ଯିବା ଆସିବା କରିବା ଏକ ପ୍ରକାର ମୁସ୍କିଲ ହୋଇଛି। ଛୋଟ ଛୋଟ ପିଲା ମାନେ ଆଣ୍ଠୁଏ ଉଚ୍ଚ ପାଣିରେ ପଶି ଯିବା ଆସିବା କରୁଛନ୍ତି। ଦୀର୍ଘ ଦିନ ଧରି ନିୟମିତ ଭାବେ ଛୋଟ ଛୋଟ ପିଲାମାନେ ଏହି ପାଣି ଭିତରେ ପଶି ବିଦ୍ୟାଳୟକୁ ଶିକ୍ଷାଲାଭ ପାଇଁ ଯିବା ଆସିବା ଦ୍ୱାରା ଛୋଟ ପିଲାଙ୍କ ଥଣ୍ଡା ଓ ଜ୍ୱର ଭଳି ନାନାଦି ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଉଛି। ଆବର୍ଜନା ପାଣିରେ ଯିବା ଆସିବା କରିବା ଦ୍ୱାରା ବିଭିନ୍ନ ରୋଗ ସଂକ୍ରମଣ ତଥା ଗୋଡ଼ ବାଲି ଖାଇବା କଣ ନଖା ଏବଂ ଗୋଡ଼ କୁଣ୍ଡାଇ ହେବା ଭଳି ଚର୍ମରୋଗ ଦେଖାଦେଉଛି। କିଛି ପରିବାର ଏବେ ମଧ୍ୟ ବାହାରକୁ ବାହାରି ପାରୁ ନାହାଁନ୍ତି। ଆବର୍ଜନା ପାଣି ଦୁର୍ଗନ୍ଧ ହେବାରୁ ଲୋକମାନେ ଘରେ ଭଲରେ ଖାଇପିଇ ପାରୁ ନ ଥିବା ବେଳେ ଘରେ ସାପ ଓ ବେଙ୍ଗ ପଶି ଯାଉଛନ୍ତି।ଯାହାକୁ ନେଇ ଲୋକମାନେ ଭୟଭୀତ ହୋଇପଡୁଛନ୍ତି। ରାସ୍ତା ଉପରେ ଏତେ ପରିମାଣରେ ପାଣି ଜମି ରହିଥିବାରୁ କିଛି ଲୋକ ମୋଟର ସାଇକଲ ଏବଂ କାରକୁ ଧୋଇବା ପାଇଁ ବ୍ୟବହାର କରୁଛନ୍ତି। ଅପରାହ୍ନ ସମୟରେ ଛୋଟ ଛୋଟ ପିଲା ମାନେ ସାଇକେଲ ଧରି ପାଣି ଭିତରେ ଜଳକ୍ରୀଡ଼ା କରୁଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ଏହି ଜଳକୁ ତୁରନ୍ତ ନିଷ୍କାସନ କରି ଲୋକମାନଙ୍କ ସୁବିଧା ପାଇଁ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



ଦୋବଲ ପଞ୍ଚାୟତ ସୋଧ ଗ୍ରାମର ମା' ସୁବର୍ଣ୍ଣମୁଖୀଙ୍କ ନବରାତ୍ରର ଷଷ୍ଠ ଦିନରେ ମା' କାତ୍ୟାୟନୀ ବେଶ

କାର୍ଯ୍ୟକ୍ଷମ ହେଉନି ପଞ୍ଚାୟତ ଭବନ

# ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି କାର୍ଯ୍ୟାଳୟ

ବନ୍ତ/ଆଗରପଡ଼ା, ୨୭।୯(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ପୁରୁଷଣ୍ଢ ପଞ୍ଚାୟତର ପଞ୍ଚାୟତ ଭବନ ଅବହେଳିତ ହୋଇ ପଡ଼ିଛି। ୨୦୨୦-୨୧ ଆର୍‌ଥିକ ବର୍ଷରେ ଗରିବ କଲ୍ୟାଣ ରୋଜଗାର ଯୋଜନାରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଭଦ୍ରକ ଆନୁକୂଲ୍ୟରେ ପଞ୍ଚାୟତସମିତି ବନ୍ତ ପକ୍ଷରୁ ପୁରୁଷଣ୍ଢ ପଞ୍ଚାୟତ ଭବନ ନିର୍ମାଣ ନିମନ୍ତେ ମନରେଗା ଓ ସିଏଫସି ଅନୁଦାନ ପ୍ରତ୍ୟେକରୁ ୧୦ଲକ୍ଷ ଏହିପରି ୨୦ଲକ୍ଷ ଟଙ୍କା ମଂଜୁର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟ ପଞ୍ଚମ ଅର୍ଥ କମିଶନ ଯୋଜନାରେ ଉକ୍ତ ଭବନର ଫାଟକ ଓ ପାଚେରି ନିର୍ମାଣ ବାବଦରେ ୨ଲକ୍ଷ ୫୦ହଜାର ଟଙ୍କା ପୁଣି ୨୦୨୨-୨୩ ଆର୍ଥିକ ବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଭବନର ପାର୍ଶ୍ୱର ଉନ୍ନତି



କରଣ ବାବଦରେ ୫ଲକ୍ଷ ଟଙ୍କା ମଂଜୁର ହୋଇଥିଲା। ପରବର୍ତ୍ତୀ ସମୟରେ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ପଞ୍ଚମ ଅର୍ଥ କମିଶନ ଯୋଜନାରେ ସ୍ୱାଗତମ ଫାଟକ ନିର୍ମାଣ ବାବଦରେ ୧ଲକ୍ଷ ୫୦ହଜାର ଟଙ୍କା ଓ ପଂଚାୟତ ଭବନର ସଂପୂର୍ଣ୍ଣୀକରଣ ନିମନ୍ତେ ୨ଲକ୍ଷ୧୧ହଜାର୧୮୬ଟଙ୍କା ଏବଂ କାର୍ଯ୍ୟାଳୟକୁ ପାଣି ଯୋଗାଣ ଓ ମରାମତି ବାବଦରେ ୮୦ ହଜାର ଟଙ୍କା ବ୍ୟୟ ହୋଇ ନିର୍ମାଣ କାର୍ଯ୍ୟ ଚାଲିଥିଲା। ବିଭିନ୍ନ ପର୍ଯ୍ୟାୟରେ ଅର୍ଥ ମଂଜୁର ହୋଇ ବର୍ତ୍ତମାନ ପଞ୍ଚାୟତ ଭବନର ନିର୍ମାଣ କାର୍ଯ୍ୟ ଶେଷ ହୋଇ ସାରିଛି; କିନ୍ତୁ ନିର୍ମାଣ କାର୍ଯ୍ୟ ସରିବା ପରେ ମଧ ପଞ୍ଚାୟତ ଭବନ କାର୍ଯ୍ୟକ୍ଷମ ହୋଇନପାରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ସୂଚନା ଅନୁଯାୟୀ, ନିର୍ମାଣ କାର୍ଯ୍ୟ ସରି ସାରିଥିଲେ ସୁଦ୍ଧା ନିର୍ମାଣାଧୀନ ଭବନକୁ ବିଦ୍ୟୁତ୍‌ସଂଯୋଗୀ କରଣ ହୋଇ ପାରିନଥିବାରୁ ଏହା କାର୍ଯ୍ୟକ୍ଷମ ହୋଇ ପାରୁନଥିବା ଜଣାପଡ଼ିଛି। ଅପରପକ୍ଷରେ ଅସ୍ୱାସ୍ଥ୍ୟକର ପରିବେଶରେ ପୁରୁଣା କାର୍ଯ୍ୟାଳୟରେ ପଂଚାୟତର କାର୍ଯ୍ୟ ନିର୍ବାହ ହେଉଛି। ଉକ୍ତ କାର୍ଯ୍ୟାଳୟର ଛାତରୁ ଓ କାନ୍ଥରୁ ବିଭିନ୍ନ ସ୍ଥାନରୁ ପାଣି ଗଳିବା ସହ ଭିନ୍ନ ଏକ ପରିବେଶ ସୃଷ୍ଟି କରୁଛି। ପରିସରରେ ଥିବା ଆସବାବପତ୍ର ମଧ ନଷ୍ଟ ହେବା ସମ୍ଭାବନା ସୃଷ୍ଟି ହୋଇଛି।

## ମିଳିଲାନି ଭତ୍ତା

### ସମାଜ ସେବୀଙ୍କ ସହାୟତା

ଅସୁରାଳି,୨୭।୯(ସମିସ): ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କୋରୁଆ ଗ୍ରାମର ଆନନ୍ଦ ସେଠୀ (୭୫)। ଆଖିକୁ ଦେଖାଯାଉନାହିଁ ଏବଂ ଗୋଡ଼ ଠିକ ନଥିବାରୁ ଚାଲି ବି ପାରନ୍ତି ନାହିଁ। ନିଜେ ବଞ୍ଚିବା ପାଇଁ କେବଳ ସାହା ଥିଲା ଭତ୍ତା ଟିକକ। ଏ ଦୁଃଖୀ ମଣିଷର ପରିବାର ବୋଲି ନିଜର ମଣିଷ କେହି ନାହାନ୍ତି। ମାଗି ଯାଚି ଚଳନ୍ତି ଆନନ୍ଦ ସେଠୀ; କିନ୍ତୁ ଦୁଃଖର ବିଷୟ ଏହି ମାସ ତାଙ୍କୁ ଭତ୍ତା ମିଳିଲା ନାହିଁ। ଅନଲାଇନ ଭତ୍ତା ସାର୍ଟିଫିକେଟ ଦେଖାଇ ନପାରିବାରୁ ତାଙ୍କୁ ଭତା ଦେବାରୁ ବଞ୍ଚିତ କଲେ ଅଧିକାରୀ। ବହୁ ଦୁଃଖ କଷ୍ଟରେ ଭୋକ ଉପାସରେ କଳତିପାତ କରୁଥିଲେ ଆନନ୍ଦ। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ ଦେଇ ପାରିଲା ନାହିଁ ଭତ୍ତା। କିନ୍ତୁ ସମାଜସେବୀ ତ୍ରିଲୋଚନ ଦାସ ଏବଂ ଚାଷୀ ମୁଲିଆ ସଂଗଠନର ସଭାପତି ଶ୍ୟାମସୁନ୍ଦର ସେଠୀ ତାଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା କରିଛନ୍ତି। ଏହି କାର୍ଯ୍ୟ ପାଇଁ ସାରା ଅଞ୍ଚଳରେ ପ୍ରଶଂସାର ପାତ୍ର ହୋଇଛନ୍ତି ୨ ସମାଜସେବୀ।

## ଗ୍ରାମ୍ୟ ରାସ୍ତାରେ ଭାରୀ ଯାନର ଅବାଧ ଚଳାଚଳ

ବାରିକପୁର, ୨୭।୯(ସମିସ): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଗ୍ରାମ୍ୟରାସ୍ତା ଦେଇ ଦୈନିକ ଅବାଧ ବାଲି ଟ୍ରକ ଚଳାଚଳ କରୁଥିବା ଦେଖାଯାଇଛି। ରାସ୍ତାରେ ଭାରୀ ଯାନ ଚଳାଚଳ ଆଇନକୁ ଉଲ୍ଲଙ୍ଘନ କରି ପ୍ରତ୍ୟେକ ଦିନ ୧୦ ଚକିଆ, ୧୨ ଓ ୧୪ ଚକିଆ ଟ୍ରକ ବାଲି ପରିବହନ କରୁଥିବା ଅଭିଯୋଗ ହୋଇଛି। ବୈତରଣୀ ନଦୀର ବିଭିନ୍ନ ସୈରାତ ନିଲାମ ହୋଇନଥିବା ବେଳେ ଅନେକ ସମୟରେ ଟ୍ରକ ଯୋଗେ ବେଆଇନ ବାଲି ଚାଲାଣ ଜାରି ରହିଛି। ବିଶେଷ କରି ଗାଡିଗୁଡିକ ନିଶାର୍ଦ୍ଧରେ ଯାଜପୁର ଓ ଆଖୁଆପଦା ଆଖପାଖ ଅଞ୍ଚଳକୁ ଯାଉଛି। ରାତିରେ ବାଲି ବୋଝେଇ କରି ଭୋର ସମୟରେ ଭଦ୍ରକ ଅଭିମୁଖେ ଯାଉଥିବା ଜଣାପଡିଛି। ଛତାବର ବଳିଘାଇ ଓ ପାଳଦା ମଣିନାଥପୁର ପୂର୍ତ୍ତ ବିଭାଗ ରାସ୍ତା ଦେଇ ଅବାଧରେ ଏହି ବେଆଇନ ବାଲି ଗାଡି ଯାଉଥିବା ସ୍ଥାନୀୟ ବାସିନ୍ଦାମାନେ ଜଣାଇଛନ୍ତି। ଏଥିଯୋଗୁଁ ଦିନକୁ ଦିନ ରାସ୍ତା ଦୁର୍ବଳ ହେଉଥିବା ବେଳେ ଏଥିପାଇଁ କେତେବେଳେ ଯେ ଦୁର୍ଘଟଣା ଘଟିବ କହି ହେଉନାହିଁ। ଏପରିକି ଚଣ୍ଡିଖୋଲ ଅଞ୍ଚଳରୁ ଯେଉଁ ଗାଡ଼ିଗୁଡ଼ିକ ଚିପ୍ସ ଓ ମେଟାଲ ବୋଝେଇ କରି ଆସୁଛନ୍ତି



ସେମାନେ ମଧ ଛତାବର ଟୋଲ ପ୍ଲାଜାକୁ ଫାଙ୍କିବା ପାଇଁ ଏହି ପଥରେ ଯାଉଛନ୍ତି। ଏଭଳି ବେଆଇନ ପରିବହନକୁ ରୋକିବା ପାଇଁ ସତଚେଷ୍ଟା କରାଯାଉଥିଲେ ସୁଦ୍ଧା ପ୍ରଶାସନ ଏଥିରେ ବିଫଳ ହେଉଛି। ବିଶେଷ କରି ଖଣି ନିଗମ ଅଧିକାରୀ ଓ ସ୍ଥାନୀୟ ତହସିଲଦାର ବାଲି ଚାଲାଣ ରୋକିବା ପାଇଁ ନିଜର ଅକ୍ଷମତା ପ୍ରକାଶ କରୁଛନ୍ତି। ତେଣୁ ଥାନା ପକ୍ଷରୁ ବେଆଇନ ଚାଲାଣକୁ ରୋକିବା ପାଇଁ କେତେବେଳେ କେମିତି ଚଢ଼ଉ କରାଯାଉଥିଲେ ମଧ ଚାଲାଣ କିନ୍ତୁ ବନ୍ଦ ହେଉ ନଥିବା ଦେଖାଯାଉଛି।

## ପୁଅକୁ ଛୁରିରେ ଆକ୍ରମଣ କରି ବାପ ଗିରଫ

ଅସୁରାଳି,୨୭।୯(ସମିସ): ଧାମନଗର ବ୍ଲକର ଧୂଷୁରୀ ଥାନା କୋଠାର ଅଞ୍ଚଳରେ ପାରିବାରିକ କନ୍ଦଳ ଉଗ୍ର ରୂପ ନେଇଛି। ରାଜକିଶୋର ନାୟକ (୩୦)ଙ୍କୁ ତାଙ୍କ ବାପା ଶ୍ୟାମସୁନ୍ଦର ନାୟକ ଧାରୁଆ ଛୁରିରେ ପେଟରେ ଭୁସି ଦେଇ ଆକ୍ରମଣ କରିଥିଲେ। ଘଟଣା ୩ ଦିନ ତଳେ କୋଠାର କଟେରି ଦାଣ୍ଡ ଅଞ୍ଚଳରେ ଘଟିଥିଲା, ଯେଉଁଠି ରାଜକିଶୋରଙ୍କ ବାପା, ମାଆ ଉର୍ମିଳା ଓ ଭଉଣୀ ରଞ୍ଜିତା ମିଳି ଆକ୍ରମଣ କରିଥିଲେ। ଏହି ହିଂସା ଅବସ୍ଥାରେ ରାଜକିଶୋରଙ୍କ ପତ୍ନୀ ମିନାରାଣୀ ମଧ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ରାଜକିଶୋରଙ୍କୁ କଟକ ମେଡିକାଲ ରେଫର କରାଯାଇଛି। ଘଟଣା ସମ୍ପର୍କରେ ମିନାରାଣୀ ଦ୍ୱାରା ଦିଆଯାଇଥିବା ଅଭିଯୋଗ ଆଧାରରେ, ଧୂଷୁରୀ ପୁଲିସ ଶ୍ୟାମସୁନ୍ଦର, ଉର୍ମିଳା ଓ ରଞ୍ଜିତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି। ଶ୍ୟାମସୁନ୍ଦରଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବନ୍ତ/ଆଗରପଡ଼ା,୨୭।୯(ସମିସ): ଆଗରପଡ଼ା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ନାରାୟଣଚନ୍ଦ୍ର ପାତ୍ର ଏହାକୁ ଉଦଘାଟନ କରିଥିଲେ। ମହାବିଦ୍ୟାଳୟ ମୁଖ୍ୟ ସହାୟକ ଅଶୋକ ସାହୁ, ପୂର୍ବତନ ସେବା ଯୋଜନା ଅଧିକାରୀ ଅଧାପକ ବ୍ରଜମୋହନ ପତି, ଡ. ହରିହର ଦାସ, ଡ. ଅରବିନ୍ଦ ଦାସ ପ୍ରମୁଖ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସର, ମୁଖ୍ୟ ଫାଟକ ପରିସର ଓ ବଜାର ପରିସରରେ ସଫେଇ କରାଯାଇଥିଲା। ୫୦ରୁ ଅଧିକ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରକାଶ ରାଉତ ଓ ଏନ୍‌ସିସି ମୁଖ୍ୟ ଜଗନ୍ନାଥ ଦାସ ପରିଚାଳନା କରିଥିଲେ।

## ବେଆଇନ ବାଣ ଜବତ; ତିନି ଗିରଫ

ଧାମନଗର, ୨୭।୯(ସମିସ): ଧାମନଗର ଅଞ୍ଚଳରେ ଆଗକୁ ଆସୁଛି କାଳୀ ପୂଜା। ସେନେଇ ବେଆଇନ ବାଣ ତିଆରି କାରଖାନା ବଢ଼ିବାରେ ଲାଗିଛି। ଏହି ଦୃଷ୍ଟିରୁ ଧାମନଗର ଥାନାଧିକାରୀ ରଞ୍ଜନ କୁମାର ସେଠୀ ସଦଳବଳେ ବିଭିନ୍ନ ବେଆଇନ ବାଣ ତିଆରି କାରଖାନା ଉପରେ ଚଢ଼ଉ କରି ବିପୁଳ ପରିମାଣର ଲକ୍ଷାଧିକ ଟଙ୍କାର ବାଣ ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରିଛନ୍ତି। ଏନେଇ ଥାନାରେ ତିନୋଟି ମାମଲା ରୁଜୁ ହୋଇଛି।

## ମାନସିକ ଭିନ୍ନକ୍ଷମଙ୍କୁ ଭତ୍ତା କେବେ ?



ଦୋଳସାହି,୨୭।୯(ସମିସ): ତିହିଡ଼ି ବ୍ଲକ୍ ଗୁଆମାଳ ପଞ୍ଚାୟତ ୭ନମ୍ବର ୱାର୍ଡର ଗୌରହରି ଜେନାଙ୍କ ୧୨ ବର୍ଷର ଝିଅ ସ୍ୱର୍ଣ୍ଣପ୍ରଭା ଜେନା ଜନ୍ମରୁ ମାନସିକ ବିକୃତ ସହ ୮୦ପ୍ରତିଶତ ଭିନ୍ନକ୍ଷମ ହୋଇଥିବା ଜଣାପଡିଥିଲା ବେଳେ ତାଙ୍କୁ ଅଦ୍ୟାବଧି କୌଣସି ସରକାରୀ ସହାୟତା ପ୍ରଦାନ କରାଯାଇ ନଥିବା ଜଣାପଡିଛି। ତାଙ୍କୁ ସୁସ୍ଥ କରିବା ନିମନ୍ତେ ପରିବାରବର୍ଗ ଦେବାଦେବୀଙ୍କଠାରେ ପୂଜାର୍ଚ୍ଚନା କରିବା ସହ ଅନେକ ଡାକ୍ତରଙ୍କ ପାଖକୁ ଦୌଡ଼ି ଦୌଡ଼ି ୬ଲକ୍ଷରୁ ଅଧିକ ଟଙ୍କା ଧାର କରି ଖର୍ଚ୍ଚ କରି କିଛି ସୁଫଳ ମିଳୁ ନଥିବା ବେଳେ ପଡ଼ିବାର ଆର୍‌ଥିକ ଅନଟନରେ ସଢୁଥିବା ସହ ଋଣରେ ବୁଡି ରହିଥିବା ଜଣାପଡିଛି। ପ୍ରଶାସନ ତରଫରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

## ରକ୍ତତୀର୍ଥ ଇରମ୍‌ରେ ୮୩ତମ ଶହୀଦ ସ୍ମୃତି ଦିବସ ଆଜି

ବାସୁଦେବପୁର, ୨୭।୯(ସମିସ): ଭାରତଛାଡ଼ ଆନ୍ଦୋଳନ ଇତିହାସର ମୁକସାକ୍ଷୀ ଦ୍ୱିତୀୟ ଜାଲିଓ୍ୱାନାବାଗ ହତ୍ୟାକାଣ୍ଡର ସ୍ମାରକୀ ବହନ କରୁଥିବା ରକ୍ତତୀର୍ଥ ଇରମ ଶହୀଦ ପୀଠର ୮୩ତମ ଶହୀଦ ଦିବସ ପାଳିତ ହେବ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର ଇରମ ପଞ୍ଚାୟତର ମେଳନ ପଡ଼ିଆ। ଯେଉଁଠି ଦିନେ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମୀମାନେ ଦେଇଥିଲେ ରଣହୁଙ୍କାର। ଜ୍ୱାଳାମୁଖୀ ଭାରତଛାଡ଼ ଆନ୍ଦୋଳନ ପ୍ରଭାବ ଅନୁଭୂତ ହେଉଥାଏ, ଭଦ୍ରକ ଜିଲ୍ଲାର ବାସୁଦେବପୁର ଅଞ୍ଚଳରେ। ମହାତ୍ମାଗାନ୍ଧୀଙ୍କ ଚାରବାଟିଆ ଆଗମନ ପରେ ବାସୁଦେବପୁର ଅଞ୍ଚଳର ଶହ ଶହ ଯୁବକ ଝାସ ଦେଇଥିଲେ ସ୍ୱାଧୀନତା ସଂଗ୍ରାମରେ। ବାଞ୍ଛାନିଧି ମହାନ୍ତିଙ୍କ କାଳଜୟୀ କବିତା କହ କହ କେଉଁ ଜାତି ପାଇଛି ମୁକତି, କରି ହାରି ଗୁହାରୀ.....। ମହାନ୍ତିଙ୍କ ବାଞ୍ଛାନିଧି ଚକଲା ସ୍ୱାଧୀନତ ଭାରତ ଘୋଷଣା କରିଥିଲେ। ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖ ଇରମର ମେଳନ ପଡିଆର ବ୍ରିଟିଶ ବିରୋଧରେ ସଭା



ଚାଲିଥାଏ। ଖବର ପାଇ ବ୍ରିଟିଶ ଫୋଜ ଚୂଡାମଣୀ ପହଞ୍ଚିବା ପରେ ଶହ ଶହ ଶଙ୍ଖ ଧ୍ୱନି ବାଜି ଉଠିଲା। ଚୂଡାମଣୀର ନଦୀର ଡଙ୍ଗା ଛାଡି ନାଉରିଆ ପଳାଇ ଯାଇଥିଲା। ବ୍ରିଟିଶ ଫୌଜମାନେ ନିଜେ ଡଙ୍ଗାରେ ପାରି ହୋଇ ଇରମ ମେଳନ ପଡିଆ ଅତିକ୍ରମ କରି ପାଢ଼ୀ ଉହାସକୁ ଯାଇଥିଲେ। ଫୌଜୀଙ୍କ ଲୁଗା ଧରି ଯାଉଥିବା ପୋଲିସ ଠାରୁ ଛଡାଇ ଲୁଗା ପୋଡି ଦେଇଥିଲେ। ବ୍ରିଟିଶ ଫୌଜମାନେ ପାଢ଼ୀ ଉହାସରୁ ଫେରି ଆସି ମେଳନ ପଡିଆରେ ପହଂଚି ଆଖିବୁଜା ଗୁଳି ବର୍ଷଣ କରିଥିଲେ। ଏଥିରେ ୫୬ ଜଣ ଆହତ ହୋଇ ଥିବା ବେଳେ ୨୯ ଜଣ ଶହୀଦ ହୋଇଥିଲେ। ସେଥିମଧ୍ୟରୁ ପରି ବେଓ୍ୱା ନାମକ ମହିଳା ଶହୀଦ ହୋଇଥିଲେ। ସେଦିନର ସ୍ୱାଧୀନତା ସଂଗ୍ରାମର ବୀରତ୍ୱର ଗାଥା ଆଜିର ଯୁବ ସମାଜକୁ ପ୍ରେରଣା ଦେଉଛି। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରି ଶହୀଦ ପୀଠର ବିକାଶ ଆରମ୍ଭ ହୋଇ। ଶହୀଦ ସ୍ମୃତି କମିଟି ପକ୍ଷରୁ ଆସନ୍ତାକାଲି ୨୮ ତାରିଖ ରବିବାର ୮୩ତମ ଶହୀଦ ଦିବସ ବେଶ ଆଡମ୍ବରରେ ପାଳନ ହେବ। ସକାଳଠାରୁ ରାତ୍ରୀ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ରହିଛି।

## ଜୟକୃଷ୍ଣ ମହାପାତ୍ରଙ୍କ ସ୍ମୃତିସଭା

ବନ୍ତ/ଆଗରପଡ଼ା,୨୭।୯(ସମିସ): ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ପଣ୍ଡାସାହି ବାଉନଘରର ମୁରବୀ, ଦରଦୀ ମଣିଷ ଜୟକୃଷ୍ଣ ମହାପାତ୍ରଙ୍କ ସ୍ମୃତିଚାରଣ ସଭା ଗଣିଜାଙ୍ଗ ପଞ୍ଚାୟତ ରାଜୀବ ସେବା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଅଲେଖଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ନାରାୟଣଚନ୍ଦ୍ର ଲେଙ୍କା, ପ୍ରାକ୍ତନ ବ୍ୟାଙ୍କ କର୍ମଚାରୀ ରତ୍ନାକର ଦାଶ, ଅଜୟ ରାଉତ, ସମାଜସେବୀ ଭୀମସେନ ସାମଲ, ପ୍ରାକ୍ତନ ସେବା ସମବାୟ ସଭାପତି ଜଗନ୍ନାଥ ପାଣିଗ୍ରାହୀ, ନିରଞ୍ଜନ ପାଢ଼ୀ, ଚୌଧୁରୀ ଚମ୍ପତି ଚରଣ ବେହେରା, ଶିକ୍ଷାବିତ୍ ରମାକାନ୍ତ ଜେନା, ସେବା ସମବାୟ ସମ୍ପାଦକ ମାନସ କୁମାର ପଣ୍ଡା, ଶିକ୍ଷାବିତ୍ ଶ୍ରୀକାନ୍ତ ପଣ୍ଡା, ରାମଚନ୍ଦ୍ର ପଣ୍ଡା, ଶିକ୍ଷାବିତ୍ ତପସ୍ୱିନୀ ପହି ପ୍ରମୁଖ ଯୋଗ ଦେଇଥିଲେ। ବ୍ରହ୍ମାନନ୍ଦ ଘଡ଼ାଇ, ବିଷ୍ଣୁମୋହନ ଘଡ଼ାଇ, ଅମୂଲ୍ୟ ମହାପାତ୍ର, ସଞ୍ଜୟ ମହାପାତ୍ର, ଅନନ୍ତ ମହାପାତ୍ର, ଚିତ୍ତରଞ୍ଜନ ନାୟକ, ନିରଞ୍ଜନ ମହାପାତ୍ର, ସାର ମହାପାତ୍ର, ମନୋରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ।




## କାଦବରାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ଅପରିଷ୍କାର, ପଦକ୍ଷେପ ଶୂନ

ବନ୍ତ/ଆଗରପଡ଼ା,୨୭।୯(ସମିସ): ଗତ ୭ ତାରିଖରେ 'ସ୍ୱଚ୍ଛଭାରତ ବାଟବଣା; ଜଙ୍ଗଲ ପାଲଟିଲାଣି କାଦବରାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ୨୦ଦିନ ବିତିଯାଇଥିଲେ ସୁଦ୍ଧା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନକରାଯିବା ବିଭାଗର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ବନ୍ତ ବ୍ଲକ କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ନୂତନ) ଅଧିକାରୀମାନଙ୍କ ଖାମଖିଆଲି ନୀତି ଯୋଗୁଁ ସଂରକ୍ଷିତ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ୧୯୯୪ ମସିହାରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ଏହାର ଭିତ୍ତିଭୂମିରେ କୌଣସି ଉନ୍ନତି ହୋଇପାରି ନାହିଁ। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ କେନ୍ଦ୍ରୀୟ ଟିମ ଗସ୍ତ ପୂର୍ବରୁ ଏହାର କଳେବର ରଙ୍ଗିନ ହୋଇପାରିଥିଲା। ମାତ୍ର ଡ଼ାକ୍ତର ନଥିବାରୁ ରୋଗୀମାନେ ନାନା ହୀନସ୍ତା ହେଉଥିଲେ। ଆବଶ୍ୟକ ଅନୁଯାୟୀ କର୍ମଚାରୀ ନିଯୁକ୍ତି ଦିଆଯାଉନଥିବାରୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିୟମ



କେବଳ କାଗଜକଲମରେ ସୀମିତ ହୋଇ ରହିଯାଉଛି। ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବା ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଭଦ୍ରକ ଆନୁକୂଲ୍ୟରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୫ମ ସିଫସି ଯୋଜନାରେ ୮ଲକ୍ଷ ଅଟକଳ ମୂଲ୍ୟରେ ବାୟୋ ମେଡ଼ିକାଲ ୱେଷ୍ଟ ଇକ୍ୱିଇମେଣ୍ଟପ୍ରକଳ୍ପ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ଷୋଳ ଲକ୍ଷ ଛୟାଳିଶ ହଜାର ଛଅଶହ ଛପନ ଟଙ୍କା ମୂଲ୍ୟର ଲେବର ରୁମ ନିର୍ମାଣ କାର୍ଯ୍ୟ ସରି କାର୍ଯ୍ୟକ୍ଷମ ହେବା ଅପେକ୍ଷାରେ ରହିଛି। ତେଣୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମିତ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଥିବାରୁ ଏହା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ସେହିପରି ଏହାର ସମ୍ମୁଖ ଭାଗକୁ ଛାଡ଼ି ଅନ୍ୟ ପାଶ୍ୱର୍ରେ ନାନାଦି ଅନାବନା ଗଛ ଉଠି ଅପରିଷ୍କାର ପରିବେଶ ସୃଷ୍ଟି କରିବା ସହ ଏଥି ମଧ୍ୟରେ ବିଷଧର ସାପମାନେ ରହିଥାଇପାରନ୍ତି ବୋଲି ଅନୁମାନ କରାଯିବା ସହ ଏହାର ପରିସରରେ ପୁରୁଣା ଗୃହ ଥିଲେ ମଧ ଏହାକୁ ଭାଙ୍ଗିବାର କୌଣସି ବନ୍ଦୋବସ୍ତ କରାଯାଉନଥିବା ମଧ ଚିନ୍ତାର ବିଷୟ ପାଲଟିଛି। କହିବାକୁ ଗଲେ ସରକାରଙ୍କ ସ୍ୱଚ୍ଛଭାରତ ଅଭିଯାନ ଏଠାରେ ସଂପୂର୍ଣ୍ଣ ବାଟବଣା ହୋଇପଡ଼ିଛି। କାଦବରାଙ୍ଗ ପଞ୍ଚାୟତର ଆଡ଼ିଆ, ଅଡ଼ାଳପଙ୍କ, ଗୋପାଳପୁର, କାଉପୁର, ଗଣିଜାଙ୍ଗ ଆଦିର ଶତାଧିକ ଲୋକେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି।

# ଅସ୍ପୃଶ୍ୟ



ମୂଳ ଇଂରାଜୀ : ରସ୍କିନ୍ ବଣ୍ଡ

ଅନୁବାଦ : ପ୍ରଦ୍ୟୁମ୍ନ ପଟ୍ଟନାୟକ



ଝାଡୁଦାର ପିଲାଟି ଦ୍ୱାରରେ ଟଙ୍ଗା ହୋଇଥିବା ବେଣାଚେର ମସିଣା ଉପରେ ପାଣି ଛାଟି ଦେବାରୁ କିଛି ସମୟ ପାଇଁ ପବନ ଥଣ୍ଡା ହୋଇଗଲା । ମୁଁ ମୋ ଖଟ ଧାରରେ ବସି ଖୋଲା ଝରକାରେ ଦି' ପହରରେ ଜଳୁଥିବା ଧୂଳି ରାସ୍ତାକୁ ଦେଖୁଥାଏ । ଗୋଟିଏ ମଟର କାର ଚାଲିଯିବା ପରେ ରାସ୍ତାର ଧୂଳି ତରଙ୍ଗାୟିତ ହୋଇ ମେଘ ଭଳି ଉଡ଼ିବାକୁ ଲାଗିଲା ।

ମୋ ବାପା ମେଲେରିଆରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ପଡ଼ିବାରୁ ରାସ୍ତା ସେପଟର ପଡ଼ୋଶୀଙ୍କୁ ମୋ' ଦାୟିତ୍ୱ ଦେଇ ଯାଇଥାନ୍ତି । ମୁଁ ତାଙ୍କ ସହ ରହିବା ଏବଂ ତାଙ୍କ ଘରେ ଶୋଇବା କଥା । କେବଳ ଖାଇବା ବ୍ୟତୀତ ମୁଁ କିନ୍ତୁ ତାଙ୍କ ଠାରୁ ଦୂରେଇ ରହୁଥିଲି । ମୁଁ ତାଙ୍କୁ ଭଲ ଲାଗୁ ନଥିଲି କି ସେ ମୋତେ ଭଲ ଲାଗୁନଥିଲେ ।

ଗୋଟେ ସପ୍ତାହରୁ ଅଧିକ ହେବ ମୁଁ ସହର ବାହାରେ, ଜଙ୍ଗଲ ପାଖରେ ଥିବା ନାଲି ଇଟାର ବଙ୍ଗଳାରେ ଏକୁଟିଆ ରହୁଥିଲି । ରାତିରେ ଝାଡୁଦାର ପିଲା ମୋତେ ଜଗି ରହୁଥିଲା । ରୋଷେଇ ଘରେ ଶୋଉଥିଲା । ତା' ବ୍ୟତୀତ ମୋର କେହି ସାଥୀ ନଥିଲେ । ପଡ଼ିଶାରେ ଥିବା ପିଲାମାନେ ମୋତେ ଭଲ ଲାଗୁ ନଥିଲେ କି ମୁଁ ତାଙ୍କୁ ଭଲ ଲାଗୁ ନଥିଲି । ତାଙ୍କ ମା' ମୋତେ ଝାଡୁଦାର ପିଲା ସହ ଖେଳିବାକୁ ମନା କରି କହିଲେ, "ସେ ଅସନା, ତାକୁ ଛୁଁ ନା । ମନେରଖ, ସେ ଜଣେ ଚାକର । ତୁ ଆସି ଆମ ପିଲାଙ୍କ ସହ ଖେଳ ।" ମୁଁ ଝାଡୁଦାର ପିଲା ସହ ଖେଳୁ ନଥିଲି କି ତାଙ୍କ ପିଲାଙ୍କ ସହ ବି ଖେଳିବାକୁ ଇଚ୍ଛା କରୁନଥିଲି । ମୁଁ ମୋ ବିଛଣାରେ ବସି ବସି ସପ୍ତାହ ସାରା ମୋ' ବାପାଙ୍କର ଆସିବାକୁ ଅପେକ୍ଷା କରୁଥିଲି ।

ଗୋଟିଏ ବାଲଟିକୁ ଠଣ ଠାଣ କରି ଝାଡୁଦାର ପିଲା ଦିନସାରା ଘରୁ ପୋଖରୀ ଯାଏ ବାରମ୍ବାର ଯିବା ଆସିବା କରୁଥାଏ । ସେ ବି ମୋ ଭଳି ଦଶ ବର୍ଷର । ଛୋଟ ଛୋଟ ଚୁଟି, ଧଳା ଦାନ୍ତ ଏବଂ ଧୂଳି ମଳି ହାତ, ପାଦ ଓ ମୁହଁ । ଗାଢ଼ ବାଦାମୀ ରଙ୍ଗର ଦେହରେ କେବଳ ଖଣ୍ଡେ ଖାକି ପ୍ୟାଣ୍ଟ୍ ବ୍ୟତୀତ ସାରା ଦେହ ଫୁଙ୍ଗୁଳା । ସବୁ ଥର ପୋଖରୀରୁ ପାଣି ଆଣିବା ବେଳେ ସେ ଗାଧୋଇ ପଡୁଥାଏ । ତା' ମୁଣ୍ଡରୁ ଗୋଡ଼ ଯାଏ ଝରୁଥିବା ପାଣି ଧାର ଚକ୍ ଚକ୍ କରୁଥାଏ ।

ମୁଁ ଝାଳରେ ବୁଡ଼ି ଯାଉଥାଏ । ପୋଖରୀରେ ଗାଧୋଇବା ମୋ' ପାଇଁ ଥିଲା ନୀଚସ୍ତରର, ଯେଉଁଠି ମାଳି, ପାଣି ବୁହାଳୀ, ରୋଷେୟା, ଆୟା, ଝାଡୁଦାର ଏବଂ ତାଙ୍କ ପିଲାମାନେ ଏକାଠି ହେଉଥିଲେ । ମୁଁ ଜଣେ ସାହେବ ଘର ପିଲା ହୋଇଥିବାରୁ ଚାକରମାନଙ୍କ ପିଲାଙ୍କ ସହ ମୋର ଖେଳିବା କଥା ନୁହଁ । କିନ୍ତୁ ମୁଁ ସ୍ଥିର କରିଥିଲି ଅନ୍ୟ ସାହେବ ପିଲାମାନଙ୍କ ସହ ବି ନଖେଳିବାକୁ, କାରଣ ମୁଁ ତାଙ୍କୁ ଭଲ ଲାଗୁ ନଥିଲି କି ସେମାନେ ମୋତେ ଭଲ ଲାଗୁ ନଥିଲେ ।

ବସି ବସି ମୁଁ ଝରକା କାଚରେ ମାଛି ଭଣ ଭଣ ହେବା, ଝିଟିପିଟି ଲୁଚିଯିବା ଏବଂ ପବନରେ ଶୁଖିଲା ଫୁଲଗୁଡ଼ିକ ଏଣେ ତେଣେ ଉଡୁଥିବା ଦେଖୁ ଥିଲି । ଝାଡୁଦାର ପିଲାଟି ଖେଳିବା ଢଙ୍ଗରେ ଆସି ସାଲ୍ୟୁଟ୍ କଲା । ମୁଁ ତା' ଆଡ଼କୁ ନଚାହିଁ କହିଲି, 'ପଳା ଯା!' ସେ ରୋଷେଇ ଘରକୁ ଚାଲି ଗଲା । ମୁଁ କୋଠରି ପାର ହୋଇ ଟୋପି ଥାକରୁ ମୋ ଖରା ଟୋପି ଉଠାଇ ଆଣିଲି । ଗୋଟେ ବିଛା କାନ୍ଥରୁ ପଡ଼ି ତଳେ ଚାଲିବାକୁ ଲାଗିଲା । ମୁଁ ଡରି ଯାଇ ଖଟ ଉପରକୁ ଡେଇଁ ପଡ଼ି ସାହାଯ୍ୟ ପାଇଁ ପାଟି କଲି ।

ଝାଡୁଦାର ପିଲା ତୀର ବେଗରେ ଛୁଟି ଆସିଲା । ସେ ମୋତେ ଖଟ ଉପରେ ଓ ବିଛାକୁ ଚଟାଣରେ ଦେଖି ଥାକରୁ ଗୋଟେ ବଡ଼ ବହି ଆଣି ତାକୁ ଚାପି ଦେଲା । ମୁଁ ମୋ ବିଛଣା ଉପରେ ଠିଆ ହୋଇ ଭୟ ଏବଂ ଘୃଣାରେ ଥରୁଥିଲି । ସେ ତା' ଧଳା ଦାନ୍ତ ଦେଖାଇ ମୋ ଉପରେ ହସିବାରୁ ମୋତେ ଲାଜ ଲାଗିଲା । ମୁଁ ଆଉ ସେ ଟୋପି ଥାକ ପାଖକୁ ଗଲି ନାହିଁ କି ତାକୁ ଛୁଇଁଲି ନାହିଁ । କେବଳ ମୋ ବାପାଙ୍କ ଘରକୁ ଆସିବା ଚାହୁଁଥିଲି । ମୋ' କାନ ପାଖରେ ଗୋଟିଏ ମଶା ଗୀତ ଗାଇ ଚାଲିଗଲା । ଦ୍ୱିଧାର ସହ ମୁଁ ତାକୁ ଧରିବାକୁ ଚାହୁଁ ଥିଲି । ସେ ଖସି ଯାଇ ଡ୍ରେସିଂ ଟେବୁଲ ପଛପଟେ ଅଦୃଶ୍ୟ ହୋଇଗଲା । ସେହି ମଶା ବୋଧେ ମୋ' ବାପାଙ୍କୁ ମେଲେରିଆ ଦେଇଥିଲା ଏବଂ ମୋତେ ଦେବାକୁ ଚେଷ୍ଟା କରୁଥିଲା ।

ରାତିରେ ମୁଁ ମୋ ବିଛଣାରେ ବସି ବତୀ ଲଗାଇ ପଢ଼ିବାକୁ ଲାଗିଲି । ତେବେ ବହିଗୁଡ଼ିକ ବି ମୋ ଉଦ୍‌ବେଗକୁ ପ୍ରଶମିତ କରି ପାରିଲେ ନାହିଁ । ଝାଡୁଦାର ପିଲା ଘର ସାରା ବୁଲି ବୁଲି ସବୁ ଝରକା କବାଟ ବନ୍ଦ କରିଦେଲା । ସେ ସବୁ ସ୍ୱିଚ୍ ବନ୍ଦ କରି ତା' ଶୋଇବା ଘରକୁ ଚାଲି ଗଲା । ବାହାର ଭିତର ସବୁଆଡ଼େ ଅନ୍ଧାର । କେବଳ ଝାଡୁଦାର ପିଲାର କୋଠାରି କବାଟ ଫାଙ୍କରୁ ଧାରେ ଆଲୁଅ ଦିଶୁଥିଲା, ସେ ବି ବନ୍ଦ ହୋଇଗଲା ।

ମୁଁ ଭାବିଲି ପଡ଼ିଶା ଘରେ ଶୋଇ ଯାଇଥିଲେ ଠିକ୍ ହୋଇ ଥାଆନ୍ତା । ଅନ୍ଧାର ମୋତେ ବିବ୍ରତ କରୁଥିଲା । ନିରବତା ମଧ୍ୟରେ ଶୁଖିଲା ପତ୍ରର ମର୍ମର... । ମୋତେ ଲାଗିଲା ଯେମିତି ସାପଟିଏ ଶୁଖିଲା ଡାଳ ପତ୍ର ଉପରେ ଚାଲୁଛି । ମୋର ମନେ ପଡ଼ିଗଲା ବହୁ ଆଗରୁ ଶୁଣିଥିବା କଥାଟିଏ । ଗୋଟିଏ ଶୋଇବା ପିଲାକୁ ନାଗ ସାପ କାମୁଡ଼ି ଦେଇଥିଲା । ମୁଁ ଶୋଇ ପାରିଲି ନାହିଁ । ବାପାଙ୍କୁ ଖୋଜୁ ଥିଲି । ପୁଣି ସଟର୍ ଉଠିବା ଏବଂ କବାଟ ଖୋଲିବା ଶବ୍ଦ । ସେ ଗୋଟିଏ ଭୂତ ରାତି ଥିଲା । ଭୂତ !

ହେ ଭଗବାନ ! ମୁଁ କାହିଁକି ସେସବୁ ଚିନ୍ତା କରୁଛି ! ହେ ଭଗବାନ ସେ ଭୂତ ଗାଧୁଆ ଘର କବାଟ ପାଖରେ ଠିଆ ହୋଇଛି । ମୋ ବାପା । ମୋ ବାପା ମେଲେରିଆରେ ମରି ଯାଇଛନ୍ତି ଏବଂ ମୋତେ ଦେଖିବାକୁ ଆସିଛନ୍ତି । ମୁଁ ଯାଇ ସ୍ୱିଚ୍ ଟିପି ଦେଲି । କୋଠରି ଆଲୋକିତ ହୋଇଗଲା । ମୁଁ ପୂରା ଭୟରେ ବୁଡ଼ି ଯାଇଥିଲି । ଝାଳରେ ମୋ ରାତ୍ର ପୋଷାକ ଭିଜି ଯାଇଥିଲା । ମୁଁ ଯାହା ଦେଖିଥିଲି ସେ ମୋ' ବାପା ନୁହଁ ତାଙ୍କ ଗାଧୁଆ ଗାଉନ ଥିଲା ଯାହାକୁ ସେ ଡାକ୍ତରଖାନା ନେଇ ନଥିଲେ । ମୁଁ ଆଲୁଅ ଲିଭାଇ ଦେଲି ।

ବାହାରର ନିରବତା ଆହୁରି ଗଭୀର ଏବଂ ନିକଟତର ହେଉଥିଲା । ମୋର ମନେ ପଡ଼ି ଯାଉଥିଲା ବିଛା, ବାଦୁଡ଼ି, ନାଗ ସାପ ଏବଂ ଶୋଇବା ପିଲା କଥା । ମୁଁ ଚାଦରକୁ ମୋ' ମୁଣ୍ଡ ଉପରକୁ ଭିଡ଼ି ଆଣିଲି । ଭାବିଲି ମୁଁ ଯଦି କାହାକୁ ନଦେଖେ ମୋତେ କେହି ଦେଖି ପାରିବେ ନାହିଁ । ଗୋଟିଏ ଘଡ଼ଘଡ଼ି ସେ ନିରବତାକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦେଲା । ବିଜୁଳି ଝଲକ ଆକାଶରେ ଦେଖାଦେଲା । ସେ ଏତେ ପାଖରେ ଥିଲା ଯେ ମୁଁ ଚାଦର ତଳେ ଥିଲେ ବି ମୋତେ ଗଛ ଏବଂ ବିପରୀତ ଦିଗରେ ଥିବା ଘର ଗୋଟିଏ ସ୍ୱର୍ଣ୍ଣାଭ କାନଭାସ୍‌ରେ ଛାୟା ମୂର୍ତ୍ତି ଭଳି ଦେଖା ଗଲା । ମୁଁ ଆହୁରି ଚାଦର ଭିତରକୁ ପଶିଯାଇ ମୋ କାନକୁ ତକିଆରେ ଘୋଡ଼ାଇ ଦେଲି । କିନ୍ତୁ ପରବର୍ତ୍ତୀ ବିଜୁଳି ଘଡ଼ଘଡ଼ି ତାଠୁ ଆହୁରି ଜୋର୍ ଥିଲା । ମୁଁ ଏ ପର୍ଯ୍ୟନ୍ତ ଶୁଣିଥିବା ଘଡ଼ ଘଡ଼ିଠାରୁ ବି ଜୋର୍ । ମୁଁ ତାକୁ ସହ୍ୟ କରି ପାରିଲି ନାହିଁ । ବିଛଣାରୁ ଉଠି ପଡ଼ିଲି ଏବଂ ଦୌଡ଼ି ଅସଂଯତ ଭାବେ ଝାଡୁଦାର ପିଲାର କୋଠରିରେ ପଶି ଗଲି ।

ସେ ପିଲା ଖାଲି ଚଟାଣରେ ବସିଥିଲା ।

କ'ଣ ହେଲା ! ପଚାରିଲା । ବିଜୁଳି ଆଲୁଅରେ ତା' ମୁହଁ ଦାନ୍ତ ଦିଶୁଥିଲା । ତା' ପରେ ଆଉ ଦେଖାଗଲା ନାହିଁ ଅନ୍ଧାରରେ ।

ମୁଁ କହିଲି, "ମୋତେ ଡର ଲାଗୁଛି ।" ମୁଁ ତା' ପାଖକୁ ଘୁଞ୍ଚି ଯାଇ ତା' କାନ୍ଧକୁ ଛୁଇଁଲି ।

ସିଏ କହିଲା, "ଏଇଠି ରୁହ ମୋତେ ବି ଡର ଲାଗୁଛି । ମୁଁ କାନ୍ଥକୁ ଆଉଜି ବସି ଗଲି ସେ ଅଜାତି, ଅସ୍ପୃଶ୍ୟ ପାଖରେ । ତା' ପରେ ବିଜୁଳି ଘଡ଼ଘଡ଼ି ବନ୍ଦ ହୋଇ ବର୍ଷା ହେବାକୁ ଲାଗିଲା । ବର୍ଷା ପାଣିର ସୁ ସୁ ଗର୍ଜନରେ ଢେଉ ଢେଉକା ଛାତ ଉପରୁ ତଳକୁ ପଡୁଥିଲା । ମୋ ଆଡ଼କୁ ଚାହିଁ ସେ ଝାଡୁଦାର ପିଲା କହିଲା, "ବର୍ଷା ଋତୁ ଆସିଗଲା ।" ଅନ୍ଧାରରେ ତା' ହସ ଖେଳି ଗଲା, ମୁଁ ବି ହସିଦେଲି ।


ମୁଁ କିନ୍ତୁ ଖୁସି ଓ ସୁରକ୍ଷିତ ଥିଲି । ଭିଜା ମାଟିର ବାସ୍ନା ସ୍କାଇଲାଇଟ୍ ଦେଇ ଆସୁଥିଲା । ବର୍ଷା ବଢୁଥିଲା । ■

୧୦୧- ପ୍ରକାଶ ଦୀପ ଟାୱାର,
ଜୟଦୁର୍ଗା ନଗର, ଭୁବନେଶ୍ୱର - ୭୫୧୦୦୬
ମୋ: ୯ ୯ ୬ ୮ ୨ ୮ ୦ ୮ ୯ ୬

## ସନ୍ଧ୍ୟାରେ ଏକ କାମନା



କେଉଁ ରାସ୍ତାକୁ କହିବି ଆପଣାର ବାଟ
କେଉଁ ବିସ୍ମୃତ ସୁଖକୁ ସୁଖ
କାହା ନିଦରେ ଯାଇ ନିଦେଇ ଯିବି
କେଉଁ ମିଠା ସ୍ୱପ୍ନର ବାହୁରେ ଚେଇଁ ଉଠିବି
ଏମିତି ଏକ କାମନା ଏହି ସନ୍ଧ୍ୟାରେ
କିନ୍ତୁ ଏ ସଞ୍ଜ ନଇଁ ଯିବା ପରେ
ପ୍ରଜ୍ୱଳିତ ଅଗ୍ନିର ସେଇ ରାସ୍ତାରେ
କ'ଣ ଯାଇହେବ?
ସ୍ମୃତିରେ ମିଳେଇ ଯାଇ ସୁଖର ଆକାଂକ୍ଷା
ନିଦ ଏକ ମୋହଭଳି ବିଛେଇ ହୋଇ ରହିଛି
ପ୍ରତି ଲୋମକୂପରେ
ହଂସ ଭଳି ସ୍ୱପ୍ନରେ ପହଁରେ ଦୁଇଟି ଆଖି । ■



ମୂଳ ହିନ୍ଦୀ : ସବିତା ସିଂ

ଅନୁବାଦ: ପ୍ରବାସିନୀ ମହାକୁଡ଼

## ସୁନ୍ଦର ଉଦିତା

ଗାଢ଼ କଳାରାତି ଶୋଇଛି ଉଦିତା
ନିଜର ଶାଢ଼ି ଖୋଲି ନିଜର କେଶ ଖୋଲି ବିଛଣାରେ ଏକୁଟିଆ
ତା' ମନରେ ନା ଅଛି କୌଣସି ଦ୍ୱନ୍ଦ୍ୱ
କୌଣସି ବିଷାଦ ନା କିଛି ଚାହିଁବା
ରାତିରେ ପୂରା ଗୋଟେ ନିଦ ଶୋଇ ସାରିଛି
ଆଖି ଖୋଲି ସାରିଲାଣି
ବାହାରେ ସୁନ୍ଦର ଲାଲ୍ ଗୋଲ୍ ସୂର୍ଯ୍ୟ ଉଇଁ ଆସିଲେଣି
ବାହୁରେ ପବନକୁ ଉପରକୁ ଟେକି
ଭାଙ୍ଗେ ଗୋଟେ ସୁଖଦ ଅଳସ
ମୁହଁକୁ ଠିଆ କରି
ନିଜ ପୋଷାକ ପିନ୍ଧୁଛି ଉଦିତା
ସିଏ ନିଜର ଏଇ ସୌନ୍ଦର୍ଯ୍ୟ
ଦେଖିବା ପାଇଁ କେତେ ବଡ଼ ଦର୍ପଣ
ଦେଖ ସାମ୍ନାର ଏଇ ନୀଳ ଆକାଶ ପାଲଟି ଯାଇଛି । ■

ଷ୍ଟେସନ୍ ବଜାର, ଢେଙ୍କାନାଳ

# ଯୋନା ଓବର୍ସ୍କିଙ୍କ 'ପିଲାଦିନ'ରେ କାରୁଣ୍ୟ

ଡକ୍ଟର ନିଖିଳେଶ ମହାନ୍ତି




ଯୋନା ଓବର୍ସ୍କି ଜଣେ ଡଚ୍ ଲେଖକ । ୧୯୭୮ ମସିହାରେ ପ୍ରକାଶିତ ତାଙ୍କ ରଚିତ 'ପିଲାଦିନ' (Childhood) ଏକ ଚମତ୍କାର କ୍ଷୁଦ୍ର ଉପନ୍ୟାସ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯେଉଁ ଭଳି ଇହୁଦୀମାନଙ୍କୁ ନିର୍ଯ୍ୟାତନା ଦିଆଗଲା ଓ ଜର୍ମାନୀର ଇହୁଦୀ ମାରଣ ନୀତି ଅବଲମ୍ବନ କରାଗଲା ଏବଂ ଅଷ୍ଟାଦଶ ଶତକରୁ ଇହୁଦୀ ନିର୍ଯ୍ୟାତନାକୁ ରାଷ୍ଟ୍ରୀୟ ମାନ୍ୟତା ଦିଆଗଲା, ଫଳତଃ ଷାଠିଏ ଲକ୍ଷରୁ ଅଧିକ ଇହୁଦୀ ପ୍ରାଣ ହରାଇଥିଲେ । ଇହୁଦୀମାନଙ୍କୁ ଅମାନୁଷିକ ଦଣ୍ଡ ପ୍ରଦାନ, ଶୋଷଣ, ନିର୍ଯ୍ୟାତନା, ଘୃଣ୍ୟ ଜୀବ ଭାବେ ଅତ୍ୟାଚାର ଓ ନାରୀମାନଙ୍କୁ ଶାରୀରିକ ଶୋଷଣ ସହ ଶିଶୁମାନଙ୍କୁ ଶ୍ରମଜୀବୀ ଭାବେ ବିଚାର କରି ହିଟଲରଙ୍କ ପ୍ରଚଳିତ ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ଗୋଟେ ଇହୁଦୀ ଜାତି କିଭଳି ମୃତ୍ୟୁ ସହିତ ସଂଗ୍ରାମ କରିଥିଲା ତାହାରି ପ୍ରେକ୍ଷାପଟରେ 'ପିଲାଦିନ' ଉପନ୍ୟାସଟି ଲିଖିତ । ଏହିପରି ଗଣହତ୍ୟା ଓ ନିର୍ଯ୍ୟାତନାର ପୃଷ୍ଠଭୂମି ଆଧାରିତ ସାହିତ୍ୟକୁ 'ନିର୍ଯ୍ୟାତନା ସାହିତ୍ୟ' (Holocaust Literature) କୁହାଯାଏ ।

ଉପନ୍ୟାସଟିରେ ମୁଖ୍ୟ ଚରିତ୍ର ଭାବେ ଯିଏ ସବୁ ଘଟଣାକୁ କାହାଣୀ ଭାବେ ବର୍ଣ୍ଣନା କରୁଛି ତା'ର ବୟସ ମାତ୍ର ସାତରୁ ଆଠ । ତା' ସହିତ ଘଟଣା ଘଟିଚାଲିଛି, ତା'ର ସମସ୍ତ ବାସ୍ତବ ଅନୁଭବ ହିଁ କାହାଣୀରେ ରୂପାନ୍ତରିତ ହେଉଛି । ନାଜିମାନଙ୍କ କବଳରୁ ବଞ୍ଚିବା ପାଇଁ ବାପାମା'ଙ୍କ ସହିତ ତାକୁ ଯିବାକୁ ପଡୁଛି ଏଭଳି ସ୍ଥାନମାନଙ୍କୁ, ଯେଉଁଠି ହଜାର ହଜାର ଲୋକଙ୍କୁ ପୋଡ଼ି ମାରି ଦିଆଯାଉଥିବା ଧୂଆଁର ଗନ୍ଧ ଭିତରକୁ । ବରଫ ଗଦା ଭିତରେ ଲୁଚି ଲୁଚି ଗୋଟେ ଅନ୍ଧାରିଆ ଟ୍ରେନ୍ ବଗି ଭିତରକୁ ଯେଉଁଠି ସାମାନ୍ୟ ପାଣି ଟିକିଏ ମିଳିବାର ସମ୍ଭାବନା କ୍ଷୀଣ । ବଗି ଭିତରେ ଏତେ ଲୋକ ସାଲୁବାଲୁ ଯେ ବସିବା ପାଇଁ ସ୍ଥାନ କେହି ବି ଖୋଜୁନାହାନ୍ତି; ଅଣ୍ଟା ସଳଖିବା ଏକ ପ୍ରକାର ଅସମ୍ଭବ । ଗୁଳି ଓ ବୋମାର ଶବ୍ଦ ବେଳେ ବେଳେ ନିଶ୍ଚଳ କରିଦେଉଛି ଦେହକୁ । ମା'ର ଆକଟ ପାଟି କରିବୁ ନାହିଁ, କି କନ୍ଦାକଟା କରିବୁ ନାହିଁ; ମୋତେ କଥା ଦେ । ପ୍ରଚଣ୍ଡ ହେମାଳ ଭିତରେ ସମସ୍ତେ ଖାଲି ନୀରବରେ ଅଶ୍ରୁ ଗଡ଼ାଇବେ ହେଲେ କେହି ବି ଦୀର୍ଘଶ୍ୱାସ କିମ୍ବା ପାଟି ଖୋଲିବେ ନାହିଁ ।

ନିର୍ଯ୍ୟାତନା ଭିତରକୁ ଆପଣା ଛାଏଁ ଛାଏଁ ବାପାମା'ଙ୍କ ସହ ପଶି ଯାଉଛି, ହେଲେ ସେ ଜାଣିନି ଏତେ ସବୁ କାଣ୍ଡ କାରଖାନା କାହିଁକି ହେଉଛି । ପ୍ରତିଦିନ ମା' ତାକୁ ଗେଲ କରୁଛି ସତ ହେଲେ, ସେ କୁଆଡ଼େ ବଣ ଅରଣ୍ୟ ଅନ୍ଧାର ଖୋପଡ଼ି, ଧୂଆଁଳିଆ ଉତ୍କଟ ଶବର ଗନ୍ଧ ଭିତରେ ଲୁଚିଛପି ବୁଲୁଛି ଏକଥା ଜାଣି ବି ପାରୁନି ।

ବେଶି ଲୁଚାଉଛନ୍ତି ନିଜକୁ ବାପା, ତେଣୁ ତାଙ୍କ ଭେଟ ବେଳେ ବେଳେ ହେଉନି । ଯେତେବେଳେ ଭୟଙ୍କର ବ୍ୟସ୍ତତା ଭିତରେ ଗୋପନରେ ରହୁଥିବା ବାପାଙ୍କୁ ଭେଟୁଛି, ସେତିକି ବେଳେ ବାପା ଗେଲ କରି ଦେଉଛନ୍ତି, ହେଲେ କିଛି କହୁନାହାନ୍ତି ଓ ଅସୁସ୍ଥତା ଭିତରେ ମରି ଯାଉଛନ୍ତି । ସେ ବାପାଙ୍କ ଶବ ଅନେକ ଶବ ଭିତରେ ଦେଖିଛି ବୋଲି କହୁଛି, ଯଦିଓ ତାକୁ ସମସ୍ତେ ମନା କରୁଛନ୍ତି ତୋ ବାପାଙ୍କୁ ତୁ ଦେଖିନୁ; ତାଙ୍କ ଦେହରେ ଚଦର ନଥିଲା । ଶବ ଘର ଭିତରେ ଏତେ ଗଦା ଗଦା ଶବ ଯେ, ସେଠି ବାପାଙ୍କୁ ପାଇବା




କଷ୍ଟ; ହେଲେ ସେ ଦେଖିଛି ବୋଲି ଦାବି କରିପାରୁଛି । ମା'ଙ୍କୁ ବି ହରାଇବାକୁ ବାଧ୍ୟ ହେଉଛି ଯେତେବେଳେ ଇଭା କହୁଛି ତୁ ମା'ଙ୍କୁ ଆଉ କେବେ ଦେଖିପାରିବୁ ନାହିଁ । ଟ୍ରୁଡ଼ି ବି ସମାନ କଥା କହୁଛି । କାହା ପାଇଁ ବି ଖାଦ୍ୟ ନଥିଲା, କିଛି କଣ୍ଟା ଗଛରୁ ସବୁଜ କଣ୍ଟା ଛିଡ଼ାଇ ଆଣି ସିଝାଇ ମା' ଖାଇଥିଲା ଓ ତା'ର ଝାଡ଼ା ବନ୍ଦ ହେଲା ନାହିଁ; ତାକୁ ମଧ୍ୟ ଶବମାନଙ୍କ ଭିତରେ ଖୋଜିବାକୁ ପଡ଼ିଲା । ରେଶମୀ କୁଞ୍ଚୁକୁଞ୍ଚିଆ କେଶରୁ ମା'କୁ ଚିହ୍ନି ହେଲା ସତ, ମାତ୍ର ଦେଖି ହେଲା ନାହିଁ ।

ଆମଷ୍ଟର ଡାମ୍‌ରେ ପହଞ୍ଚିଲା ବେଳକୁ ପିଲାଟି ପାଞ୍ଚ ଦିନ ବେହୋସରେ ଥିଲା । ଅତ୍ୟଧିକ ଜ୍ୱର ଯୋଗୁ, ମାତ୍ର ସେ ବଞ୍ଚିଯାଇଛି ଏଇଟା କମ୍ ବଡ଼ କଥା ନୁହେଁ! ଜୟ ଆମଷ୍ଟର ଡାମ୍‌ର ଜୟ କହିଲା ବେଳକୁ ସେ ମୁକ୍ତିର ଆଲୋକ ଦେଖୁଥିଲା ହେଲେ ସବୁକିଛି ହରାଇ ସାରିଥିଲା । ତା' ନିଜ ପିଲାଦିନଟି ଅସମ୍ଭବ ଭାବେ କ୍ଷତାକ୍ତ, କରୁଣାକ୍ତ ଓ ବେଦନାସିକ୍ତ ହୋଇସାରିଥିଲା । ତା'ର ପିଲାଦିନକୁ ନାଜିମାନେ ମୋଡ଼ି ମକଚି ଦଳାଚକଟା କରି ଖଣ୍ଡବିଖଣ୍ଡିତ କରିଦେଇଥିଲେ ସତ, ମାତ୍ର ସେଇ ପିଲାଟି ପୁନର୍ବାର ଅଣ୍ଟା ସଳଖିବାକୁ ଧୈର୍ଯ୍ୟ ସାଉଁଟି ପାରିଥିଲା ଓ ରୁଷ୍‌ର ଧଳା ବରଫରେ କୁଦି ନାଚି ମାଟିକୁ ଚୁଚୁମି ଗେଲ କରି କାନ୍ଦି ପକାଇଥିଲା । ଏଥର ସୁନ୍ଦର ସ୍ୱପ୍ନ ଦେଖିବାକୁ, ଅସରନ୍ତି ସ୍ୱପ୍ନ ଦେଖିବାକୁ ଟ୍ରୁଡି କହିଥିଲା । ସେ ଏବେ ପାଲେନଷ୍ଟାଇନ୍‌ର ନୂଆ ସକାଳ ଦେଖୁ; ମନ ଭରି ଦେଖୁ ।

ଔପନ୍ୟାସିକ ଯୋନା ତାଙ୍କ ଛୋଟିଆ ଚରିତ୍ରଟି ମୁହଁରେ ଖୁବ୍ ସାନ ସାନ ପିଲାଳିଆ କଅଁଳ ଭାଷା ଦେଇଛନ୍ତି, ଅନେକ ଅସମାହିତ ପ୍ରଶ୍ନ ପାଠକମନକୁ ଅଶ୍ରୁପୂର୍ଣ୍ଣ କରୁଛି ଓ ସହନଶୀଳତାର ସ୍ତୁପିଭୂତ ଶିହରଣର ଆବେଗରେ ଭାବ ଗମ୍ଭୀର କରିଦେଉଛି । ପାଠକ ଭାବିବାକୁ ବାଧ୍ୟ ହେଉଛି ନିର୍ଯ୍ୟାତନା କେତେ କଠୋର ହୋଇପାରେ । କେବେ ବି କେହି କାହାକୁ ଯୁଦ୍ଧ ମୁହଁକୁ ଠେଲି ନଦେଉ; କାହାରି ବି ପିଲାଦିନ ଆତଙ୍କ ଓ ବିଭୀଷିକାରେ ହାହାକାରମୟ ନ ହେଉ । ସବୁ ପିଲା ନିଜ ପିଲା ହୁଅନ୍ତୁ:ସେମାନଙ୍କ ହସ ଖୁସିରେ ସୃଷ୍ଟି ଆନନ୍ଦମୟ ହେଉ । ■

ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ
ଜେ.ଏନ୍. କଲେଜ, କୁଆଁପାଳ
କଟକ
ମୋ: ୯୪୩୭ ୯୦୫୪୯୦

# ପତ୍ରିକା ପରିଚୟ

## ରେବତୀ

**ସଂପାଦିକା : ସୁବାସିନୀ ଜେନା**




ଓଟି ରୋଡ୍
ବାଲେଶ୍ୱର-୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

ସଂପୂର୍ଣ୍ଣ ରଙ୍ଗିନ ପାରିବାରିକ ଫିଚରଧର୍ମୀ ପତ୍ରିକା ଆମ ମାଟିର ସ୍ୱର 'ରେବତୀ'ର ସେପ୍ଟେମ୍ବର ସଂଖ୍ୟା ଆକର୍ଷଣୀୟ ହୋଇଛି । ସଂପାଦିକା ସୁବାସିନୀ ଜେନାଙ୍କ ସଂପାଦକୀୟ 'ଶକ୍ତିଦାୟିନୀ ମାଆ'ଠାରୁ ଆରମ୍ଭ କରି କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା' 'ଶରଶଯ୍ୟାରେ ସାହିତ୍ୟ ପୁରସ୍କାର' ପର୍ଯ୍ୟନ୍ତ ପ୍ରତିଟି ବିଭାଗର ଲେଖାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । 'ପ୍ରଥା ପରମ୍ପରା'ରେ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ 'ଭାଇ ଭାବନାର ଭାଷା: ଭାଇ ଜିଉଁତିଆ'ରେ ଏକ ନିଆରା ଓଷା ସଂପର୍କରେ ମାର୍ମିକ ଆଲେଖ୍ୟ ପ୍ରକାଶ ପାଇଛି । ସେହିପରି ଡକ୍ଟର ହିମାଦ୍ରି ତନୟା ମିଶ୍ରଙ୍କ 'କବିତାରେ କଳାଠାକୁର', ଆନ୍‌ପା ମାର୍ଣ୍ଡିଙ୍କ 'ଅଲ୍‌ଚିକି'ର ଜନ୍ମଦାତା', ଡ. ପ୍ରୀତିପଦ୍ମା ପଣ୍ଡାଙ୍କ 'ଗୌରଙ୍କ ଗୀତଗୁମର', ପତିତପାବନ ଗିରିଙ୍କ 'ମିଥିର ମାୟା ଓ କବିର କାୟା', ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'ବାବାଧାମର ବୈଚିତ୍ର୍ୟ' ଆଦି ଲେଖାଗୁଡ଼ିକ ଉଚ୍ଚକୋଟୀର ଓ ମନଛୁଆଁ ହୋଇଛି । ସେଭଳି ସ୍ୱପ୍ନା ମିଶ୍ର, ସୁଚିତ୍ରା ପାଣିଗ୍ରାହୀ, ଭବାନୀ ପାଟଯୋଷୀ, ଡକ୍ଟର ସୁଷମା ମିଶ୍ର, ରବିପ୍ରିୟ ଦାଶ, ଡକ୍ଟର ତୁହିନାଂଶୁ ରଥ, ରାମକୃଷ୍ଣ ସାହୁ ପ୍ରମୁଖଙ୍କ କବିତା ପାଠକଙ୍କ ଚିତ୍ତକୁ ତଲ୍ଲୀନ କରିଦିଏ । ଡ. ପ୍ରିୟଲତା ଜେନା, ପ୍ରଶାନ୍ତ ଦାଶ, ମନୋରଞ୍ଜନ ପ୍ରଧାନ ପ୍ରମୁଖଙ୍କ ଗପରେ ମାନବୀୟ ଭାବାବେଗ ଓ ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । 'ରେବତୀ'ର ଏହି ସଂଖ୍ୟାଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ସମ୍ଭବାମି ଭାରତ

**ସଂପାଦିକା : ନନ୍ଦିତା ପଣ୍ଡା**




ଜୟ ଭାରତ ଫାଉଣ୍ଡେସନ୍
ରାମଦାସପୁର, କଟକ

ଜୟ ଭାରତ ଫାଉଣ୍ଡେସନ୍ ପକ୍ଷରୁ ପ୍ରକାଶିତ ବାର୍ଷିକ ସ୍ମରଣିକା 'ସମ୍ଭବାମି ଭାରତ' ୨୦୨୫ ଆମର ହସ୍ତଗତ ହୋଇଛି । ସଂପାଦିକା ନନ୍ଦିତା ପଣ୍ଡା ଓ ସହଯୋଗୀ ସଂପାଦକ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସଂପାଦନାରେ ପ୍ରକାଶିତ ଏହି ସ୍ମରଣିକାରେ ବହୁ କାଳଜୟୀ ସାହିତ୍ୟ ସ୍ରଷ୍ଟା ଓ ବିଶିଷ୍ଟ ସାହିତ୍ୟିକଙ୍କ କବିତା, ଗଳ୍ପ, ପ୍ରବନ୍ଧ ଆଦି ସଂକଳିତ ହୋଇଛି । ଓଡ଼ିଆ ସାହିତ୍ୟର କାଳଜୟୀ କଥାକାର ସୁରେନ୍ଦ୍ର ମହାନ୍ତିଙ୍କ 'ପିତା ଓ ପୁତ୍ର', ଗୋଦାବରୀଶ ମହାପାତ୍ରଙ୍କ 'ମାଗୁଣିର ଶଗଡ଼', ନନ୍ଦିନୀ ଶତପଥୀଙ୍କ 'ନବ ଦିଗନ୍ତ', ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର' ଆଦି ଗଳ୍ପ ମନଛୁଆଁ ହୋଇଛି । ଏହି ସବୁ ଗପଗୁଡ଼ିକ ନିଜସ୍ୱ ସୌରଭରେ ଓଡ଼ିଆ କଥା ସାହିତ୍ୟକୁ ପରିପୁଷ୍ଟ କରିଛି । ସେହିପରି ପଣ୍ଡିତ ଗୋପବନ୍ଧୁ ଦାସଙ୍କ 'ବନ୍ଦୀର ଆତ୍ମକଥା', ରମାକାନ୍ତ ରଥଙ୍କ 'ଜନନୀର ସ୍ନେହ', ମଧୁସୂଦନ ଦାସଙ୍କ 'ଉତ୍କଳ ସନ୍ତାନ', ବଳରାମ ଦାସଙ୍କ 'ମାଲ୍ୟବନ୍ତରେ ବର୍ଷାକାଳ', ଭାନୁଜୀ ରାଓଙ୍କ 'କାଠଯୋଡ଼ି' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ସେଭଳି ବନଜ ଦେବୀ, ଅଖିଳ କୁମାର ମିଶ୍ର, ପୀତାମ୍ବର ତରାଇ, ରଞ୍ଜନ ବାଇ ପ୍ରମୁଖଙ୍କ କବିତାରେ ପ୍ରେମ, ଜୀବନ ଓ ମାନବୀୟ ଭାବାବେଗର ଛବି ପ୍ରତିଫଳିତ ହୋଇଛି । ସେହିପରି ଗୌରହରି ଦାସ, ମନୋଜ କୁମାର ମହାପାତ୍ର, ଅଞ୍ଜନ ଚାନ୍ଦଙ୍କ ଗପଗୁଡ଼ିକ ମାର୍ମିକ ହୋଇଛି । 'ସମ୍ଭବାମି ଭାରତ'ର ଏହି ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

## ସଂପର୍କ

**ସଂପାଦକ : ଚନ୍ଦ୍ରମଣି ଭୂୟାଁ**



ସଂପର୍କ ସାହିତ୍ୟ ସଂସଦ
କିଶିନାପୁର, ସାଲେପୁର
କଟକ
ମୂଲ୍ୟ: ୫୦ ଟଙ୍କା

'ସଂପର୍କ' ପତ୍ରିକାର ନୂଆଁଖାଇ-୨୦୨୫ ବିଶେଷାଙ୍କ ଚନ୍ଦ୍ରମଣି ଭୂୟାଁଙ୍କ ସଂପାଦନାରେ ପ୍ରକାଶ ପାଇଛି । ଏହି ସଂଖ୍ୟାରେ ଡକ୍ଟର ପୂର୍ଣ୍ଣଚନ୍ଦ୍ର ଓଝାଙ୍କ 'ସେବାବ୍ରତୀ ଗୋପବନ୍ଧୁ', ଅକ୍ଷୟ ପ୍ରସାଦ ବିଶ୍ୱାଳଙ୍କ 'ହେ କୁଳବୃଦ୍ଧ, ତୁମକୁ ଝୁରୁଛି ଉତ୍କଳ', ତୁଷାରକାନ୍ତ ମହାନ୍ତିଙ୍କ 'ସନ୍ଥ କବି ଭୀମଭୋଇ ଓ ମହିମା ଧର୍ମ' ଆଦି ପ୍ରବନ୍ଧଗୁଡ଼ିକ ତଥ୍ୟ ଭିତ୍ତିକ ଓ ଉଚ୍ଚକୋଟୀର ହୋଇଛି । ସେହିପରି ଗଳ୍ପ ବିଭାଗରେ ଦେବେନ୍ଦ୍ର ମହାରାଣାଙ୍କ 'ଗଣପତି ଭାଇନା', ସୌମ୍ୟରଞ୍ଜନ ଭୂୟାଁଙ୍କ 'ଈଶ୍ୱରଙ୍କ ସହ ଭେଟ' ଆଦି ଗପଗୁଡ଼ିକରେ ମାନବୀୟ ସଂପର୍କ, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । 'କବିଙ୍କ କବିତା'ରେ ରମାକାନ୍ତ ରଥଙ୍କ 'ଶ୍ରୀରାଧା'ର ଶେଷାଂଶ ଓ କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ 'କୋଠ ଭୋଗଖିଆ' କବିତା ଦୁଇଟି ହୃଦୟସ୍ପର୍ଶୀ ହୋଇଛି । ସେହିପରି ପ୍ରଫୁଲ୍ଲ ମିଶ୍ର, ଶ୍ରୀଧର ଶେଖର ମହାପାତ୍ର, ଅଖିଳ ଚନ୍ଦ୍ର ହୋତା, ସୁରଞ୍ଜନ ପଣ୍ଡା ପ୍ରମୁଖଙ୍କ କବିତାରେ ମଣିଷ ଜୀବନର ଆଶା, ଆକାଂକ୍ଷା, ପ୍ରେମ, ବିରହ, ଦ୍ୱନ୍ଦ୍ୱ ସଂଘର୍ଷ ଆଦିର ଚିତ୍ର ପ୍ରତିଫଳିତ ହୋଇଛି । 'ସଂପର୍କ'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

# ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

ବାରିପଦା,୨୭ ।୯ (ସମିସ): ମୟୂରଭଞ୍ଜ ଆଡ଼୍‌ହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକସୋ କୋର୍ଟରେ ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି । ବିଚାରପତି ସନ୍ତୋଷ କୁମାର ନାୟକ ଏହି ମାମଲାର ବିଚାର କରି ଅଭିଯୁକ୍ତ ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମର ଅସିତ ବେହେରା (୨୫)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ଏଥିସହ ପୀଡ଼ିତାଙ୍କୁ ସହାୟତା ନିମନ୍ତେ ୨ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାନୁସାରେ, ୨୦୨୪ ନଭେମ୍ବର ୪ରେ ଅସିତ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲା । ନାବାଳିକାଜଣଙ୍କ ସନ୍ଧ୍ୟାରେ ବଜାରରୁ ଘରକୁ ଫେରୁଥିବା ବେଳେ ଅସିତ ତାକୁ ଅପହରଣ କରି ଘରକୁ ନେଇଯିବା ସହ ଦୁଷ୍କର୍ମ କରିଥିଲା । ଏ ସଂପର୍କରେ କାହାରିକୁ ଜଣାଇଲେ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲା । ପୀଡ଼ିତାଜଣଙ୍କ ଘରକୁ ଆସି ଘଟଣା ବାବଦରେ ପରିବାରକୁ ଜଣାଇଥିଲା । ଏନେଇ ପରିବାରଲୋକେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ପୀଡ଼ିତାର ବୟାନ ରେକର୍ଡ କରିଥିଲା । ଅସିତକୁ ବୈଶିଙ୍ଗା ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ସାକ୍ଷୀଙ୍କ ବୟାନ, ଡାକ୍ତରୀରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ ।

## ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା
# ଗିରଫ ଦୁଇ ଛାତ୍ରଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ

ବାଲେଶ୍ୱର, ୨୭ ।୯ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ମାମଲାରେ ଗିରଫ ଦୁଇ ଛାତ୍ରଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଆଜି ଏସ୍‌ଡିଜେଏମ୍ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି । ପୂର୍ବରୁ କ୍ରାଇମବ୍ରାଞ୍ଚ ୪ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିବା ବେଳେ ଆଜି ଦ୍ୱିତୀୟଥର ପାଇଁ ଗିରଫ ଦୁଇ ଛାତ୍ର ଶୁଭ୍ରସମ୍ବିତ ନାୟକ ଏବଂ ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ବିରୋଧରେ ୧୬୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିବା ଜଣାଯାଇଛି ।

ସୂଚନାଯୋଗ୍ୟ, ଗତ ଜୁଲାଇ ୧୨ତାରିଖରେ ସୌମ୍ୟାଶ୍ରୀ କଲେଜ ପରିସରରେ ଆତ୍ମଦାହ କରିଥିଲେ । ବିଭାଗୀୟ ଏଚ୍‌ଓଡିଙ୍କ ଦ୍ୱାରା ନିର୍ଯାତିତ ହୋଇଥିବା ସୌମ୍ୟାଶ୍ରୀ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେ ନିଜ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ସଂକଟାପନ୍ନ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ସେହି ମାସ ୧୪ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ।

# ବେଆଇନ ବାଣ କାରଖାନାରେ ଚଢ଼ଉ

## ଲକ୍ଷାଧିକ ଟଙ୍କାର ବାଣ ଜବତ, ବଙ୍ଗୀୟ ଯୁବକ ଗିରଫ

ଭୋଗରାଇ,୨୭।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଅଧୀନ କଖଡ଼ା ପଞ୍ଚାୟତ ହାଟସରିଷା ଗ୍ରାମରେ ଥିବା ଏକ ଆକାଶିଆ ଜଙ୍ଗଲରୁ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରିବା ସହ ପୁଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଯୁବକଜଣଙ୍କ ହେଲେ, ପଡ଼ୋଶୀ ପଶ୍ଚିମବଙ୍ଗ ପଟାସପୁର ଥାନା ଅଧୀନ ପଦିମା ଗାଁର ସୁକୁମାର ଜାନା(୪୦) । ଆଗକୁ ଦୀପାବଳି ଥିବାରୁ ସୁକୁମାର ପଶ୍ଚିମବଙ୍ଗରୁ ଓଡ଼ିଶା ସୀମା ଭିତରକୁ ଆସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ହାଟସରିଷା ଗାଁରେ ବାଣ ତିଆରି କରୁଥିଲା । ଭୋଗରାଇ ଥାନା ଅଧିକାରୀ ରୋହିତ କୁମାର ବଳ ଓ ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ବାଣ ତିଆରି କାରଖାନା ଉପରେ ଚଢ଼ଉ କରିଥିଲେ । ସେଠାରୁ ପାଖାପାଖି ୩ଲକ୍ଷ ଟଙ୍କାର ବାଣ ଜବତ କରିବା ସହ ପୁଲିସ ସୁକୁମାରକୁ ଗିରଫ କରିଛି । ଏନେଇ ଭୋଗରାଇ ପୁଲିସ ଏକ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଚଳାଇଛି ।

# ଅବଶିଷ୍ଟାଂଶ

## ୬ ଦିନରେ...

ଲାଗିଛି । ସୂଚନା ଅନୁଯାୟୀ କ୍ରମାଗତ ଷଷ୍ଠ ଦିନରେ ସେୟାର ବଜାର ଶୁକ୍ରବାର ଲାଲ୍ ସଙ୍କେତରେ ବନ୍ଦ ହୋଇଥିଲା । ସେନ୍‌ସେକ୍ସ ୭୩୩ ପଏଣ୍ଟ ହ୍ରାସ ପାଇ ୮୦, ୪୨୬ରେ ପହଞ୍ଚି ଯାଇଥିଲା । ସେହିପରି ନିଫ୍ଟି୫୦ ୨୩୬ ପଏଣ୍ଟ ଖସି ଆସି ୨୪, ୬୫୫ରେ ବନ୍ଦ ହୋଇଥିଲା । ଏହି ସପ୍ତାହରେ ସେନ୍‌ସେକ୍ସ ୨,୧୯ ୯ ପଏଣ୍ଟ ଏବଂ ନିଫ୍ଟି୫୦ ୬୭୨ ପଏଣ୍ଟ ହ୍ରାସ ପାଇଥିଲା । ଏହା ଗତ ଛଅ ମାସ ମଧ୍ୟରେ ହୋଇଥିବା ସବୁଠାରୁ ବଡ଼ ସାପ୍ତାହିକ ବିପର୍ଯ୍ୟୟ ଥିଲା । ଆମେରିକା ରାଷ୍ଟ୍ରପତି ଏଚ୍-୧ବି ଭିସା ଦେୟ ବଢ଼ାଇ ଲକ୍ଷେ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା) କରିବାରୁ ଏହି ସଙ୍କଟ ସୃଷ୍ଟି ହୋଇଥିଲା । ଏହାର ପ୍ରତ୍ୟକ୍ଷ ପ୍ରଭାବ ଭାରତୀୟ ଆଇଟି କମ୍ପାନୀଙ୍କ ଉପରେ ପଡ଼ିଥିଲା । ଏହି କମ୍ପାନୀଗୁଡିକର ହଜାର ହଜାର କର୍ମଚାରୀ ଆମେରିକାରେ କାମ କରୁଛନ୍ତି । ଏଥିଯୋଗୁଁ ଆଇଟି ସୂଚକାଙ୍କ ୮ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥିଲା । ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ପରେ ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବଜାରରୁ ଅର୍ଥ କାଢ଼ିବାରେ ଲାଗିଛନ୍ତି ।

ସେହିପରି ଔଷଧ ଉପରେ ଆମେରିକା ୧୦୦ ପ୍ରତିଶତ ଶୁଳ୍କ, କିଚେନ କ୍ୟାବିନେଟ୍ସ ଉପରେ ୫୦ ପ୍ରତିଶତ, ଆସବାବପତ୍ରରେ ୩୦ ପ୍ରତିଶତ ଏବଂ ଭାରୀ ଟ୍ରକ ଉପରେ ୨୫ ପ୍ରତିଶତ ଆମଦାନୀ ଶୁଳ୍କ ଲଗାଇବାକୁ ଘୋଷଣା କରିଛନ୍ତି । ଏହା ମଧ୍ୟ ନିବେଶକଙ୍କ ଚିନ୍ତା ବଢ଼ାଇ ଦେଇଛି । ଏହାର ପ୍ରଭାବରେ ଏନ୍‌ଏସ୍‌ଇରେ ପଞ୍ଜୀକୃତ କମ୍ପାନୀଙ୍କ ବଜାର ପୁଞ୍ଜି ଚଳିତ ସପ୍ତାହରେ ପ୍ରାୟ ୧୬ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି । ନିଫ୍ଟି୫୦ରେ ସାମିଲ ୪୩ କମ୍ପାନୀଙ୍କ ମଧ୍ୟ କ୍ଷତି ହୋଇଛି । ଟେକ୍ ମହିନ୍ଦ୍ରାର ସବୁଠାରୁ ଅଧିକ କ୍ଷତି ହୋଇଛି । ଏହି କମ୍ପାନୀର ସେୟାର ୯.୪ ପ୍ରତିଶତ ହ୍ରାସ ପାଇଛି । ସେହିପରି ଟିସିଏସ୍‌ର ୮.୫ ପ୍ରତିଶତ ,ୱିପ୍ରୋ ଏବଂ ଟ୍ରେଣ୍ଟର ୮ ପ୍ରତିଶତ ଏବଂ ଇନ୍‌ଫୋସିସର ସେୟାର ୫. ୯ ପ୍ରତିଶତ ଖସି ଆସିଛି । କ୍ଷେତ୍ର ହିସାବରେ ଆଟିର ସର୍ବାଧିକ ୮%, ରିୟଲଟିର ୬.୧%, ଫାର୍ମାର ୫.୨%, କଞ୍ଜୁମର ଡ୍ୟୁରାବିଲ୍ସର ୪.୬%, ଗଣମାଧ୍ୟମଗୁଡିକର ସେୟାର ୨.୭% ହ୍ରାସ ପାଇଛି ।

## ୬୦ ହଜାର...

ଟାୱାରର ଲୋକାର୍ପଣ କରିଛନ୍ତି । ଏଥିରେ ବିଏସଏନଏଲ ଦ୍ୱାରା ୯୨,୬୦୦ରୁ ଅଧିକ ୪ଜି ଟେକ୍ନୋଲୋଜି ସାଇଟ୍ ଅନ୍ତର୍ଭୁକ୍ତ । ଡିଜିଟାଲ୍ ଭାରତ ନିଧି ଅଧୀନରେ ୧୮, ୯୦୦ରୁ ଅଧିକ ୪ଜି ସାଇଟ୍ ପାଇଁ ପାଣ୍ଠି ଯୋଗାଇ ଦିଆଯାଇଛି ଯାହା ଦୂରଦୂରାନ୍ତ, ସୀମାନ୍ତ ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ପ୍ରାୟ ୨୬,୭୦୦ ଅପହଞ୍ଚ ଗ୍ରାମକୁ ସଂଯୋଗ କରିବ । ଏଥିସହିତ ୨୦ ଲକ୍ଷରୁ ଅଧିକ ନୂତନ ଗ୍ରାହକଙ୍କୁ ସେବା ଯୋଗାଇବ । ସେହିପରି ପ୍ରଧାନମନ୍ତ୍ରୀ ସମ୍ବଲପୁର-ସରଲାରେ ରେଳ ଫ୍ଲାଏଓଭର ପାଇଁ ଶିଳାନ୍ୟାସ, କୋରାପୁଟ-ବୈଗୁଡ଼ା ଲାଇନର ଦୋହରୀକରଣ ଏବଂ ମାନାବାର-କୋରାପୁଟ-ଗୋରାପୁର ଲାଇନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକର୍ପଣ କରିଛନ୍ତି । ପ୍ରଧାନମନ୍ତ୍ରୀ ବ୍ରହ୍ମପୁର ଏବଂ ଉଧନା (ସୁରଟ) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।। ଏତଦବ୍ୟତୀତ ପ୍ରାୟ ୧୧,୦୦୦କୋଟି ଟଙ୍କା ନିବେଶରେ ଆଠଟି ଆଇଆଇଟି - ତିରୁପତି, ପଲକଡ଼, ଭିଲାଇ, ଜମ୍ମୁ, ଧାରୱାଡ, ଯୋଧପୁର, ପାଟନା ଏବଂ ଇନ୍ଦୋରର ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସେହିପରି ଏହି ଅବସରରେ ଦେଶବ୍ୟାପୀ ୨୭୫ଟି ରାଜ୍ୟ ଇଞ୍ଜିନିୟରିଂ ଏବଂ ପଲିଟେକ୍ନିକ୍ ପ୍ରତିଷ୍ଠାନରେ ଗୁଣବତ୍ତା, ସମାନତା, ଗବେଷଣା ଏବଂ ନବସୃଜନକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଥିବା ମେରିଟ ଯୋଜନାର ଶୁଭାରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟ ଆରମ୍ଭ କରିଛନ୍ତି ଯାହା ମାଧ୍ୟମରେ ସମ୍ବଲପୁର ଏବଂ ବ୍ରହ୍ମପୁରରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏହି ଅବସରରେ ବ୍ରହ୍ମପୁରର ଏମକେସିଜି ମେଡିକାଲ କଲେଜ ଏବଂ ସମ୍ବଲପୁରର ଭିମସାରକୁ ବିଶ୍ୱସ୍ତରୀୟ ସୁପର-ସ୍ପେଶାଲିଟି ହସ୍ପିଟାଲ ରୂପେ ଉନ୍ନତିକରଣ କରିବା ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି ।

ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନମନ୍ତ୍ରୀ କହିଲେ ଯେ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବାର ସୁଯୋଗ ତାଙ୍କୁ ମିଳିଛି । ଆମ ସରକାର ସାରା ଦେଶରେ ଗରିବ ପରିବାରକୁ ଚାରି କୋଟିରୁ ଅଧିକ ପକ୍କା ଘର ଯୋଗାଇ ଦେଇଥିବା ବେଳେ ଓଡ଼ିଶାରେ ହଜାର ହଜାର ଘର ଦ୍ରୁତ ଗତିରେ ନିର୍ମାଣ କରାଯାଉଛି । ଆଜି ପ୍ରାୟ ୫୦ ହଜାର ପରିବାର ନୂତନ ଘର ପାଇଁ ଅନୁମୋଦନ ପାଇଛନ୍ତି । ପିଏମ ଜନମନ ଯୋଜନା ଅଧୀନରେ ଓଡ଼ିଶାରେ ଆଦିବାସୀ ପରିବାର ପାଇଁ ୪୦ ହଜାରରୁ ଅଧିକ ଘର ମଞ୍ଜୁର କରାଯାଇଛି । ପ୍ରଧାନମନ୍ତ୍ରୀ କହିଲେ ଯେ ପ୍ରକୃତି ଓଡ଼ିଶାକୁ ପ୍ରଚୁର ପରିମାଣରେ ଆଶୀର୍ବାଦ ଦେଇଛି ଏବଂ ଆଗାମୀ ଦଶନ୍ଧି ରାଜ୍ୟବାସୀଙ୍କ ପାଇଁ ସମୃଦ୍ଧି ଆଣିବ । କେନ୍ଦ୍ର ସରକାର ସମ୍ପ୍ରତି ଓଡ଼ିଶା ପାଇଁ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ମଞ୍ଜୁର କରିଛନ୍ତି ଏବଂ ଗୋଟିଏ ସେମିକଣ୍ଡକ୍ଟର ପାର୍କ ମଧ୍ୟ ପ୍ରତିଷ୍ଠା ହେବାକୁ ଯାଉଛି । ପାରାଦୀପରୁ ଝାରସୁଗୁଡା ପର୍ଯ୍ୟନ୍ତ ଏକ ବିଶାଳ ଶିଳ୍ପ କରିଡର ବିକଶିତ ହେଉଛି । ଜାହାଜ ନିର୍ମାଣର ରଣନୀତିକ ଗୁରୁତ୍ୱ ଉପରେ ଆଲୋକପାତ କରି ସେ ଉଲ୍ଲେଖ କରିଥିଲେ ଯେ ଆର୍ଥିକ ଶକ୍ତି ପାଇଁ ଆକାଂକ୍ଷୀ ଯେକୌଣସି ରାଷ୍ଟ୍ର ଏହି କ୍ଷେତ୍ରରେ ନିବେଶ କରିବା ଉଚିତ । ଭାରତରେ ଜାହାଜ ନିର୍ମାଣ ପାଇଁ ୭୦,୦୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି । ସେ ଆକଳନ କରି କହିଲେ, ଏହା ୪.୫ ଲକ୍ଷ କୋଟି ଟଙ୍କାର ନିବେଶକୁ ଆକର୍ଷିତ କରିବ ଯାହା ଇସ୍ପାତ, ଯନ୍ତ୍ରପାତି, ଇଲେକ୍ଟ୍ରୋନିକ୍ସ ଏବଂ ଉତ୍ପାଦନ ଭଳି କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚିବ ।

ଶ୍ରୀ ମୋଦୀ କହିଲେ ଯେ ବର୍ତ୍ତମାନ ବିଏସଏନଏଲ ଭାରତରେ ଏକ ସମ୍ପୂର୍ଣ୍ଣ ସ୍ୱଦେଶୀ ୪ଜି ପ୍ରଯୁକ୍ତିବିଦ୍ୟା ସଫଳତାର ସହିତ ବିକଶିତ କରିଛି । ପ୍ରଧାନମନ୍ତ୍ରୀ ବିଏସଏନଏଲର ୨୫ତମ ବାର୍ଷିକୀ ପାଳନର ସଂଯୋଗ ବିଷୟରେ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ ବିଏସଏନଏଲ ଏବଂ ଏହାର ଅଂଶୀଦାରମାନଙ୍କ ଉତ୍ସର୍ଗୀକୃତ ପ୍ରୟାସ ମାଧ୍ୟମରେ ଭାରତ ଏକ ବିଶ୍ୱସ୍ତରୀୟ ଦୂରସଞ୍ଚାର ଉତ୍ପାଦନ କେନ୍ଦ୍ର ହେବା ଦିଗରେ ଅଗ୍ରସର ହେଉଛି । ଏହା ଓଡ଼ିଶା ପାଇଁ ଗର୍ବର ବିଷୟ ଯେ ବିଏସଏନଏଲର ସ୍ୱଦେଶୀ ୪ଜି ନେଟୱାର୍କ ଝାରସୁଗୁଡାରୁ ଆରମ୍ଭ ହେଉଛି, ଯେଉଁଥିରେ ପ୍ରାୟ ଏକ ଲକ୍ଷ ୪ଜି ଟାୱାର ଅନ୍ତର୍ଭୁକ୍ତ । ଏହି ଟାୱାରଗୁଡ଼ିକ ଦେଶର ଦୂରଦୂରାନ୍ତ ଅଞ୍ଚଳରେ ସଂଯୋଗର ଏକ ନୂତନ ଯୁଗ ଆରମ୍ଭ କରିବାକୁ ପ୍ରସ୍ତୁତ । ଗତ ୨୨ ତାରିଖଠାରୁ ଓଡ଼ିଶା ସମେତ ସାରା ଦେଶରେ ନୂତନ ଜିଏସଟି ସଂସ୍କାର କାର୍ଯ୍ୟକାରୀ ହୋଇଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, ଏହି ସଂସ୍କାରଗୁଡ଼ିକୁ ସମସ୍ତଙ୍କ ପାଇଁ ସଞ୍ଚୟର ଉପହାର । ବିଶେଷକରି ମା' ଏବଂ ଭଉଣୀମାନଙ୍କ ପାଇଁ ରୋଷେଇ ଘର ଖର୍ଚ୍ଚକୁ ଅଧିକ ସୁଲଭ କରାଯାଇଛି । ଓଡ଼ିଶାରେ ବର୍ତ୍ତମାନ ୬ଟି ବନ୍ଦେ ଭାରତ ଟ୍ରେନ୍ ଚାଲୁଛି ଏବଂ ପ୍ରାୟ ୬୦ଟି ରେଳ ଷ୍ଟେସନରେ ଆଧୁନିକୀକରଣ ଚାଲିଛି । ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ବର୍ତ୍ତମାନ ଭାରତର ଅନେକ ପ୍ରମୁଖ ସହର ସହିତ ଯୋଡ଼ି ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ । ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିବାବେଳେ ଭିଡିଓ କନଫରେନ୍ସି ମାଧ୍ୟମରେ କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଅନେକ କେନ୍ଦ୍ର ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥିଲେ ।

## କଲବଲ କରୁଛି...

ବିଶେଷକରି ଗଞ୍ଜାମ, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିଛି । ଲଗାଣ ବର୍ଷା ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଥିଲେ ହେଁ ବନ୍ୟା ସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ଜଳସେଚନ ବିଭାଗ ପ୍ରମୁଖ ଯନ୍ତ୍ରୀ କହିଛନ୍ତି । ଅନ୍ୟପକ୍ଷରେ ଆସନ୍ତା ୩୦ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବା ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପୂର୍ବାନୁମାନ କରିଛି । ଏହା କ୍ରମଶଃ ଘନୀଭୂତ ହୋଇ ଅକ୍ଟୋବର ୧ ତାରିଖ ସୁଦ୍ଧା ଲଘୁଚାପରେ ପରିଣତ ହୋଇପାରେ । ଏହାର ପ୍ରଭାବରେ ରାଜ୍ୟବ୍ୟାପି ମଧ୍ୟମରୁ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି । ଏଥିପାଇଁ ୩୦ଟି ଜିଲ୍ଲାକୁ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

## 'ହାର୍ଟ ବିଟ୍' ପରିଦର୍ଶନ...

'ୱାଇଲ୍ଡଲାଇଫ୍: ଆୱାର୍ ସେୟାର୍ଡ ଫ୍ୟୁଚର' । ଏହି ପ୍ରଦର୍ଶନୀରେ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ପର୍କିତ ରଚନା, ଫଟୋଗ୍ରାଫି, ପ୍ରକୃତିର ସଂରକ୍ଷଣ ସହ ଗୋଷ୍ଠୀ ସହଯୋଗିତା ବିଷୟବସ୍ତୁଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା । ଏଥିସହ ଆକର୍ଷଣୀୟ ପ୍ରଦର୍ଶନୀ ଏବଂ ବାସ୍ତବ ଜୀବନର ପ୍ରଭାବଶାଳୀ କାହାଣୀ ମାଧ୍ୟମରେ ବନ୍ୟଜନ୍ତୁ ସୁରକ୍ଷା, ବାସସ୍ଥାନ ପୁନରୁଦ୍ଧାର, ଉଦ୍ଧାର ଓ ପଶୁ ସ୍ୱାସ୍ଥ୍ୟ ଏବଂ ଆଦିବାସୀ ସମୁଦାୟଙ୍କୁ ସଶକ୍ତୀକରଣ କ୍ଷେତ୍ରରେ କରାଯାଉଥିବା ପ୍ରୟାସଗୁଡ଼ିକ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିଲା ।

## ସୁନା ବଜାରରେ...

ଇଣ୍ଡିଆ ବୁଲିୟନ ଜୁଏଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ରୁପା ମୂଲ୍ୟ ମଧ୍ୟ ରକେଟ୍ ବେଗରେ ବଢ଼ିବାରେ ଲାଗିଛି । ଶନିବାର ରୁପା କିଲୋ ସର୍ବକାଳୀନ ରେକର୍ଡ ଛୁଇଁଛି । ଏହା ୧, ୩୮ , ୧୦୦ ଟଙ୍କାରେ ପହଞ୍ଚି ଯାଇଛି । ଗତ ଶନିବାର ରୁପା କେଜି ୧, ୨୮ , ୦୦୦ ଟଙ୍କା ଥିଲା । ଏହି ଭଳି ଭାବେ ଚଳିତ ସପ୍ତାହରେ ରୁପା ମୂଲ୍ୟ ୧୦, ୧୦୦ ଟଙ୍କା ବୃଦ୍ଧି ପାଇଲାଣି । ଚଳିତ ବର୍ଷ ଏ ପର୍ଯ୍ୟନ୍ତ ରୁପା ମୂଲ୍ୟ ୫୨, ୦୮୩ ଟଙ୍କା ମହଙ୍ଗା ହେଲାଣି । ଗତ ବର୍ଷ ଡିସେମ୍ବର ୩୧ରେ ରୁପା ମୂଲ୍ୟ ୮୬, ୦୧୭ ଟଙ୍କା ଥିଲା । ୨୦୨୪ରେ ଏହା ୧୭ ପ୍ରତିଶତ ମହଙ୍ଗା ହୋଇଥିଲା । ଚଳିତ ବର୍ଷ ବର୍ଷ ଏ ପର୍ଯ୍ୟନ୍ତ ସୁନା ୪୯ ପ୍ରତିଶତ ଏବଂ ରୁପା ୬୦ ପ୍ରତିଶତ ରିଟର୍ଣ୍ଣ ଦେଲାଣି । ୱାର୍ଲ୍ଡ ଗୋଲ୍ଡ କାଉନସିଲର ରିପୋର୍ଟ ଅନୁଯାୟୀ ସେପ୍ଟେମ୍ବର ପ୍ରାରମ୍ଭରେ ଏହାର ମୂଲ୍ୟ ୬.୭ ପ୍ରତିଶତ ବଢ଼ିଥିଲା । କାରଣ ସୁରକ୍ଷିତ ନିବେଶ ଭାବେ ନିବେଶକ ସୁନା କ୍ରୟ କରିବାରେ ଲାଗିଛନ୍ତି ।

## ସାର କହି...

ଟିମ୍ ଆଜି ଅପରାହ୍ଣରେ ଉକ୍ତ ଗୋଦାମରେ ଚଢ଼ଉ କରି ୧୫୮ ବସ୍ତା ନକଲି ପଟାସ ସାର ଜବତ କରିଛି । ଲୁଣରେ ରଙ୍ଗ ମାରି ତାକୁ ସାର ଭାବେ ବିକ୍ରି କରାଯାଉଥିଲା ।

ସୂଚନାନୁଯାୟୀ, ଅରଡ଼ବଜାରଠାରେ ନକଲି ସାର ତିଆରି ହେଉଥିବା ନେଇ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଆଜି କୃଷି ବିଭାଗ ସହଦେବଖୁଣ୍ଟା ପୁଲିସ ସହଯୋଗରେ ଉକ୍ତ ନକଲି ସାର ଗୋଦାମ ଉପରେ ଚଢ଼ଉ କରିଥିଲା । ସେଠାରେ ଏକ ଘରେ ମହଜୁଦ ରହିଥିବା ୧୫୮ ବସ୍ତା ନକଲି ସାର ଜବତ କରାଯାଇଛି । ପରେ ଉକ୍ତ ଗୋଦାମକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସିଲ୍ କରିଦିଆଯାଇଛି ।

ଏ ସଂପର୍କରେ କୃଷି ବିଭାଗର ଭାରପ୍ରାପ୍ତ ସିଡିଓ ସରୋଜ କୁମାର ଜେନା କହିଛନ୍ତି ଯେ ଏଠାରେ ଲୁଣରେ ରଙ୍ଗ ମିଶାଇ ନକଲି ପଟାସ ସାର ତିଆରି କରାଯାଇ ବିକ୍ରି କରାଯାଉଥିଲା । ଜବତ ନକଲି ସାର ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ । ଚଢ଼ଉ ବେଳେ ସେଠାରେ କୌଣସି ଲୋକ ନ ଥିବା ବେଳେ ଗୋଦାମ ହୋଇଥିବା ସ୍ଥାନଟି ସେକ ନରୁଜୁମାଙ୍କ ନାମରେ ରହିଛି । ଏହାବ୍ୟତୀତ ଏହି ଗୋଦାମର ମାଲିକ କେଶବ ରଞ୍ଜନ ଗିରି ଏବଂ ତାଙ୍କର ଏକ ଦୋକାନ 'କୃଷି ସଂସାର ଫର୍ଟିଲାଇଜର' ଥିବା ସନ୍ଦେହ କରାଯାଉଛି । ଏଣୁ କୃଷି ବିଭାଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ୨୯ ମୃତ...

ଅଛନ୍ତି । ୩୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି । ଦଳଚକଟା ଯୋଗୁଁ ୯ ବର୍ଷର ଏକ ଶିଶୁ ନିଖୋଜ ହୋଇଯାଇଛି । ସୂଚନା ଅନୁଯାୟୀ ତାମିଲନାଡୁ ବିଧାନସଭା ନିର୍ବାଚନରେ ବିଜୟଙ୍କ ରାଜନୈତିକ ଦଳ ତାମିଲଗା ଭେଟ୍ରି କଝଗମ (ଟିଭିକେ) ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛି । ଏଥିପାଇଁ ସେ ବିଭିନ୍ନ ସ୍ଥାନରେ ରାଲି କରି ଦଳ ପ୍ରତି ଲୋକଙ୍କ ସମର୍ଥନ ହାସଲ କରୁଛନ୍ତି । କରୁରେ ଆୟୋଜିତ ରାଲିରେ ବିଜୟଙ୍କୁ ଦେଖିବା ପାଇଁ ହଜାର ହଜାର ଲୋକ ଭିଡ ଜମାଇଥିଲେ । ଅଭିନେତାଙ୍କ ପାଇଁ ପ୍ରାୟ ୬ ଘଣ୍ଟା ହେଲା ଅପେକ୍ଷା କରି ରହିଥିଲେ । ତେବେ ଅଭିନେତା ବିଳମ୍ବରେ ପହଞ୍ଚିଥିଲେ । ସେ ପହଞ୍ଚିବା ପରେ ସ୍ଥିତି ଅସମ୍ଭାଳ ହୋଇ ପଡ଼ିଥିଲା । ବିଜୟ ବସ୍ ଉପରୁ ଲୋକଙ୍କ ପାଇଁ ପାଣି ବୋତଲ ଫୋପାଡିବାରେ ଲାଗିଥିଲେ । ଏଥିଯୋଗୁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା । ଲୋକେ ପାଣି ବୋତଲ ଆଣିବା ପାଇଁ ଯିବା ସମୟରେ ଅନ୍ୟମାନଙ୍କୁ ଦଳି ଦେଇଥିଲେ । ପ୍ରବଳ ଭିଡ଼ ଯୋଗୁଁ ଲୋକେ ଠିକ୍‌ରେ ନିଃଶ୍ୱାସ ନେଇପାରି ନ ଥିଲେ । ଏଥିଯୋଗୁଁ ଅନେକ ଚେତା ହରାଇ ପଡ଼ି ଯାଇଥିଲା । ପରେ ଲୋକେ ଅନ୍ୟମାନଙ୍କୁ ଦଳି ପକାଇ ଥିଲେ । ଏହି ଅଘଟଣା ପରେ ବିଜୟ ରାଲି ଛାଡ଼ି ପଳାଇଛନ୍ତି ।

GOVERNMENT OF ODISHA C-1191
HOUSING & URBAN DEVELOPMENT DEPARTMENT
OF THE NOTIFIED AREA COUNCIL,PADAMPUR
At-Padampur, Po-Rajborasambar, Dist-Bargarh, Pin-768036
Ph.No.06683-223436, E-mail:- nac.padampur@gmail.com
No. 2896 / NACP Dt. 25.09.2025

National Competitive Bidding through e-procurement
Bid Identification No. NAC-PDP-04/2025-26

The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

| | | |
|---|---|---|
| 1. | Nature of Work | : Civil Work |
| 2. | No. of works | : 4 (Four Nos.) |
| 3. | Estimate Cost | : Rs. 2,65,562/- to Rs. Rs.9,62,188/- |
| 4. | Class of Contractor | : "C" or "D" Class |
| 5. | Date & Time of availability of Bid Documents in the portal | : 9.00 AM on dt.26-09-2025 up to 05.00 PM on dt.17-10-2025 |
| 6. | Last date & time for receipt of Bids in the portal. | : 17-10-2025 at 05.00 PM. |
| 7. | Bid opening Date | : Dt.18-10-2025 at 11.00 AM |

The bidders have to participate in online bidding only. Further details can be seen from the website https:// www.tendersodisha.gov.in

Executive Officer
N.A.C. Padampur
OIPR-13118/11/0041/2526

ଫର୍ମ ଏ
**ସର୍ବସାଧାରଣ ଘୋଷଣା**
(ଭାରତୀୟ ଦେବାଳିଆ ଓ ଇନସଲଭେନ୍ସି ବୋର୍ଡ ଅଫ୍ ଇଣ୍ଡିଆ ରେଗୁଲେସନ୍ ୬ ଅଧୀନରେ)
(କର୍ପୋରେଟ ପରବାସୀଙ୍କ ପାଇଁ ଇନସଲଭେନ୍ସି ରେଜୋଲ୍ୟୁସନ ପ୍ରକ୍ରିୟା ନିୟମାବଳୀ, ୨୦୧୬)

**ମେସର୍ସ ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକଚର୍ ଲିମିଟେଡ (IN CIRP) ଋଣଦାତାମାନଙ୍କ ଧ୍ୟାନାକର୍ଷଣ ନିମନ୍ତେ**

ସମ୍ବନ୍ଧିତ ବିସ୍ତୃତ ବିବରଣୀ

| | | |
|---|---|---|
| ୧ | କର୍ପୋରେଟ୍ ଋଣଗ୍ରହୀତାଙ୍କ ନାମ | ମେସର୍ସ ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକଚର୍ ଲିମିଟେଡ |
| ୨ | କର୍ପୋରେଟ୍ ଋଣଗ୍ରହୀତାଙ୍କ ରେଜିଷ୍ଟ୍ରେସନ୍ ତାରିଖ | ୦୯/୦୫/୧୯୬୧ |
| ୩ | ଯେଉଁ କର୍ତ୍ତୃପକ୍ଷ ଅଧୀନରେ କର୍ପୋରେଟ୍ ଋଣଗ୍ରହୀତାଙ୍କ ଅନ୍ତର୍ଭୁକ୍ତି / ପଞ୍ଜୀକରଣ କରାଯାଇଛି | କମ୍ପାନୀ ରେଜିଷ୍ଟ୍ରାର, କୋଲକାତା |
| ୪ | କମ୍ପାନୀ ଆଇଡେଣ୍ଟିଟି ନମ୍ବର: | U31300WB1961PLC025104 |
| ୫ | କର୍ପୋରେଟ୍ ଋଣଗ୍ରହୀତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ ଏବଂ ପ୍ରମୁଖ କାର୍ଯ୍ୟାଳୟର ଠିକଣା (ଯଦି ଥାଏ) | ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଇଏନ-୬୨, ସେକ୍ଟର-ଭି, ୭ମ ମହଲା, ସଲ୍ଟଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ଭାରତ- ୭୦୦୦୯୪<br>ଆକାଉଣ୍ଟ ବହି ରଖାଯାଇଥିବା ଠିକଣା: କଟକ-ପୁରୀ ରୋଡ, ଜୁମେଷ୍ଟା ମନ୍ଦିର ସାମନା, ଭୁବନେଶ୍ୱର, ଓଡିଶା, ଭାରତ - ୭୫୧୦୦୬ |
| ୬ | କର୍ପୋରେଟ୍ ଋଣଗ୍ରହୀତାଙ୍କ କ୍ଷେତ୍ରରେ ଇନସଲଭେନ୍ସି ଆରମ୍ଭ ତାରିଖ | ୨୬.୦୯.୨୦୨୫<br>(ଅର୍ଡର ଅପଲୋଡ୍ ହୋଇଥିଲା ୨୬.୦୯.୨୦୨୫ରେ) |
| ୭ | ଇନସଲଭେନ୍ସି ରେଜୋଲ୍ୟୁସନ ପ୍ରକ୍ରିୟାର ଅନୁମାନିତ ସମାପ୍ତି ତାରିଖ | ୨୫.୦୩.୨୦୨୬ |
| ୮ | ନାମ ଏବଂ ପଞ୍ଜିକରଣ ନମ୍ବର ଯେଉଁଠାରେ ଇନଟେରିମ ରେଜୋଲ୍ୟୁସନ ପ୍ରୋଫେସନାଲ ଅଧିକାରୀ ଅନୁମୋଦିତ | ପ୍ରଦୀପ କୁମାର କବ୍ରା<br>IBBI/IPA-001/IP-P01104/2017-18/11790 |
| ୯ | ବୋର୍ଡରେ ପଞ୍ଜୀକୃତ ମଧ୍ୟବର୍ତ୍ତୀକାଳୀନ ସମାଧାନ ବୃତ୍ତିଗତଙ୍କ ଠିକଣା ଏବଂ ଇ-ମେଲ୍ | ପ୍ରଦୀପ କୁମାର କବ୍ରା<br>ସି/୩୦୫, ରେଡିଆ ବିଲ୍ଡ୍, ସି.ଏସ.ଟି. ରୋଡ, କଲିନା, ସେଣ୍ଟ୍, ସୁରତ, ଗୁଜରାଟ, ୩୯୫୦୦୨<br>ଇ-ମେଲ: pradeepkabra@gmail.com |
| ୧୦ | ମଧ୍ୟବର୍ତ୍ତୀକାଳୀନ ସମାଧାନ ବୃତ୍ତିଗତଙ୍କ ସହ ପତ୍ରାଚାର ପାଇଁ ବ୍ୟବହାର ହେବାକୁ ଥିବା ଠିକଣା ଏବଂ ଇ-ମେଲ୍ | ପ୍ରଦୀପ କୁମାର କବ୍ରା<br>୩୦୧, ୩ୟ ମହଲା, ରାଜସ୍ ବ୍ୟବସାୟ କେନ୍ଦ୍ର, ମର୍ଚ୍ଚିନ୍ ଜେନ୍ମାଲ ଉପର, ନୂଆ ସିଟି ଲାଇଟ୍ ରୋଡ, କଲିନା, ସେଣ୍ଟ୍, ସୁରତ, ଗୁଜରାଟ, ୩୯୫୦୦୨<br>ଇ-ମେଲ: ip.guptapower@gmail.com |
| ୧୧ | ଦାବିପତ୍ର ଦାଖଲ କରିବାର ଶେଷ ତାରିଖ | ଶୁକ୍ରବାର, ୧୦.୧୦.୨୦୨୫ |
| ୧୨ | ଧାରା21 ର ଉପ-ଧାରା (6A) ର ଧାରା (b) ଅନୁସାରେ, ମଧ୍ୟବର୍ତ୍ତୀକାଳୀନ ସମାଧାନ ବୃତ୍ତିଗତଙ୍କ ଦ୍ୱାରା ଚିହ୍ନିତ ଋଣଦାତାଙ୍କ ଶ୍ରେଣୀ, ଯଦି କୌଣସି ଥାଏ | ଲାଗୁ ନାହିଁ |
| ୧୩ | ଇନସଲଭେନ୍ସି ପ୍ରୋଫେସନାଲଙ୍କର ନାମ, ଯେଉଁମାନେ ଅଧିକାରୀ ହୋଇଛନ୍ତି ଦାବିକାରୀଙ୍କ ପ୍ରତିନିଧି ଭାବେ (ପ୍ରତ୍ୟେକ ଶ୍ରେଣୀ ପାଇଁ ତିନୋଟି ନାମ) | ଲାଗୁ ନାହିଁ |
| ୧୪ | (a) ପ୍ରାସଙ୍ଗିକ ଫର୍ମ ଏବଂ<br>(b) ପ୍ରାଧିକୃତ ପ୍ରତିନିଧିଙ୍କ ବିବରଣୀ ଏଠାରେ ଉପଲବ୍ଧ: | a) Web link: https://ibbi.gov.in/home/downloads<br>b) Not applicable |

ନୋଟିସ: ଏଠାରେ ଜଣାଇ ଦିଆଯାଉଛି ଯେ ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ ଆଦେଶ ଦେଇଛି ମେସର୍ସ ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡର ଇନସଲଭେନ୍ସି ରେଜୋଲ୍ୟୁସନ ପ୍ରକ୍ରିୟାର ଆରମ୍ଭ ୨୮ ସେପ୍ଟେମ୍ବର, ୨୦୨୫ରେ (୨୬.୦୯.୨୦୨୫ ଅର୍ଡର ଅପଲୋଡ୍ ହୋଇଅଛି) ।

ମେସର୍ସ ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡର ସମସ୍ତ ଋଣଦାତାଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ୧୦.୧୦.୨୦୨୫ (ଶୁକ୍ରବାର) ରୁ ପୂର୍ବରୁ ସମସ୍ତ ପ୍ରମାଣ ସହିତ ଦାବିପତ୍ର Interim Resolution Professionalଙ୍କୁ (କ୍ର.ନଂ.୧୦ରେ ଥିବା ଠିକଣାରେ) ଦାଖଲ କରନ୍ତୁ ।

ଆର୍ଥିକ ଦାବିକାରୀଙ୍କୁ ତାଙ୍କର ଦାବି ପ୍ରମାଣ ସହିତ ଇଲେକ୍ଟ୍ରନିକ ମାଧ୍ୟମରେ ମାତ୍ର ପଠାଇବାକୁ ହେବ । ଅନ୍ୟାନ୍ୟ ଦାବିକାରୀ ନିଜ ଦାବି ପ୍ରମାଣ ସହିତ ବ୍ୟକ୍ତିଗତ ଭାବେ, ପୋଷ୍ଟ କିମ୍ବା ଇଲେକ୍ଟ୍ରନିକ ମାଧ୍ୟମରେ ପଠାଇପାରିବେ ।

ଦାବିର ମିଥ୍ୟା କିମ୍ବା ଭ୍ରାମକ ପ୍ରମାଣ ଦାଖଲ କଲେ ଦଣ୍ଡନୀୟ ହେବେ ।

Sd/-
CA. IP Pradeep Kumar Kabra
IRP for M/s. Gupta Power Infrastructure Limited
Date: 28.09.2025
IBBI Registration No.: IBBI/IPA-001/IP-P01104 /2017-18/11790

**AFFIDAVIT**
By virtue of an affidavit sworn before Notary public Bhubaneswar on dated, 26.09.2025, I Sarat Biswal permanent resident At-Purunasahi, Po- Luhamunda, Dist- Angul, Odisha, PIN-759127, declare that I have changed my name from Sarat Chandra Biswal to Sarat Biswal. Henceforth I shall be known as **SARAT BISWAL** for all future purposes.

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Bharat Swain, S/o-Raj Kishor Swain resident of Vill/Po/Ps-Jhinti Sasan, Khordha, PIN-752100, Odisha declare by this affidavit no.-156210, dated-08/09/2025 that now onwards I shall be known as **BHARAT CHANDRA SWAIN** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, dated: 26/09/2025, I, Sagari Mahapatra, resident of At: Damodarpur, PO: Brahmanbadi, PS: Cuttack Sadar, Dist- Cuttack, Pin-754130, Odisha declare that I have changed my name from Sagari Behera to Sagari Mahapatra. Henceforth, I shall be known as **Sagari Mahapatra** for all purposes.
**Sagari Mahapatra**

**AFFIDAVIT**
By virtue of an affidavit sworn before The Executive Magistrate, Gania on dtd-22/09/2025. I, TAPASI MAHAPATRA, At-Belapadapatana, Po: Belapadapatana, Ps: Gania, Dist- Nayagarh, Odisha, Pin-752085 declare that I have changed my name from TAPASI MAHARANA to TAPASI MAHAPATRA. Henceforth, I shall be known as **TAPASI MAHAPATRA** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Anandapur, dated. 19.09.2025, I **Bhagaban Murmu**, Address- AT-Suapur, PO- Baripal, P.S.-Ghasipura, Dist- Keonjhar, Odisha, Pin-758025 declare that I have changed the name of my daughter from **Singa Murmu to Sinigo Murmu.** Henceforth, she Shall be known as **Sinigo Murmu** for all purposes.
**Bhagaban Murmu**

**AFFIDAVIT**
I, Shilpa Mohanty (29), D/o-DEEPTI MOHANTY, resident of Saharsahi, Ward No-8, Po-Baripada, Ps-Baripada town, Dist-Mayurbhanj, Pin-757001, Odisha, declared by this affidavit No-104(9) dtd-26/09/2025 that now onwards my mother shall be known as **DIPTI MOHANTY** for all future purposes.

**FOR SALE**
1 Number of TRACTOR-NEW HOLAND-3037(2WD), Registration No.- OD-17-AC-5260, Model 2024, - ENGINE NO – S325N79437, CHASIS NO - NHN30370ZRB681112, For Details, contact – 9437577742, SUNDARAM FINANCE LTD., 1ST FLOOR, NAIK BHABAN, WARD NO-18, NH-6, NEAR BHATLI CHOWK- BARGARH, DIST-BARGARH-768028

**AFFIDAVIT**
I, Shilpa Mohanty (29), D/o-SUBRATA MOHANTY / SUBRATA KUMAR MOHANTY, resident of Saharsahi, Ward No-8, Po-Baripada, Ps-Baripada Town, Dist-Mayurbhanj, Pin-757001 Odisha, declared by this affidavit No-104(8) dtd-26/09/2025 that now onwards my father shall be known as **SUBRAT MOHANTY** for all future purposes.

**AFFIDAVIT**
By virtue of an affidavit before the Notary Public, Titilagarh, on dated-27/09/2025. I, **Atulya Kumar Sahu** (new name), formerly called as Atulya Sahu (old name), S/o Amulya Kumar Sahu, permanent resident of AT- Padmanavpur, PO- Titilagarh, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Atulya Sahu** (old name) to **Atulya Kumar Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Atulya Kumar Sahu** (new name).
**Atulya Kumar Sahu**

**FOR SALE**
1 Number of CAR-MARUTI-WAGON R ZXI+, Registration No.-OD-17-AD-1384, Model 2024, - ENGINE NO - K12NN1131006, CHASIS NO - MA3JMTC1SRKB79566, For Details, contact – 9437577742, SUNDARAM FINANCE LTD., 1ST FLOOR, NAIK BHABAN, WARD NO-18, NH-6 NEAR BHATLI CHOWK, BARGARH, DIST-BARGARH-768028

**AFFIDAVIT**
I, Bajrang Bihani H/o Laxmi Devi Bihani, Resident of At Ward No.13, Naba Mishra Colony, PO- Hatatota, Talcher, Dist- Angul, Odisha, PIN- 759100, declare by this affidavit No.5949 dtd 26.09.2025 that now onwards I shall be known as **BAJRANG LAL BIHANI** for all future purposes.

**AFFIDAVIT**
By virtue of an affidavit (CF No.01, date- 20/06/2025) sworn before the Executive Magistrate, Padampur. I, **Mahendra Nayak,** S/o- Rabishankar Nayak, permanent & current resident of At- Haridatal, PO- Kermelabahal, Dist- Bargarh, PIN- 768039, Odisha declare that I have changed my minor daughter's name from **Lilima Nayak** (old name) to **Nilima Nayak** (new name). Henceforth, she shall be known as **Nilima Nayak** (new name) for all purposes.
**Mahendra Nayak**

**FOR SALE**
1 Number of KUBOTA COMBINE HARVESTER –TRACK, Registration No.- NA, Model 2023, - ENGINE NO - BNU3263, CHASIS NO - KBH83900ENTK01995, For Details, contact – 9437577742, SUNDARAM FINANCE LTD., 1ST FLOOR, NAIK BHABAN, WARD NO-18, NH-6 NEAR BHATLI CHOWK, BARGARH, DIST-BARGARH-768028

**AFFIDAVIT**
By virtue of an affidavit No-02 sworn before the Executive Magistrate, Jatni on dt 19/09/2025, I **Pratap Chandra Maharathi**, S/o-Late Pramod Maharathi, resident of At- Bhatakhuri, Po- Gangapada, Ps- Infovaley, Dist- Khordha, Pin-752054, Odisha. I am the deponent. I have changed my minor daughter's name from **Bhagrovi Maharathi** (old name) to **Bhargovi Maharathi** (new name). Henceforth, both name **Bhagrovi Maharathi** and **Bhargovi Maharathi** is one & same person she will be known as **Bhargovi Maharathi** for all future purposes.
**Pratap Chandra Maharathi**

**AFFIDAVIT**
By virtue of an affidavit No. 4240 sworn before the Notary Public Swampatna on dated-26/09/2025. I **Mandakini Behera**, aged 41 years, D/O- Hrusikesh Behera, W/O- Ranjit Sethi, resident of At/Po-Mushakhori, Ps-Patna, Dist-Keonjhar, Odisha. My surname in my Aadhar card is mentioned as **SETHI** & D.O.B as **04/05/1989** instead of **BEHERA** & **D.O.B 29/04/1983**. Henceforth I shall be known as **Mandakini Behera**, D/O- Hrusikesh Behera and date of birth as **29/04/1983** for all future purposes.
**Mandakini Behera**

**ପୂର୍ବ ତଟ ରେଳପଥ**
ଫାଇଲ୍ ନଂ.DRM/Engg/KUR/25-26/E-Tender/76,ତା.25.09.2025ରିଖ
(1) ଟେଣ୍ଡର ନଂ.e-tender-BrKUR-251-2025,ତା.16.09.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର(ବ୍ରିଜ୍)/କଟକ-II ପରିସୀମା ଅଧୀନସ୍ଥ ରହିବାସ୍ଥଳ-ଯାତାୟାତ ସେକ୍ସନ ନିମନ୍ତେ 30.06.2026 ପର୍ଯ୍ୟନ୍ତ ସମୟବଦ୍ଧ ନିମନ୍ତେ ଜୋନାଲ (Zonal) ଚୁକ୍ତି (ବ୍ରିଜ୍ କାର୍ଯ୍ୟ) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 72.40 ଲକ୍ଷ, EMD (ଟଙ୍କାରେ) : 1,44,800/- ।
(2) ଟେଣ୍ଡର ନଂ.e-tender-EASTKUR-252-2025,ତା.16.09.2025ରିଖ
ବିବରଣୀ : "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ଡିପୋଜିଟ୍ ସ୍କିମ୍ ଅଧୀନସ୍ଥ ଯାତାୟାତ ଠାରେ ଟ୍ରାକ୍ ନବୀକରଣ କାର୍ଯ୍ୟ" ସମ୍ବନ୍ଧୀୟ ପ୍ରସ୍ତାବିତ ଟ୍ରାକ୍ ଯୋଡ଼ିବା (Linking)କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 113.41 ଲକ୍ଷ, EMD (ଟଙ୍କାରେ) : 2,06,700/- ।
ସମାପ୍ତ ହେବା ଅବଧି : 08 ମାସ (କ୍ରମ ନଂ.1 ପାଇଁ) ଏବଂ 10 ମାସ (କ୍ରମ ନଂ.2 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.10.2025 ରିଖ 1500 ଘଣ୍ଟାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ହାତ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଉଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର କୋମ୍ପ ହେତୁରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦଲିଲ ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଂ),
ଖୋର୍ଦ୍ଧା ରୋଡ୍
PR-647/Q/25-26

**AFFIDAVIT**
I, Laxmi Bihani W/o Bajrang Lal Bihani, Resident of At Ward No.13, Naba Mishra Colony, PO- Hatatota, Talcher, Dist-Angul, Odisha, PIN- 759100, declare by this affidavit No.5950 dtd 26.09.2025 that now onwards I shall be known as **LAXMI DEVI BIHANI** for all future purposes.

**AFFIDAVIT**
I, Jyoshna Mohapatra, W/o- Bikash Chandra Mohapatra, resident of Gopinathpur, Marshaghai, Dist-Kendrapara, Pin-754213, Odisha declared by this affidavit No.788, dtd-26/09/2025 that now onwards I shall be known as **JYOSHNA RANI MOHAPATRA** for all future purposes.

**IN THE COURT OF THE CIVIL JUDGE, (SR.DIVN) LR & LTV, ANGUL**
C.S NO: 97/2016
Saila Dehury and others .................. Plaintiffs
Versus
Sulochana Dehury and others ................. Defendants
DRAFT NOTICE
U/O 5, RULE 20 OF CIVIL PROCEDURE CODE
To,
D.5 Suchitra Dehury, Wife of Late Basistha Dehury, Presently wife of Sushanta Biswal, Son of Dinabandhu Biswal, At/P.O/P.S: Nalco Nagar, Dist: Angul.
Whereas the above-named Plaintiffs filed a suit for cancellation of RSD bearing no.5900/2013 and injunction.
You are hereby noticed to appear in this Court in person or by a pleader duly instructed and able to answer all material questions relating to the case, or who shall be accompanied by some persons able to answer all such questions, on the **27th day of October 2025, at 10 ½ O'clock** in the forenoon, to answer the claim if any; and directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set-off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list [to be annexed to the written statement.
Take notice that, in default of your appearance on the day before mentioned, the suit will be heard and determined in your absence.
Given under my hand and the seal of the Court, this 25th day of September 2025.
Sd/- Court of the Civil Judge (Sr.Divn) LR & LTV, Angul.

**AFFIDAVIT**
By virtue of an affidavit (SL No. 306, dtd- 26/09/2025) before the Notary Public, Bhubaneswar. I, **Sthitapragyan Mohapatra**, W/o Indrajit Panda, resident of At: RP-57, Pandav Nagar, Road No. 4, Tankapani Road, Bhubaneswar- 751018, Dist-Khordha, Odisha declare that, I want to change my name from **Sthitapragyan Mohapatra** to **Sthitapragnya Mohapatra** in my son's (Aryan Panda) school record. Henceforth, I shall be known as **Sthitapragnya Mohapatra** (new name) for all future purposes.
**Sthitapragnya Mohapatra**



### ୨୨ବର୍ଷରେ ପ୍ରାଚୀ ନଗର ସାର୍ବଜନୀନ ଦୁର୍ଗାପୂଜା

# ଦଶହରାରେ ଭକ୍ତଙ୍କୁ ପଖାଳ ପ୍ରସାଦ



**ଭଦ୍ରକ, ୨୭ ।୯ (ସମିସ):** ଭଦ୍ରକ ସହରରେ ସାର୍ବଜନନୀ ଦୁର୍ଗାପୂଜା ମଣ୍ଡପ ମଧ୍ୟରୁ ଆରଡି ଛକ ପ୍ରାଚୀ ନଗର ସାର୍ବଜନଦୀନ ଦୁର୍ଗାପୂଜା ମଣ୍ଡପରେ ହୁଏ ନିଆରା ଢଙ୍ଗରେ ପୂଜା । ଏଥର ପ୍ରାଚୀ ନଗର ସାର୍ବଜନଦୀନ ଦୁର୍ଗାପୂଜା ୨୨ ବର୍ଷରେ ପଦାର୍ପଣ କରିବ । ସୂଚନାନୁଯାୟୀ, ପ୍ରାଚୀ ନଗର ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ଗତ ୨୦୦୪ ମସିହାରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଗଙ୍ଗାଧର ଦାସ, ସ୍ୱର୍ଗତ ମଦନ ପଣ୍ଡା ଓ ସ୍ୱର୍ଗତ ବିଦ୍ୟାଧର ରାଉତ ଉଦ୍ୟମରେ ପ୍ରାଚୀ ନଗର ଅଞ୍ଚଳବାସୀଙ୍କ ପୂର୍ଣ୍ଣ ସହଯୋଗରେ ଆରମ୍ଭ ହୋଇଥିଲା । ଭଦ୍ରକ ସହର ବଙ୍କସାହି, ଗାନ୍ଧୀପଡ଼ିଆ ଆଦି ପୂଜା ମଣ୍ଡପରେ ପ୍ରବଳ ସଂଖ୍ୟକ ଭକ୍ତଙ୍କ ସମାଗମ ଯୋଗୁଁ ପ୍ରାଚୀ ନଗର ଅଧିବାସୀ ମାଆଙ୍କ ପୂଜାରେ ଭୋଗ ଓ ପାଦୁକା ଦର୍ଶନରେ ବହୁ ସମସ୍ୟାରେ ସମ୍ମୁଖୀନ ହେଉଥିଲେ । ତେଣୁ ଏଠାକାର ଅଧିବାସୀ ଗଙ୍ଗାଧର ଦାସ ନିଜ ଅଞ୍ଚଳରେ ପୂଜା ଆରମ୍ଭ କରିବାକୁ ମନରେ ମନସ୍ଥ କରି ଅନ୍ୟ ଅଧିବାସୀଙ୍କ ପୂର୍ଣ୍ଣ ସହଯୋଗରେ ଏହି ପ୍ରାଚୀ ନଗର ସାର୍ବଜନନୀନ ଦୁର୍ଗାପୂଜା ଆରମ୍ଭ କରିଥିଲେ । ଗଙ୍ଗାଧର ୨୦୦୪ରୁ ୨୦୨୦ଯାଏଁ ପୂଜାରେ କର୍ତା ଭାବେ କଳସ ବୁଡା ଠାରୁ ସଂକଳ୍ପ ଆଦି କାର୍ଯ୍ୟ ତୁଲାଇ ଆସୁଥିଲେ । ତେବେ ପରେ ସ୍ୱାସ୍ଥ୍ୟଗତ କାରଣରୁ ସେ ଆଉ କର୍ତା ଦାୟିତ୍ୱ ତୁଲାଇ ପାରିନଥିଲେ । ସେହିଭଳି ମାଆଙ୍କ ପୂଜା ଆରମ୍ଭ ହୋଇଥିଲା ପ୍ରାଚୀ ନଗର ଅଧିବାସୀଙ୍କ ବାଡିରେ । ପ୍ରାୟ ୫ବର୍ଷ ପରେ ପ୍ରାଚୀ ନଗର ଅଞ୍ଚଳର ସ୍ଥାୟୀ ଓ ଭଡାରେ ରହୁଥିବା ଅଧିବାସୀଙ୍କ ସହଯୋଗକ୍ରମେ ୫ଡେସମିଲ ଜମି କ୍ରୟ କରାଯାଇ ୨୨ଲକ୍ଷ ଟଙ୍କା ବ୍ୟୟଅଟକଳରେ ସ୍ଥାୟୀ ମଣ୍ଡପ ନିର୍ମାଣ କରାଯାଇ ମାଆଙ୍କ ପୂଜା ମହାସମାରୋହରେ ପାଳିତ ହୋଇ ଆସୁଛି । ମା'ଦୁର୍ଗାଙ୍କ ପ୍ରତିମୂର୍ତ୍ତିକୁ ଭଦ୍ରକ ସହର ଅପର୍ତିବିନ୍ଧା କୁମ୍ଭାରସାହି ଅଞ୍ଚଳର କାରିଗର ସଞ୍ଜୟ ମୁଦୁଲି ସବୁ ବର୍ଷ ତିଆରି କରି ଆସୁଛନ୍ତି । ତେବେ ଏହି ପ୍ରାଚୀ ନଗର ସାର୍ବଜନୀନ ଦୁର୍ଗାପୂଜା ର ମୁଖ୍ୟ ବିଶେଷତ୍ୱ ହେଲା, ଦଶହରା ବା ବିଜୟା ଦଶମୀ ଦିନ ପ୍ରାୟ ୧ ହଜାରରୁ ଅଧିକ ଭକ୍ତଙ୍କୁ ପଖାଳ ପ୍ରସାଦ ବିତରଣ କରାଯାଏ । ୬ଷ୍ଠୀ ଦିନ ବେଲ୍ୱବରଣ, ୭ମ ପୂଜା ଓ ମହାଷ୍ଟମୀ ପୂଜାରେ ଶହଶହ ସଂଖ୍ୟାରେ ମହିଳା ଓ ପୁରୁଷ ଭକ୍ତମାନଙ୍କ ଭିଡ ହୋଇଥାଏ ।



୨୨ବର୍ଷର ଏହି ସାର୍ବଜନୀନ ଦୁର୍ଗାପୂଜା ପ୍ରାଚୀ ନଗର ଅଞ୍ଚଳର ପ୍ରାୟ ୯ଶହ ସ୍ଥାୟୀ, ଅସ୍ଥାୟୀ ଅଧିବାସୀଙ୍କ ସହଯୋଗରୁ ସମ୍ଭବ ହୋଇ ପାରିଛି । ଏଥର ଏଥର ପୂଜା କିଭଳି ସୁରୁଖୁରୁରେ ହେବ ଏଥିନେଇ କମିଟି ଯତ୍ନବାନ ରହିଛି ।

-ସରୋଜ ଲେଙ୍କା, ସଭାପତି



ସାର୍ବଜନୀନ ନୀଳକଣ୍ଠନଗର ଦୁର୍ଗାପୂଜା ପୂଜା ଦଶହରା ଦିନ ସମବେତ ପଖାଳ ପ୍ରସାଦ ସେବନକୁ କିଭଳି ଶୃଙ୍ଖଳିତ କରାଯିବ ଓ ପୂଜାକୁ ଅଧିକରୁ ଅଧିକ ଆକର୍ଷଣୀୟ କରିବାକୁ କମିଟି ଓ ପ୍ରାଚୀ ନଗର ଅଧିବାସୀ ସଂକଳ୍ପବଦ୍ଧ ।

-ଅଶୋକ ପରିଜା, ସମ୍ପାଦକ

### ଆଜି ମହାବେଲବରଣ

# ଧରାବତରଣ କରିବେ ମା' ଦଶଭୂଜା

**ବାରିକପୁର, ୨୭ ।୯ (ସମିସ):** ଆଜି ମହାବେଲବରଣ ସହିତ ମା' ଦଶଭୂଜା ଧରାବତରଣ କରବେ । ଏଥିପାଇଁ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପୂଜା ମଣ୍ଡପଗୁଡିକ ଉତ୍ସବମୁଖର ହୋଇଉଠିଛି । ବ୍ଲକର ପ୍ରସିଦ୍ଧ ନିର୍ଗୁଣ୍ଡି ଗ୍ରାମରେ ୫ଟି ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ବେଶ ଭାବ ଉଦ୍ଦୀପନାର ସହିତ ପୂଜା ଆୟୋଜିତ ହୋଇଛି । ପୂଜାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଏକ ନିଆରା ଢଙ୍ଗରେ ଉତ୍ସବ ଆୟୋଜିତ ହେଉଥିବା ଜଣା ଯାଇଛି । ସେହିଭଳି ଭଣ୍ଡାରିପୋଖରୀ ବଜାର, ସରସଦା ସାର୍ବଜନୀନ ଦୁର୍ଗାପୂଜା କମିଟି, ମଞ୍ଜୁରୀ ରୋଡ, ପାଟୁଳି, ଯୋରାଗଡ଼ିଆ ଠାରେ ମଧ ମା'ଙ୍କ ଆବାହନ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ଏହାଛଡା ନଗୁଆ ଠାରେ ସର୍ବପୁରାତନ ପୂଜା କମିଟି ପକ୍ଷରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ଆଜି ସିଂହବାହିନୀ ଙ୍କ ପୂଜା ଆରମ୍ଭ ହେଉଥିବା ଜଣାପଡ଼ିଛି । ଏହାଛଡା ବାଲିଗଡ଼ିଆ ଠାରେ ରେବ ନଦୀ କୂଳରେ ଅବସ୍ଥିତ ପୀଠରେ ମଧ ମା'ଙ୍କ ପୂଜା ଉତ୍ସବ ପାଇଁ କମିଟି ପକ୍ଷରୁ ବ୍ୟାପକ ଆୟୋଜନ ହୋଇଛି । ଏଥିରେ ବୋହୁ ଶ୍ରଦ୍ଧାଳୁ ଯୋଗ ଦେବେ ବୋଲି କୁହା ଯାଇଛି । ଆଜି ମଧ ରାତ୍ରରୁ ସବୁଠି ବେଲ୍ୱ ବରଣୀ ସହିତ ମା' ଦୁର୍ଗାଙ୍କୁ ଆବାହନ କରାଯାଇ ପୂଜାପାଠ ଆରମ୍ଭ ହେବ । ଭକ୍ତମାନଙ୍କ ସମାଗମକୁ ଆଖି ଆଗରେ ରଖି ବିଭିନ୍ନ ସ୍ଥାନରେ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।





ନଦୀ କୂଳରେ ଥିବା ମନ୍ଦିରରେ ଆଜିଠାରୁ ୫ଦିନ ଯାଏଁ ବେଶ ଭାବ ଉଦ୍ଦୀପନାର ସହିତ ମା' ଦୁର୍ଗାଙ୍କ ପୂଜା ହେବ । ଏଥିରେ ଆଖପାଖ ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ଯୋଗ ଦେବେ । ଚଳିତ ବର୍ଷ ପୂଜାରେ କିଛି ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଗାଁରେ ଦଶହରା ଯାଏଁ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହେବ । - ମାଧବ ଚନ୍ଦ୍ର ପାଲ, ବାଲିଗଡ଼ିଆ ପୂଜା କମିଟି



ଜେଜେ ବାପାଙ୍କ ଅମଳରୁ ପୂଜା ଅନୁଷ୍ଠିତ ହେଉଛି । ପ୍ରାୟତିନି ପୁରୁଷଧରି ମା'ଙ୍କ ପୂଜା ଉତ୍ସବ ଆୟୋଜିତ ହେଉଥିବା ବେଳେ ଏଥିରେ ଗ୍ରାମବାସୀଙ୍କ ପ୍ରମୁଖ ସହଯୋଗ ରହିଥାଏ । ପାରମ୍ପରିକ ଭାବେ ୫ ଦିନ ଧରି ଦୁର୍ଗାଙ୍କ ଆରାଧନା ହୁଏ । ଶହଶହ ଲୋକ ଏଥିରେ ଯୋଗ ଦେଇଥାନ୍ତି । - ଚିନ୍ମୟ ପଟ୍ଟନାୟକ, ନଗୁଆଁ ପୂଜା କମିଟି

# ପଞ୍ଜିକୃତ ଚାଷୀଙ୍କୁ ମିଳିନି ରସିଦ; ଅନିୟମିତତା ଅଭିଯୋଗ

**ଭଣ୍ଡାରିପୋଖରୀ, ୨୭।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମାଳସା ପ୍ରାଥମିକ କୃଷି ସମବାୟ ସମିତିରେ ଚଳିତ ବର୍ଷ ଖରିଫ ଧାନବିକ୍ରୀ ପାଇଁ ପଞ୍ଜିକରଣ କରିଥିବା ଚାଷୀମାନଙ୍କୁ ପଞ୍ଜୀକରଣ ରସିଦ (ଅନଲାଇନ ସ୍ଲିପ) ପ୍ରଦାନ କରାଯାଇନାହିଁ । ପଞ୍ଜିକରଣ ପାଇଁ ଚାଷୀମାନେ ଦାଖଲ କରିଥିବା ଜମିକୁ ଏପଟ ସେପଟ କରାଯାଇଛି । ଜଣେ ଚାଷୀ ଦ୍ୱାରା ପଞ୍ଜିକରଣ ପାଇଁ ଦାଖଲ ହୋଇଥିବା ଚାଷଜମିକୁ ସମିତି ସ୍ତରରେ ଅନ୍ୟଜଣେ ଚାଷୀଙ୍କ ପଞ୍ଜୀକରଣରେ ସାମିଲ କରାଯାଇଛି । ଚାଷୀ ପଞ୍ଜିକରଣରେ ଧାର୍ଯ୍ୟ ନିୟମାବଳୀକୁ ଆଦୌ ପାଳନ କରାଯାଇ ନାହିଁ । ଫଳରେ ଚାଷୀମାନେ ପଞ୍ଜୀକରଣ ଜାଲିଆତିର ଶିକାର ହୋଇଛନ୍ତି ବୋଲି ଅଭିଯୋଗ ହୋଇଛି । ପଞ୍ଜୀକରଣ ସମୟରେ ଭାଗଚାଷୀ ପଞ୍ଜିକରଣରେ ମଧ ଜାଲିଆତି କରାଯାଇଛି । ପଞ୍ଜିକରଣ କରିବାକୁ ଆଗ୍ରହୀ ନଥିବା ଜମି ମାଲିକଙ୍କ ଆଧାର କାର୍ଡକୁ କୌଣସି ମତେ ହାସଲ କରି ଜମି ମାଲିକଙ୍କ ଜାଲ ଦସ୍ତଖତ ବଳରେ ଭାଗଚାଷୀ ବହୁ ମାତ୍ରାରେ ପଞ୍ଜୀକରଣ କରାଯାଇଛି । ଏଠିତପାଇଁ ଆବଶ୍ୟକ ପଡୁଥିବା ମୋବାଇଲ ନମ୍ବର ଜାଲିଆତିରେ ସମ୍ପୃକ୍ତ ବ୍ୟକ୍ତିଙ୍କର ଦିଆଯାଇ ପଞ୍ଜିକରଣ ତନଖିକୁ ସହଜରେ ହାସଲ କରିନିଆଯାଉଛି । ଅନୁଧ୍ୟାନ କରିବା ଦାଇତ୍ୱରେ ଥିବା ସରକାରୀ କର୍ମଚାରୀ ଏହି କାର୍ଯ୍ୟକୁ ଅନୁମୋଦନ କରିଦେଉଛନ୍ତି ବୋଲି ଅଭିଯୋଗ ହୋଇଛି । ସମିତିର ନିର୍ବାଚିତ ପରିଚାଳନା ପରିଷଦ ସଦସ୍ୟା ସ୍ନେହଲତା ସାମଲ, କମଳାକାନ୍ତ ସାମଲ, ନାରାୟଣ ଚନ୍ଦ୍ର ପରିଡ଼ା, ନରେନ୍ଦ୍ର ମହାନ୍ତି, ବନ୍ଦିତା ମଲ୍ଲିକ ପ୍ରମୁଖ ଏହି ଅଭିଯୋଗ ଜିଲ୍ଲା ସମବାୟ ସମିତି ସମୂହ ନିବନ୍ଧକଙ୍କ ନିକଟରେ ଗତ ଶୁକ୍ରବାର କରିଥିବା ଜଣାଯାଇଛି । ଏହି ଅଭିଯୋଗର ତଦନ୍ତ କରାଯିବ ବୋଲି ସମବାୟ ନିବନ୍ଧକ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି ।

# ବୌଦ୍ଧ ବିହାରରେ ବିଶ୍ୱ ପର୍ଯ୍ୟଟନ ଦିବସ



**ଭଣ୍ଡାରିପୋଖରୀ, ୨୭।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକଅନ୍ତର୍ଗତ ଷୋଳମପୁର ବୌଦ୍ଧବିହାର ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ଶନିବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଇଛି । ବ୍ଲକ ସଂଯୋଜକ ଉଦୟନାଥ ବେଜଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଜନୀକାନ୍ତ ବଳ, ସାମ୍ବାଦିକ ବିଶ୍ୱମ୍ଭର ରାଉତ, ନାଏବ ସରପଞ୍ଚ ସଙ୍ଗୀତାରାଣୀ ଖଟୁଆ, ଗ୍ରାମବାସୀ ସନ୍ତୋଷ କୁମାର ନାୟକ, ବାସୁଦେବ ନାୟକ, ଧନେଶ୍ୱର ନାୟକ, ଦିଲ୍ଲୀପ କୁମାର ସାହୁ ଓ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀଭୁକ୍ତ ମହିଳାମାନେ ବୌଦ୍ଧବିହାର ପରିସର ସଫେଇ କରିଥିଲେ । ଏହି ବୌଦ୍ଧବିହାର ପରିସରରେ ଥିବା ବିଶ୍ୱସ୍ତରୀୟ ଐତୀହ ଓ କିର୍ତ୍ତିରାଜିଗୁଡିକର ସୁରକ୍ଷା ପାଇଁ ସଙ୍କଳ୍ପ କରିଥିଲେ । ପ୍ରଶାସନ ପକ୍ଷରୁ ଏହାକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ସୂଚନା ଦିଆଯାଇଥିଲା ।

# ରାସ୍ତା ଉପରୁ ହଟିଲା ଗଛ



**ବାରିକପୁର, ୨୭ ।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରୋଢା ଗୋଡିପଦିଠାରେ ଏକ ବୃହତ ଶିରିସା ଗଛକୁ ଅଗ୍ନିଶମ ବିଭାଗ କର୍ମଚାରୀ କାଟି ଦେଇଛନ୍ତି । ପଞ୍ଚାୟତ ରାସ୍ତାଠାରୁ ଧଳସାହିକୁ ଯାଇଥିବା ଗ୍ରାମ୍ୟ ରାସ୍ତା ଉପରକୁ ଏହି ଗଛଟି ପ୍ରାୟ ଅର୍ଦ୍ଧାଧିକ ଭାଗ ଶୋଇ ରହିଥିଲା । ତେଣୁ ଯାନବାହନ ଯାତାୟାତ କରିବା କଷ୍ଟକର ହେଉଥିଲା । ଏପରିକି ଜରୁରୀକାଳୀନ ଗାଡିଟିଏ ଯିବା ଅସମ୍ଭବ ହୋଇ ପଡ଼ିଥିଲା । ସ୍ଥାନୀୟବାସିନ୍ଦା ତଥା ପୂର୍ବତନ ୱାର୍ଡ ସଭ୍ୟ ଶରତ ଚନ୍ଦ୍ର ଧଳ ଗଛଟିକୁ ରାସ୍ତା ଉପରୁ ହେଟଇବା ପାଇଁ ବାରମ୍ବାର ଅଭିଯୋଗ ଶୁଣାଣୀ ଶିବିର, ରାଜସ୍ୱ ନୀରିକ୍ଷକ ଓ ତହସିଲଦାରଙ୍କୁ ଜଣାଇଥିଲେ । ଏପରିକି ୨୦୨୪ ମସିହାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରେକୋଷ୍ଠରେ ମଧ ଜଣାଇଥେଠିଲେ । ସେଠାରୁ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ହୋଇଥିଲା । ତେଣୁ ବିଭାଗ କ୍ଷେତ୍ର ପରିଦଶର୍ନ ପରେ ରାଜସ୍ୱ ବିଭାଗକୁ ଗଛ କାଟିବା ପାଇଁ ନିର୍ଦ୍ଦେଶ ଦେଇଥିଲା । ପରେ ଅଗ୍ନିଶମ କର୍ମଚାରୀ ଗଛଟିକୁ କାଟିଦେଇଛନ୍ତି ।

### ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦର ଆଲୋଚନା ସଭା

# 'ବହି ଜୀବନର ପରମ ବନ୍ଧୁ'



**ତିହିଡ଼ି, ୨୭ ।୯ (ସମିସ):** ତିହିଡ଼ି ବ୍ଲକର ଅନ୍ୟତମ ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦର ଆଲୋଚନା ସଭା, କବିତାପାଠ, ପୁସ୍ତକ ଲୋକାର୍ପଣ ଓ ସମ୍ବର୍ଦ୍ଧନା ପର୍ବ ପରିଷଦର ସଭାପତି ବିଭୂତିଭୂଷଣ ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଆଜିକାଲି ଅଧିକାଂଶ କବି ଓ ଲେଖକ ପୁସ୍ତକ ପଠନରୁ ନିବୃତ୍ତ ରହି କେବଳ ସମ୍ବର୍ଦ୍ଧନା ପାଇବା ଓ ସମ୍ବାଦପତ୍ର ବା ସୋସିଆଲ ମିଡିଆରେ ନାମ ପ୍ରକାଶ ପାଇବା ପାଇଁ ବ୍ୟଗ୍ର । ଆମେରିକାର ବିଦ୍ୱାନ୍ ମେରି ବେକର ମୃତ୍ୟୁର କିଛିକ୍ଷଣ ପୂର୍ବରୁ କହିଲେ କୋରାନ୍ ବହି ମୋର ପରମ ଗୁରୁ । ସେହିପରି ପଣ୍ଡିତ ଲୋକମାନ୍ୟ ତିଳକ, ସ୍ୱାମୀ ବିବେକାନନ୍ଦ ତଥା ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍ ପ୍ରଭୃତି ଶ୍ରେଷ୍ଠ ବିଦ୍ୱାନ୍ ବହିକୁ ଜୀବନର ପରମ ବନ୍ଧୁ ବୋଲି କହିଛନ୍ତି । ଏହାକୁ ଆଧାର କରି ଆଜିର ଆଲୋଚନା ସଭାରେ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ତ୍ରିପାଠୀ, ନିତ୍ୟାନନ୍ଦ ମଲ୍ଲିକ, ଡ. ଅରୁଣ କୁମାର ପଣ୍ଡା, ପ୍ରାକ୍ତନ ଅଧକ୍ଷ ଗୋପାଳ ପ୍ରସାଦ ମହାପାତ୍ର, ଅଧ୍ୟାପକ ମୃତ୍ୟୁଞ୍ଜୟ ଦାସ, କବି ରବିକୁମାର ମହାନ୍ତି, ଶିକ୍ଷାବିତ୍ ମଥୁରାମୋହନ ବେହେରା, ଶିକ୍ଷକ କୃପାସିନ୍ଧୁ ମହାନ୍ତି, ଅଭୟ କୁମାର ଦାସ, କବି ବିଶ୍ୱମୈତ୍ରୀ ନାୟକ, କବି ବୈକୁଣ୍ଠ ନାଥ ଓଝା, ନୀଳମାଧବ ସେନାପତି, ଆଶୁତୋଷ କରଣ, ସୁବାସ ମହାନ୍ତି, ଦେବେନ୍ଦ୍ର ମହାଳିକ, ସୁଧାରଞ୍ଜନ ମହାନ୍ତି, ମୌସୁମୀ ଗୋଚ୍ଛାୟତ ପ୍ରମୁଖ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସମ୍ପାଦିକା ସଂଯୁକ୍ତା ଭାରତୀଙ୍କ ସ୍ୱାଗତ ଭାଷଣ ପରେ କବି ବିଶ୍ୱମୈତ୍ରୀ ନାୟକଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା । ବୟୋଜ୍ୟେଷ୍ଠ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୀତଳ କୁମାର ବେହେରାଙ୍କୁ ପରିଷଦ ଦ୍ୱାରା 'ସ୍ମୃତି ଗୌରବ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଗଲା । ଡ.ଅରୁଣକୁମାର ପଣ୍ଡାଙ୍କ ବିପ୍ଳବାତ୍ମକ କବିତା ପୁସ୍ତକ 'ବାଡ଼' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ସର୍ବଶେଷରେ ସମାଜସେବୀ ପ୍ରତିମା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ରାସ୍ତା କାମ ପାଇଁ ମୋରମ୍ ନିମ୍ନମାନର



**ବାରିକପୁର, ୨୭ ।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାରିକପୁରଠାରୁ ବନ୍ତ ବଜାର ଯାଏଁ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନବୀକରଣ କାର୍ଯ୍ୟ ହେଉଛି । ଏବେ ଶେଷ ପର୍ଯ୍ୟାୟରେ ପିଚୁ ନିର୍ମିତ ରାସ୍ତାକୁ ସୁରକ୍ଷା ଦେବା ପାଇଁ ଦୁଇ ପାର୍ଶ୍ୱରେ ଠିକା ସଂସ୍ଥା ମୋରମ ବିଛାଇଛି । ଏଥିରେ ବାଲି ମିଶ୍ରିତ ହୋଇ ନଥିବା ବେଳେ ମୋରମ ଅତି ନିମ୍ନମାନର ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ମାଟି ମିଶ୍ରିତ ଖାଦନରୁ ଏହି ମୋରମ ଆସିଥିବା ଜଣାପଡ଼ିଛି । ସାମାନ୍ୟ ବର୍ଷା ହେଲେ ରାସ୍ତା ଦୁଇ ପାର୍ଶ୍ୱ କର୍ଦ୍ଦମାକ୍ତ ହେବ । ଏହାଦ୍ୱାରା ପିଚୁ ନିର୍ମାଣକୁ ଅନେକ କ୍ଷତି ପହଞ୍ଚାଇବ ଏଥିରେ ସନ୍ଦେହ ନାହିଁ । ଏହା ଅଳ୍ପ ଦିନରେ ମଧ ନଷ୍ଟ ହୋଇଯିବ ବୋଲି ଆଶଙ୍କା କରାଯାଇଛି ବିଭାଗୀୟ ଅଧିକାରୀ ଅଭିଯୋଗ ଉପରେ ପଦକ୍ଷେପ ନେବାକୁ ଦାବି ହେଉଛି ।



ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପୀଠଦେବୀ ଜୟଦୁର୍ଗାଙ୍କ ଷୋଡଶ ଦିବସୀୟ ପୂଜା ଅବସରରେ ମା'ଙ୍କ ମହାସରସ୍ୱତୀ ବେଶ

# ବ୍ଲକ୍‌ସ୍ତରୀୟ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

**ଧାମନଗର, ୨୭ ।୯ (ସମିସ):** ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏନଏସି ଏବଂ ବ୍ଲକସ୍ତରୀୟ ମାନସିକ ରୋଗୀଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଗତ ମଙ୍ଗଳବାର ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟାଧିକାରୀ ଡାକ୍ତର ମନ୍ମୟ ସାମନ୍ତସିଂହାରଙ୍କ ସଞ୍ଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୋଟ ୬୮ରୁ ଊର୍ଦ୍ଧ୍ୱ ମାନସିକ ରୋଗୀ ତାଙ୍କର ନାମ ପଞ୍ଜୀକରଣ କରି ସ୍ୱାସ୍ଥ୍ୟ ପରୀକ୍ଷା ନିରକ୍ଷା କରାଇ ମାଗଣାରେ ଔଷଧ ନେଇ ଥିବା ଡାକ୍ତରଙ୍କ ଠାରୁ ସୂଚନା ଦିଆଯାଇଛି । ଏଥିରେ ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ବିଶେଷଜ୍ଞ ଡା.ବ୍ରଜ କିଶୋର ଗିରି, ଡା. ଲିୟୋନା ବେହେରା ପ୍ରମୁଖ ଯୋଗ ଦେଇ ମାନସିକ ରୋଗୀଙ୍କୁ ଚିକିତ୍ସା କରିଥିଲେ । ପ୍ରତି ବର୍ଷ ୨ ଥର ଏହି ଶିବିର ଆୟୋଜନ ହୋଇଥାଏ । ବିଶେଷ କରି ଜିଲ୍ଲା ଜରାନିବାସ ଓ ଅନ୍ୟାନ୍ୟ ସ୍ଥାନରେ ରହୁଥିବା ପଞ୍ଜୀକୃତ ମାନସିକ ରୋଗୀଙ୍କୁ ଯୋଗାଯୋଗ କରାଯାଇ ଏହି ଚିକିତ୍ସା ଯୋଗାଇ ଦିଆଯାଇଥାଏ । ଏହି ଶିବିର ସକାଳ ୯ଟାଠାରୁ ଆରମ୍ଭ ହୋଇ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଚାଲେ । ସ୍ୱାସ୍ଥ୍ୟକର୍ମୀ ମଧୁସ୍ମିତା ମହାପାତ୍ର, ଅନନ୍ତ ଚରଣ ମୁଣ୍ଡା, ମଳୟ ରଞ୍ଜନ ଜେନା, ଉର୍ବଶ୍ରୀ ବେହେରା, ନଶ୍ରୀମ ଅକ୍ତର, ଦେବେନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

**ଭଦ୍ରକ, ୨୭ ।୯ (ସମିସ)**



ଶନିବାର ସଂସ୍କୃତି ଭବନରେ ବିଶ୍ୱ ପର୍ଯ୍ୟଟନ ଦିବସ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଡେପୁଟୀ କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅନୁପ କୁମାର ବେହେରା, କ୍ରୀଡ଼ା ବିଭାଗର ଓଏସଡି ରମେଶ ମହାନ୍ତି, ସୁମନ ବିଡ଼ାନ୍ତ, ନିତ୍ୟାନନ୍ଦ ନାୟକ, ମନୋଜ ବେହେରା ଉପସ୍ଥିତ ଥିଲେ । ବର୍ତ୍ତମାନ ସମୟରେ ପର୍ଯ୍ୟଟନର ବିକାଶ ଉପରେ ସରକାରଙ୍କ ବିଶେଷ ଗୁରୁତ୍ୱ ରହିଛି ଏବଂ ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ସରକାର ଅନୁମୋଦନ କରିଛନ୍ତି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଇରମ, ଗୋହିରିଟିକିରା, ଆରଡ଼ି, ବିରଞ୍ଚିନାରାୟଣ ମନ୍ଦିର, ଭଦ୍ରକାଳୀ ମନ୍ଦିର, କାନ୍ତକବି ଲକ୍ଷ୍ମୀକାନ୍ତ ମେମୋରିଆଲ ପାର୍କ ଆଦି ବିଭିନ୍ନ ପ୍ରକଳ୍ପ ପାଇଁ ମଞ୍ଜୁରୀ ପ୍ରାପ୍ତ ହୋଇ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଆଗକୁ ଆହୁରି ନୂତନ ନୂତନ ପ୍ରକଳ୍ପ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି ବୋଲି ସେ କହିଥିଲେ । ସଭା ଆରମ୍ଭ ପୂର୍ବରୁ ଏକ କୁଇଜ୍ ପ୍ରତିଯୋଗିତା ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ଅୟୋଜନ କରାଯାଇଥିଲା । ଏଥିରେ ଭଦ୍ରକର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ବିଚାରକ ମଣ୍ଡଳୀ ଭାବରେ ପବିତ୍ର ପାଣିଗ୍ରାହୀ, ପୂର୍ଣ୍ଣ ଚନ୍ଦ୍ର ବହଲି, ରୂପକ୍ ରାୟ ଥିଲେ । ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଆଶୁତୋଷ ନାୟକ, ଦେବସ୍ମିତା ସାହୁ, ଦ୍ୱିତୀୟ ସ୍ଥାନ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସନ୍ଥପୁରା, ତିହିଡ଼ିର ଶାଶ୍ୱତ ନାୟକ, ସୌମ୍ୟଜିତ୍ ଧଳ ଓ ତୃତୀୟ ସ୍ଥାନ ବିଏମ ବାଗୁରାଇ ଉଚ୍ଚ ବିଦ୍ୟାଳୟର ଅଂଶୁମାନ ସାମଲ, ବିଦୁସ୍ମିତା ମିଶ୍ର ତଥା ମହାବିଦ୍ୟାଳୟ ସ୍ତରୀୟ ପ୍ରଥମ ଭଦ୍ରକ ସ୍ୱୟଂଶାସିତ କଲେଜ୍‌ର ସତ୍ୟବ୍ରତ ପଣ୍ଡା, କଳାମାଣିକ ଦାସ ଦ୍ୱିତୀୟ ଚରମ୍ପା ମହା ବିଦ୍ୟାଳୟର ସ୍ୱାଗତିକା ମହାନ୍ତି, ତୁଳସୀ ବାରିକ୍ ଓ ତୃତୀୟ ଚରମ୍ପା ଡ଼ିଗ୍ରୀ କଲେଜ୍ ସମିମା ସୁଲତାନା, ଦିଳନ୍ ଚନ୍ଦ୍ର ସାହୁ ହୋଇଥିଲେ । ସେମାନଙ୍କୁ ସାର୍ଟିଫିକେଟ ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ଶେଷରେ ଜିଲ୍ଲାପାଳ ଶ୍ରୀ ରାଉତରାଏ ସଭାରେ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ କିଛି ପ୍ରଶ୍ନ କୁଇଜ୍ ମାଧ୍ୟମରେ ପଚାରିଥିଲେ ଏବଂ ସଠିକ୍ ଉତ୍ତରଦାତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

## ମା' ବିରଜାଙ୍କ ଦୁର୍ଗୋତ୍ସବ
# ଉତ୍ତର ପୂର୍ବ କୋଣରେ ଅଟକିଲା ବିଜୟା ରଥ




**ଯାଜପୁର, ୨୭।୯ (ସମିସ)**

ଯାଜପୁରର ଅଧିଷ୍ଠାତ୍ରୀ ମା' ବିରଜାଙ୍କର ଚଳିତ ବର୍ଷର ଦୁର୍ଗୋତ୍ସବ ଅବସରରେ ଷୋଡ଼ଶୋପଚାର ପୂଜା ଆଜି ଚତୁର୍ଦ୍ଦଶ ଦିନରେ ପାଳିତ ହୋଇଥିବା ବେଳେ ଷଷ୍ଠୀ ତିଥିରେ ରଥଯାତ୍ରା ଓ ପାଦସ୍ପର୍ଶ ପାଳିତ ହୋଇଛି। ଗତକାଲି ମଧ୍ୟରାତ୍ରିରୁ ଆରମ୍ଭ କରାଯାଇଥିବା ଯଜ୍ଞ କାର୍ଯ୍ୟ ଆଜି ସକାଳ ୫ଟାରେ ବିରାମ ରହିବା ପରେ ପହୁଡ଼ କରାଯାଇଥିଲା। ୬ଟାରେ ପହଡ଼ ଖୋଲାଯିବା ପରେ ୬ଟା ୩୦ ମିନିଟରେ ସ୍ନାନ କରାଯିବା ପରେ ଭକ୍ତମାନଙ୍କୁ ଗର୍ଭ ଗୃହକୁ ଛଡ଼ା ଯାଇଥିଲା। ଆଜି ଭକ୍ତମାନଙ୍କ ଭିଡ଼ ଅଧିକ ଥିବାରୁ ଦିନ ୮.୩୦ ପର୍ଯ୍ୟନ୍ତ ଭକ୍ତମାନେ ପାଦସ୍ପର୍ଶ କରିଥିଲେ। ସମୟ ବିଳମ୍ବ ହେତୁ ୮.୪୫ ମିନିଟରୁ ବିଭିନ୍ନ ବେଶ ସହିତ ଗହଣା ବେଶ ତୁରନ୍ତ କରାଯାଇଥିଲା। ଦିନ ୧୧.୩୦ ମିନିଟ୍‌ରେ ବଡ଼ ଶୃଙ୍ଗାର ବେଶ କରାଯିବା ପରେ ରୋଷିଆ ସେବାୟତମାନେ ଗର୍ଭ ଗୃହକୁ ଧୂଆ କରି ଆଜି ପୂଜାର ଆୟୋଜନ କରିଥିଲେ। ପୂଜକ ପୁରୋଧା ଉପସ୍ଥିତ ହେବା ପରେ ପୂଜା ଆରମ୍ଭ କରାଯାଇଥିଲା। ୨.୧୫ ମିନିଟରେ ପ୍ରସାଦ ଲାଗି ଓ ଆଳତି ସରିବା ପରେ ୩.୩୦ ମିନିଟରେ ପହୁଡ଼ କରାଯାଇଥିଲା। ଅପରାହ୍ନ ୪.୧୫ ମିନିଟରେ ପହୁଡ଼ ଖୋଲା ଯିବା ପରେ ସାଧାରଣ ଦର୍ଶନ ଚାଲିଥିଲା। ୫ଟା ସମୟରେ ଆର୍ଣା ସେବାୟତ ଗର୍ଭଗୃହରେ ଉପସ୍ଥିତ ହେବା ପରେ ପାଳିଆ ସେବାୟତ ପୁଷ୍ପମାଲ୍ୟ ଦେବା ପରେ ରଥଯାତ୍ରା ନିମନ୍ତେ ଆର୍ଣା ସେବାୟତ ବାହାରିଥିଲେ। ଘଣ୍ଟୁଆ, ଛତ୍ର, ତରାସ, ମଶାଳ, ବାଦ୍ୟକାର ସେବାୟତମାନେ ଆର୍ଣା ଦଣ୍ଡକୁ ରଥ ନିକଟକୁ ନେବା ପରେ ଆଜିର ରଥଯାତ୍ରା ଆରମ୍ଭ କରାଯାଇଥିଲା। ଅପରାହ୍ନ ୫ଟାରୁ ରଥଯାତ୍ରା ଆରମ୍ଭ କରାଯାଇ ୬.୧୫ ମିନିଟରେ ବନ୍ଦ କରାଯାଇଥିଲା। ଆଜି ୨ ବେଢ଼ା ରଥ ପରିକ୍ରମା କରାଯାଇ ଉତ୍ତର ପୂର୍ବ କୋଣରେ ରଖାଯାଇଛି। ରଥରୁ ଆର୍ଣା ଦଣ୍ଡ ଗର୍ଭ ଗୃହକୁ ଅଣାଯିବା ପରେ ପୂଜକ ସଂଧ୍ୟାରେ ସିଂହାସନରେ ଆଳତି କରିଥିଲେ। ପୁନରାୟ ରାତ୍ରି ପୂଜାର ଆୟୋଜନ କରାଯାଇଥିଲା। ୮.୩୦ ମିନିଟ୍‌ରେ ବଡ଼ ଶୃଙ୍ଗାର ବେଶ, ଗର୍ଭଗୃହ ଧୂଆ ପରେ ପୂଜା ଆରମ୍ଭ କରାଯାଇଥିଲା। ରାତ୍ର ୧୦. ୩୦ ମିନିଟରେ ପୂଜା କାର୍ଯ୍ୟ ସରିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଅଛି। ଯଜ୍ଞ କାର୍ଯ୍ୟ ସରିବା ପରେ ନିତୀ ଲାଗି ଓ ପହୁଡ଼ କରାଯିବ। ଗତ କାଲିଠାରୁ ଆରମ୍ଭ ହୋଇଥିବା ଯଜ୍ଞ କାର୍ଯ୍ୟରେ ନିୟୋଜିତ ରହିଥିବା ବ୍ରାହ୍ମଣ ସେବାୟତମାନେ ସଂଙ୍କଳ୍ପିତ ହୋଇ ମନ୍ଦିର ମଧ୍ୟରେ ରହିଛନ୍ତି। ମହାଷ୍ଟମୀର ମଧ୍ୟରାତ୍ରରେ ଯଜ୍ଞର ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ସେମାନେ ରହିବେ। ରଥଯାତ୍ରା ସମୟରେ ଆଜି ରଥ ଉପରକୁ ଅଧିକ ସେବାୟତ ନ ଯିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ରଥ ଉପରକୁ ଆଜି କମ୍ ସଂଖ୍ୟକ ସେବାୟତ ରଥ ଉପରକୁ ଯାଇଥିଲେ। ଆଜିର ରଥଯାତ୍ରା ସମୟରେ ମାଜିଷ୍ଟ୍ରେଟ ଭାବେ ରସୁଲପୁର ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ଓ ସକାଳ ମୁଖ ଦର୍ଶନ ସମୟରେ ସୁନିଲ କୁମାର ସ୍ୱାଇଁ ଉପସ୍ଥିତ ଥିବା ବେଳେ ଯାଜପୁର ଟାଉନ୍ ଥାନାଧିକାରୀ, ଯାଜପୁର ଏସ୍‌ଡିପିଓ ସମେତ ବ୍ୟାପକ ଫୋର୍ସ ଉପସ୍ଥିତ ଥିଲେ। ପ୍ରତ୍ୟେକ ଦିନ ପରି ଆଜି ମଧ୍ୟ ସ୍ୱାସ୍ଥ୍ୟବିଭାଗ, ଅଗ୍ନି ସେବା ବିଭାଗ, ଯାଜପୁର ପୌରପାଳିକା, ବିଦ୍ୟୁତ୍ ବିଭାଗର କର୍ମଚାରୀ ଉପସ୍ଥିତ ରହି ନିଜ ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ। ଆଜି ସ୍ୱତନ୍ତ୍ରଭାବେ ଖେଇ ପ୍ରସାଦ ପ୍ରସ୍ତୁତ କରାଯାଇ ସମସ୍ତ ବର୍ଗର ସମସ୍ତ ସେବାୟତଙ୍କୁ ଅପରାହ୍ନରେ ବଣ୍ଟନ କରାଯାଇଥିଲା। ରଥଯାତ୍ରା ପରେ ଟ୍ରଷ୍ଟବୋର୍ଡ଼ କାର୍ଯ୍ୟାଳୟରେ ଉପଜିଲ୍ଲାପାଳ ସମସ୍ତ କର୍ମଚାରୀଙ୍କ ଠାରୁ ଆଜିର କାର୍ଯ୍ୟ ବିଷୟରେ ବୁଝିବା ସହିତ ଆଗାମୀ କାଲିର କାର୍ଯ୍ୟ ଓ ପୂଜା କାର୍ଯ୍ୟ ଶୃଙ୍ଖଳାର ସହିତ ସମାପନ ପାଇଁ ପରାମର୍ଶ ଦେଇଥିଲେ।

## ଧରାରେ ଅବତରଣ କରିବେ ଜଗତଜନନୀ
# ଶିଳ୍ପୀର ଶେଷ ସ୍ପର୍ଶ ଅପେକ୍ଷାରେ

**ଯାଜପୁର, ୨୭।୯ (ସମିସ):** ଆସନ୍ତାକାଲି ଠାରୁ ମା' ଦୁର୍ଗାଙ୍କ ଷଷ୍ଠୀ ପୂଜା ଅନୁଷ୍ଠିତ ହେବ। ସେଥିପାଇଁ ଯାଜପୁର ସହରରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯାଜପୁର ସହରର ସମସ୍ତ ପୂଜା ମଣ୍ଡପରେ ମା' ଦୁର୍ଗାଙ୍କର ମୃଣ୍ମୟୀ ପ୍ରତିମାରେ କାରିଗର ତୂଳୀର ଶେଷ ସ୍ପର୍ଶ ଦେଇସାରିଛି। ସେହିପରି ମଣ୍ଡପରେ ରଙ୍ଗୀନ ଆଲୋକମାଳା ଓ ଫୁଲରେ ସାଜସଜ୍ଜା ମଧ୍ୟ କରାଯାଇଛି। ପୂଜା କମିଟିର କର୍ମକର୍ତ୍ତା ପୂଜା ପାଇଁ ସମସ୍ତ ପ୍ରସ୍ତୁତି ସାରିଲେଣି। ମା' ଦୁର୍ଗାଙ୍କୁ କିଛି ମଣ୍ଡପରେ ଚାନ୍ଦିର ଆଭୂଷଣରେ କରାଯିବ। ମା' ଦୁର୍ଗାଙ୍କ ସମେତ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, କାର୍ତ୍ତିକ ପ୍ରମୁଖ ପାର୍ଶ୍ୱ ଦେବାଦେବୀଙ୍କ ସାଜସଜ୍ଜା ଅତି ଚିତାକର୍ଷକ ହୋଇଛି। ଯାଜପୁର ସହରର ଅନେକ ଘରୁଆ ପୂଜା ମଣ୍ଡପରେ ମଧ୍ୟ ମା' ଦୁର୍ଗାଙ୍କୁ ଅତି ସୁନ୍ଦର ଭାବେ ସାଜସଜ୍ଜା କରି ସାରିଲେଣି। ସହରର ଅତି ପ୍ରାଚୀନ କୁହାଯାଉଥିବା ସିଂହଘର, ବଲ୍ଲଭଘର, ସେନ୍ ଘରର ଦୁର୍ଗାଙ୍କୁ ବଙ୍ଗୀୟ ରୀତିରୀତିରେ ପୂଜା କରାଯାଉଥିବାରୁ ସେଠାରେ ମା'ଙ୍କର ଆଭୂଷଣ ମଧ୍ୟ ଅତି ସୌନ୍ଦର୍ଯ୍ୟ ଭାବେ ସାଜସଜ୍ଜା କରାଯାଇଛି। ରବିବାର ଷଷ୍ଠୀ ସନ୍ଧ୍ୟାରେ ବେଲବରଣୀ ପୂଜା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ମହାବୀର ଛକ ପୂଜା କମିଟି ଚଳିତ ଥର ପୂଜା ସମୟରେ ପାଲା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବ ବୋଲି କମିଟିର କର୍ମକର୍ତ୍ତା ସୂଚନା ଦେବା ସହ ଓଡ଼ିଶାର ପାରମ୍ପାରିକ ପାଲା ସଂସ୍କୃତି ହଜିଯାଉଥିବାରୁ ଏହାକୁ ଉଜ୍ଜୀବତ ରଖିବା ଓ ଯୁବପିଢ଼ିଙ୍କର ମନରେ ପାଲା ସଂସ୍କୃତିକୁ ସୂଚେଇ ଦେବା ଉଦ୍ଦେଶ୍ୟରେ ମହାବୀର ଛକ ପୂଜା କମିଟି ପକ୍ଷରୁ ପାଲା ପରିବେଷଣ କରିବାକୁ ନିଷ୍ପତି ନେଇଛନ୍ତି।

# ବିଶ୍ୱ ବୈଜ୍ଞାନିକ ତାଲିକାରେ ଓଡ଼ିଆ ପୁଅ



**ବିଞ୍ଝାରପୁର, ୨୭।୯ (ସମିସ):** ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ହଳଦୀଡିହ ପଞ୍ଚାୟତ ଫଳପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ସାମଲ ଓ ନିରୋଦବାଳା ସାମଲଙ୍କ ପୁଅ ଡ.କୁନ୍ଦନ ସାମଲ ବିଞ୍ଝାରପୁର ମାଟି ପାଇଁ ଗୌରବ ଆଣିଛନ୍ତି। କୁନ୍ଦନ ନିଜର ଦକ୍ଷତା ବଳରେ ବିଶ୍ୱର ବୈଜ୍ଞାନିକ ତାଲିକାରେ ନିଜର ନାମ ସଂରକ୍ଷିତ କରିପାରିଛନ୍ତି। ସେ ସିଂହପୁର ୟୁପି ସ୍କୁଲରୁ ପାଠପଢ଼ା ଆରମ୍ଭ କରିଥିବା ବେଳେ ତୃତୀୟ, ପଞ୍ଚମ ଓ ସପ୍ତମ ଶ୍ରେଣୀରୀ ବୃତ୍ତି ପାଇଥିଲେ। ପରେ ସିଂହପୁର ହାଇସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରି ମାଟ୍ରିକ ପାସ କରିଥିଲେ। ଗେଟ ଏଣ୍ଟ୍ରାନ୍ସରେ ସଫଳତା ପାଇ ତାମିଲନାଡୁର ତିରୁଚିନାପଲ୍ଲୀ ଏନ୍‌ଆଇଟିରେ ଏମ୍‌ଟେକ ଓ ଆଇଆଇଟି ଭୁବନେଶ୍ୱରରୁ ପିଏଚଡି କରି ୨୦୧୯ ମସିହାରୁ କିଟ୍‌ରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟ କରିବାସହ ବିଭିନ୍ନ କ୍ଷେତ୍ରରେ ଗବେଷଣା କରୁଛନ୍ତି। କୁନ୍ଦନଙ୍କ ଗବେଷଣାକୁ ନେଇ ଆମେରିକାର ଷ୍ଟାନଫୋର୍ଡ ୟୁନିଭରସିଟି ତାଙ୍କୁ ବିଶ୍ୱର ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ ଚୟନ କରିଛି।

# ଓସିଏସ୍ ପାଇଲେ ମୈତ୍ରୀ



**ଯାଜପୁର, ୨୭।୯ (ସମିସ):** ଯାଜପୁର ବ୍ଲକ ଜାହାନପୁର ପଞ୍ଚାୟତ କପିଳେଶ୍ୱର ଗ୍ରାମର ବିବେକାନନ୍ଦ ମହାନ୍ତିଙ୍କ ଝିଅ ମୈତ୍ରୀ ମହାନ୍ତି ଚଳିତ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାରେ ୭୦ତମ ର୍‌ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ମୈତ୍ରୀଙ୍କୁ ଏଥିପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ମୈତ୍ରୀ ମହାନ୍ତି ହେଉଛନ୍ତି ଜଣାଶୁଣା ଡାକ୍ତର ନନ୍ଦକିଶୋର ମହାନ୍ତିଙ୍କର ଝିଆରୀ।

# ଅଭିଗ୍ନା ପାଇଲେ ଓସିଏସ୍



**ଦଶରଥପୁର, ୨୭।୯ (ସମିସ):** ଦଶରଥପୁର ବ୍ଲକ ଗ୍ରାମ ନନ୍ଦିପୁର୍ ପଞ୍ଚାୟତ ଚଣ୍ଡିଗୋଳ ଗ୍ରାମର ସ୍ୱଦେଶ ଓ ସ୍ୱର୍ଣ୍ଣପ୍ରଭା ଖୁଣ୍ଟିଆଙ୍କ କନ୍ୟା ଅଭିଗ୍ନା ଖୁଣ୍ଟିଆ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଭିଗ୍ନା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ଉଦ୍ୟାନ କୃଷିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ପ୍ରଶାସନିକ ସେବାରେ ଯୋଗ ଦେବା ପାଇଁ ମନସ୍ଥ କରିଥିଲେ। ତୃତୀୟ ପ୍ରୟାସରେ ସେ ଏହି ସଫଳତା ପାଇଛନ୍ତି।

# ଆର୍‌ଏସ୍‌ଏସ୍ ବ୍ରହ୍ମବରଦା ମଣ୍ଡଳ ଶାଖା ଉଦ୍‌ଘାଟିତ

**ବ୍ରହ୍ମବରଦା, ୨୭।୯ (ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଯାଜପୁର ଜିଲ୍ଲାର ଶ୍ରୀରାମପୁର ଖଣ୍ଡ ବ୍ରହ୍ମବରଦା ମଣ୍ଡଳର ଉଦ୍‌ଘାଟନ କାର୍ଯ୍ୟକ୍ରମ ଆଜି ଗୋପିନାଥ ମନ୍ଦିର, ଛେନାଖିଆ ପାଟଣା ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ରାଉତ ମହୋଦୟ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଅକ୍ଷୟ କୁମାର ପଣ୍ଡା ଯୋଗ, ସହ ଜିଲ୍ଲା କାର୍ଯ୍ୟବାହ ସନ୍ଦୀପ କୁମାର ବିଶ୍ୱାଳ ଯୋଗଦେଇଥିଲେ। ଏଥିରେ ବ୍ରହ୍ମବରଦା ମଣ୍ଡଳର ୪ଟି ପଞ୍ଚାୟତର ୭ଟି ଗ୍ରାମର ୨ଟି ଶାଖାରୁ ୪୦ ଜଣ ସ୍ୱୟଂସେବକ ଯୋଗ ଦେଇଥିଲେ। ମଣ୍ଡଳ କାର୍ଯ୍ୟବାହ ବାସୁଦେବ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମଣ୍ଡଳର କାର୍ଯ୍ୟକର୍ତ୍ତା ସନାତନ ମଣ୍ଡଳ, ଅନିଲ ରାଉତ, ପ୍ରଫୁଲ୍ଲ ଗିରି, ପ୍ରଦୀପ ଦାସ, ସାଇ ମୃତ୍ୟୁଞ୍ଜୟ, ଚିତ୍ତରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ। ସୁବ୍ରତ ସାହୁ ମୁଖ୍ୟ ଶିକ୍ଷକ କାର୍ଯ୍ୟ ତୁଲାଇଥିଲେ।

# ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା



**ଯାଜପୁର, ୨୭।୯ (ସମିସ):** ଯାଜପୁର ଜିଲ୍ଲା କଂଗ୍ରେସର ନୂତନ ସଭାପତି ମାଗୁଣି ଯେନା ଯାଜପୁର ଗସ୍ତରେ ଆସିଥିବା ବେଳେ ତାଙ୍କୁ ଏକ ଶୋଭାଯାତ୍ରାରେ ନିଆଯାଇଥିଲା। ସେ ଗାନ୍ଧିଜୀ ଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଶୋଭା ଯାତ୍ରାରେ ଉପସ୍ଥିତ ବରିଷ୍ଠ ନେତା ଯାଜପୁର ବ୍ଲକ ସଭାପତି ଗଦାଧର ଦାସ, ଦଳିତ ସେଲର ସଭାପତି ଦୁର୍ଯ୍ୟୋଧନ ବେହେରା, କିସାନ ପଣ୍ଡା, କନକଲତା ମଲ୍ଲିକ, ହରି ସାହୁ, ସଂଗ୍ରାମ ସାହାଣୀ, ଅବଦୁଲ ସଲିମ୍, ବିଦ୍ୟାଧର ବାରିକ, ରଘୁନାଥ ସାହୁ, କୁମାର ଆଶୁତୋଷ, ସମୀର ନାୟକ, ବିଦ୍ୟାଧର ଯେନା, ଦିଲ୍ଲୀପ ଯେନା, ଶ୍ରୀକାନ୍ତ ମଲ୍ଲିକ, କାଲୁଆ ରାଉତ, ସୁଶାନ୍ତ ମିଶ୍ର, ଅନୁପ ମଲ୍ଲିକ, ଅଶୋକ ସେଠୀ, ଅକ୍ଷୟ ଯେନା, ଶେଖ୍ ରୋପ୍ ଚାଚା, ଦଶୁଆ ଯେନା, ସିକନ୍ଦର ଖାନ୍, ଅନନ୍ତ ଯେନା, ଗୋବିନ୍ଦ ସାହୁ, ବିଜୟ କୁମାର ମହାପାତ୍ର ଯୋଗ ଦେଇଥିଲେ।

## ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ରାଜପଥ
# ବିପଦରେ ବୁଲା ଗାଈଗୋରୁ



**ବାରିକପୁର, ୨୭।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ଏବେ ଦୁର୍ଘଟଣା ଆଶଙ୍କା ଦେଖାଦେଇଛି। ଏମିତିର ତ ରାସ୍ତାର ଅବସ୍ଥା ଠିକ୍ ନଥିବା ଯୋଗୁଁ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଛି। ସୂଚନା ମୁତାବକ, ରାସ୍ତାର ଆଖୁଆପଦାଠାରୁ ନଳାଙ୍ଗ ଯାଏଁ ଦୁଇ ପାର୍ଶ୍ୱରେ ବ୍ୟାପକ ଚାଷ ଜମି ରହିଛି। ଏବେ ସବୁଠି କ୍ଷେତ ସବୁଜମୟ ହୋଇଛି। ଏହାଛଡ଼ା ରାସ୍ତା ଦୁଇ ପାଖରେ ମଧ୍ୟ ବ୍ୟାପକ ସବୁଜ ଘାସ ରହିଛି। ତେଣୁ ଗାଈଗୋରୁ ଓ ଷଣ୍ଢମାନେ ରାସ୍ତା ପାର୍ଶ୍ୱରେ ଲାଗିଥିବା ଚାଷ ଜମି ଓ ଘାସ ଥିବା ସ୍ଥାନରେ ଚାରଣ କରି ସିଧା ରାଜପଥ ଉପରେ ଘଣ୍ଟା ଘଣ୍ଟା ଧରି ଶୋଇ ରହୁଛନ୍ତି। ରାସ୍ତାର ଛତାବର, ଡାହାଲା, ଭଣ୍ଡାରିପୋଖରୀ, ଧାମନଗର ଛକ, ବୋହୁ ଦରଡା, କହରାପୋଖରୀ, ବିଷ୍ଣୁପୁର ପ୍ରମୁଖ ସ୍ଥାନରେ ଦୈନିକ ଶହଶହ ଗାଈଗୋରୁ ଶୋଇ ରହୁଥିବା ଦେଖାଯାଇଛି। ଏଥିପାଇଁ ଗାଡିମଟର ଚଳାଚଳ ପାଇଁ ଅନେକ ବ୍ୟାଘାତ ସୃଷ୍ଟି ହେଉଛି। ଦିନଠାରୁ ରାତିରେ ବେଶି ଅସୁବିଧା ହେଉଛି। ଏଥିପାଇଁ କିଛି ସ୍ଥାନରେ ଦୁର୍ଘଟଣା ମଧ୍ୟ ଘଟିଲାଣି। ଅନେକ ଗୋମାତା ମଧ୍ୟ ମୃତ୍ୟୁ ମୁଖରେ ପଡୁଛନ୍ତି। ସୁରକ୍ଷିତ ଭାବେ ଯାନବାହନ ଚଳପ୍ରଚଳ କରିବା କଷ୍ଟକର ହୋଇପଡୁଛି। ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା କୌଣସି ଦୃଷ୍ଟି ଦେଉନାହିଁ। ଏପରିକି ଗାଈଗୋରୁଙ୍କୁ ଘୋଉଡାଇବା ବ୍ୟବସ୍ଥା ମଧ୍ୟ ହେଉନାହିଁ। ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜିବୀ ମହଲରେ ଦାବି ହୋଇଛି।

## ଅଭିଯୁକ୍ତର ପତ୍ନୀଙ୍କୁ ଆକ୍ରମଣ ଓ ମାଡ଼ ମାମଲା
# କାଳିଆପାଣି ଥାନାରେ ତଦନ୍ତ କଲେ ଡିଏସ୍‌ପି

**କାଳିଆପାଣି, ୨୭।୯ (ସମିସ) :** କାଳିଆପାଣି ଥାନା ଓଡ଼ିଶା ଖଣି ନିଗମ (ଓଏମ୍‌ସି) କାଳିଆପାଣି କଲୋନୀସ୍ଥିତ ସୁକିନ୍ଦା ରିଜିଅନ କ୍ରୋମାଇଟ୍ ଖାଦାନ ମଜଦୁର ସଂଘ (ଏସ୍‌ଆର୍‌ସିକେଏମ୍‌ଏସ୍) ର ଟାଉନସିପ ଶାଖା ଅଫିସରେ ଗତ ଜୁନ ମାସ ୨୩ ତାରିଖରେ ହିଂସାକାଣ୍ଡ ଓ ଆତଙ୍କରାଜ ଦେଖିବାକୁ ମିଳିଥିଲା। ଏହି ଘଟଣାରେ ୨ ହିଂସାକାଣ୍ଡ ଓ ଆତଙ୍କରାଜ ଘଟଣାରେ ଅଭିଯୁକ୍ତ କାଳିଆପାଣି ପୋଡ଼ାହଟିଂର ଲକ୍ଷ୍ମୀଧର ମୁଣ୍ଡା ଓ କାଟେପୁର୍ତ୍ତିନଗର ବସ୍ତିର ବିଶାଳ ମୁର୍ମୁକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ସେହିପରି ପ୍ରତିପକ୍ଷ ୱାର୍କର୍ସ ୟୁନିଅନ୍ ପକ୍ଷରୁ ଥାନାରେ ଶ୍ରମିକସଂଘର ଛାମୁଆଁ କର୍ମକର୍ତ୍ତାଙ୍କ ବିରୁଦ୍ଧରେ ପାଲଟା ମାମଲା ରୁଜୁ ହୋଇଥିଲା। ଦିନକ ପରେ ଅଭିଯୁକ୍ତ ଲକ୍ଷ୍ମୀଧର ମୁଣ୍ଡାଙ୍କ ପତ୍ନୀ ସରସ୍ୱତୀ ମୁଣ୍ଡାଙ୍କ ପକ୍ଷରୁ ଏସ୍‌ଆର୍‌ସିକେଏମ୍‌ଏସ୍‌ର ସ୍ଥାନୀୟ ମୁଖ୍ୟ, ଛାମୁଆଁ କର୍ମକର୍ତ୍ତା ଓ ନିର୍ବାଚିତ ଜନପ୍ରତିନିଧିଙ୍କୁ ମିଶାଇ ୨୩ ଜଣ ବ୍ୟକ୍ତିଙ୍କ ବିରୁଦ୍ଧରେ ଥାନାରେ ଏତଲା ଦିଆଯାଇଥିଲା। ଉଦ୍ଦେଶ୍ୟମୂଳକ ଭାବେ ଏକାଧିକ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଅଭିଯୁକ୍ତ ତାଲିକାଭୁକ୍ତ କରାଇବା ସହ ସେମାନଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତାର ୧୫ ଗୋଟି ଦଫା ଲଗା ଯାଇଥିଲା। ଏହାକୁ ନେଇ

**ସମସ୍ତ ୨୩ ଅଭିଯୁକ୍ତଙ୍କୁ ଥାନାରୁ ମିଳିଲା ଜାମିନ**

ଖଣିଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ କାଇଥିଲା। ପରିସ୍ଥିତି ଏମିତି ହୋଇଥିଲା ଯେ, ପୁଲିସ କାହାକୁ ଗିରଫ କରିବା ଦୂରେଥାଉ ଅଭିଯୁକ୍ତ ତାଲିକାଭୁକ୍ତ କୌଣସି ବ୍ୟକ୍ତିଙ୍କ ଘରେ ଚଢ଼ଉ କରିବାକୁ ବି ସାହସ ଜୁଟାଇ ପାରିନଥିଲା। ଥାନା ଅଧିକାରୀ ଓ ପୁଲିସ୍ ବିରୁଦ୍ଧରେ ସାମାଜିକ ଗଣମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏଥିରେ ପୁଲିସ ପ୍ରତିହିଂସା ପରାୟଣ ହୋଇ ଜୁନ ୨୭ ତାରିଖରେ ବିଜେଡି ସୋସିଆଲ୍ ମିଡିଆ ସଂଯୋଜକ ସିଦ୍ଧାନ୍ତ ବେହେରାଙ୍କୁ ଘରୁ ଉଠାଇଆଣି ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ପ୍ରତିବାଦରେ ସେଦିନ ଜିଲ୍ଲା ପରିଷଦ ସଭ୍ୟା ଜେମା ଟାଖି, ଗାଁସୋଳ ସରପଞ୍ଚ କନକଲତା ସର୍ଦ୍ଦାର ଓ ସିଦ୍ଧାନ୍ତଙ୍କ ମାଆ ଥାନା ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ପରଦିନ ପୁଲିସର ଦମନଲୀଳା ପ୍ରତିବାଦରେ ପୂର୍ବତନ ମନ୍ତ୍ରୀ ଇଂ.ପ୍ରୀତିରଞ୍ଜନ ଘଡ଼ାଇଙ୍କ ନେତୃତ୍ୱରେ ଶହଶହ ବିଜେଡି କର୍ମୀ ପାଣିକୋଇଲି ପହଞ୍ଚି ଏସ୍‌ପି ଅଫିସ ଘେରଉ କରିଥିଲେ। ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମର ୩ ମାସ ପରେ ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ରତିକାନ୍ତ ଗିରି ଆଜି କାଳିଆପାଣି ଥାନାକୁ ଆସି ମାମଲାର ତଦନ୍ତ କରିବା ସହ ସମସ୍ତ ୨୩ ଜଣ ବ୍ୟକ୍ତିଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ। ସମସ୍ତଙ୍କୁ ବିଏନ୍‌ଏସ୍ ୩୫ ଆଧାରରେ ଥାନାରୁ ଜାମିନ ମିଳିଥିବା ସୂଚନା ମିଳିଛି।

# ଯାଜପୁର ଜିଲ୍ଲାରେ ଓଟିଇଟି ପରୀକ୍ଷା ଶେଷ

**ଯାଜପୁର, ୨୭।୯ (ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ସ୍ପେଶାଲ ଓଡ଼ିଶା ଟିଚର ଇଲିଜିବୁଲ ଟେଷ୍ଟ ଯାଜପୁର ଜିଲ୍ଲାର ୮ଟି ପରୀକ୍ଷା କେନ୍ଦ୍ରରେ ଶୃଙ୍ଖଳାର ସହ ସମାପ୍ତ ହୋଇଛି। ଯାଜପୁର ମ୍ୟୁନିସିପାଲିଟି ଅନ୍ତର୍ଗତ ଜିଲ୍ଲା ସ୍କୁଲ, ବିରଜା ହାଇସ୍କୁଲ, ମ୍ୟୁନସିପାଲ ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୈଷ୍ଣବ ଦତ୍ତ ହାଇସ୍କୁଲ, ହରିସାମନ୍ତ ହାଇସ୍କୁଲ, ସରସ୍ୱତୀ ବିଦ୍ୟାମନ୍ଦିର ଓ ଉପେନ୍ଦ୍ର କୁମାର ହାଇସ୍କୁଲରେ ପରୀକ୍ଷା କେନ୍ଦ୍ରମାନ ହୋଇଥିଲା। ଉକ୍ତ ବିଦ୍ୟାଳୟ ଗୁଡିକ ମଧ୍ୟରୁ କେବଳ ୪ଟି ପରୀକ୍ଷା କେନ୍ଦ୍ରରେ ପ୍ରଥମ ସିଟିଂରେ ପ୍ରଥମ ପତ୍ର ଅନୁଷ୍ଠିତ ହୋଇଥିଲା ବେଳେ ସମସ୍ତ ୮ଟି ପରୀକ୍ଷା କେନ୍ଦ୍ରରେ ଦ୍ୱତୀୟ ସିଟିଂରେ ଦ୍ୱିତୀୟ ପତ୍ରର ପରୀକ୍ଷା ହୋଇଥିଲା। ପ୍ରଥମ ପତ୍ରରେ ୯୭୭ ଜଣ ଆଶାୟୀ ଥିଲା ବେଳେ ୫୪ ଜଣ ଅନୁପସ୍ଥିତ ଥିଲେ। ସେହିପରି ଦ୍ୱିତୀୟ ପତ୍ରରେ ୧୭୦୦ ଜଣ ଆଶାୟୀ ଥିଲା ବେଳେ ୫୩ ଜଣ ଅନୁପସ୍ଥିତ ଥିଲେ। ଯାଜପୁର ଜିଲ୍ଲାପାଳଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଆରକ୍ଷୀଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଦୁଇ ଅତିରିକ୍ତ ଜିଲ୍ଲାପାଳ, ଯାଜପୁର ସଦର ଆଇଆଇସି, ଅତିରିକ୍ତ ତହସିଲଦାର, ଜିଲ୍ଲା ସ୍ପୋର୍ଟ୍ସ ଅଫିସର, ଜିଲ୍ଲା ଶିକ୍ଷାଧିକାରୀ, ଦୁଇ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ସମସ୍ତ ମଣ୍ଡଳ ଶିକ୍ଷାଧିକାରୀ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀମାନେ ବିଭିନ୍ନ ପରୀକ୍ଷା କେନ୍ଦ୍ରର ଦାୟିତ୍ୱରେ ଥିଲେ। ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ଶ୍ରେଣୀମାନଙ୍କରେ ଶିକ୍ଷାଦାନ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ପରୀକ୍ଷା ଦେଇଥିଲେ। ୮ଟି କେନ୍ଦ୍ରରେ ୮ ଜଣ କେନ୍ଦ୍ର ନିରୀକ୍ଷକଙ୍କ ସହ ୮ ଜଣ ଅବଜରଭର ନିଯୁକ୍ତି ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଓ ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର ବୁଲି ପରୀକ୍ଷାର ଶୃଙ୍ଖଳାକୁ ତଦାରଖ କରିଥିଲେ। ମାଧ୍ୟମିକ ଶିକ୍ଷା ପରିଷଦର ଅଧିକାରୀମାନଙ୍କୁ ସମୟାନୁକ୍ରମେ ଆବଶ୍ୟକ ତଥ୍ୟ ପ୍ରଦାନ କରାଯାଇଥିଲା।

## ପାର୍ବଣର ଫାଇଦା ଉଠାଉଛନ୍ତି ମାଫିଆ
# ଗ୍ରାମାଞ୍ଚଳରେ ବଢ଼ି ଚାଲିଛି ନିଶା କାରବାର

**ଯାଜପୁର/ବ୍ରହ୍ମବରଦା, ୨୭।୯ (ସମିସ)**

ଏବେ ଚାଲିଛି ପାର୍ବଣ ଋତ। ଏଥିପାଇଁ ସବୁଆଡେ ଉତ୍ସବର ମାହୋଲ। ଏହି ମାହୋଲରେ ଫାଇଦା ଉଠାଇବା ପାଇଁ ନିଶା ବ୍ୟବସାୟୀ ପୂରାଦମରେ ଲାଗିପଡ଼ିଛନ୍ତି। ନିଶା ନିବାରଣ ପାଇଁ ସରକାରଙ୍କ ପକ୍ଷରୁ ଯେତେ ସଚେତନତା କାର୍ଯ୍ୟକ୍ରମ କରାଗଲେ ମଧ୍ୟ କିଛିବି କାମ ଦେଉଥିବା ଦେଖିବାକୁ ମିଳିଛି। ସହର ଠାରୁ ଏବେ ଗ୍ରାମାଞ୍ଚଳରେ ଏହାର କାରବାର ବଢ଼ିବାରେ ଲାଗିଥିବା ଦେଖିବାକୁ ମିଳିଛି। ଅବକାରୀ ବିଭାଗର ଦୁର୍ବଳତା ଯୋଗୁଁ ଦିନକୁ ଦିନ ବଢ଼ିଚାଲିଛି ନିଶା କାରବାର। କୁଆଖିଆ ଥାନା ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତରେ ଖୁଲମ ଖୁଲା ନିଶା କାରବାର ଚାଲିଛି। ମୂଳାପାଳ ଛକ, ମଙ୍ଗଳା ମନ୍ଦିର ଛକ, ଗଙ୍ଗାଧରପୁର ଖେଳପଡ଼ିଆ ବରଗଛ ଗୋଚର ପଡ଼ିଆ ଅଞ୍ଚଳରେ ସଞ୍ଜ ନଇଁଲେ ପସରା ମେଲାଏ ନିଶାବେପାର। ଦେଶୀ ମଦ, ଗଞ୍ଜେଇ, ବ୍ରାଉନସୁଗର ଭଳି ମାରାତ୍ମକ ନିଶା ଦ୍ରବ୍ୟରେ ଖୁଲମଖୁଲ୍ଲା ମସଗୁଲ ଏଅଞ୍ଚଳର ଯୁବଗୋଷ୍ଠୀ। ସିଗାରେଟ ଗୋଟା ୧୦୦କୁ ମୋଟାବିଡ଼ି ଗୋଟା ୧୦ଟଙ୍କା ଏବଂ ଭୋଗ ପୁଡ଼ିଆ ୨୦ଟଙ୍କାରେ ବିକ୍ରି ହେଉଛି। ଯାହାଫଳରେ ଅତି ସହଜରେ ନିଶାଦ୍ରବ୍ୟ ଉପଲବ୍ଧ ହୋଇପାରୁଥିବାରୁ ଶିକ୍ଷିତ ଯୁବକ, ଦିନ ମଜୁରିଆଙ୍କ ସହ ନାବାଳକମାନେ ମଧ୍ୟ ଏହି ନିଶାର ଶିକାର ହେଉଛନ୍ତି। ନିଶା ସେବନ ପାଇଁ ଯୁବକ ମାନେ ଭିଆଉଛନ୍ତି ଅସାମାଜିକ କାର୍ଯ୍ୟ।

କୁଆଖିଆ ପୁଲିସର ନାଇଟ୍ ପାଟ୍ରୋଲିଂର ଅଭାବ ଯୋଗୁଁ ପଞ୍ଚାୟତରେ ବେଧଡ଼କ ଭାବେ ଚାଲିଛି ନିଶା କାରବାର। ଯଦି ଏହି ଧଳା ଜହର କାରବାର ରୋକାନଯାଏ ତେବେ ଶହ ଶହ ପରିବାର ନିଶା ସେବନ କରି ନଷ୍ଟ ହୋଇଯିବେ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ଧଳା ଜହରର



ବେପାର ବୃଦ୍ଧିପାଇବ ବୋଲି ଆଶଙ୍କା କରାଯାଉଛି। ସୂଚନା ଥାଉକି ରାଜେନ୍ଦ୍ରପୁର, ବ୍ରହ୍ମବରଦା, ବନ୍ଧଡ଼ିହ, ସାହାପଡ଼ା, ଝାଲପଡ଼ା, ଅର୍ଥଙ୍ଗା, ମଙ୍ଗରାଜପୁର, ରାଉତରାପୁର ଅଞ୍ଚଳରେ ବିନା ଲାଇସେନ୍ସରେ ଚାଲିଛି ଚୋରାମଦ ବ୍ୟପାର। ଚୋରା ମଦ, ଗଞ୍ଜେଇ, ବ୍ରାଉନସୁଗାର ଭଳି ମାରାତ୍ମକ ନିଶା ଖୁଲମ ଖୁଲ୍ଲାରେ ବିକ୍ରି ଚାଲିଛି। ବ୍ରହ୍ମବରଦାର ହାଟ, ବଜାର ଘାଟ ଛକ ନିକଟସ୍ଥ କିଛି ଦୋକାନ ରାତି ୧୨ରୁ ୨ ପର୍ଯ୍ୟନ୍ତ ଖୋଲାକରି ନିଶାଦ୍ରବ୍ୟ ବିକ୍ରୟ କରୁଛନ୍ତି। ବନ୍ଧଡ଼ିହ ପଞ୍ଚାୟତ ଜୟସିଙ୍ଘଡ଼ା ଗ୍ରାମର ଜନୈକ ଯୁବକ ବ୍ରହ୍ମବରଦା, ଚାନ୍ଦପୁର-ମହେଶ୍ୱରପୁର, କାକୁଡ଼ିକୁନ୍ଦ, ବଡ଼ବାଲିକୁନ୍ଦା, ଅରାବଳ ଓ ବରୁଆଁ ର କିଛି ଯୁବକମାନ ସାହାଯ୍ୟରେ ଏହି ଧଳାଜହର ବ୍ୟପାର କରୁଅଛ, ଏଥିରେ ବ୍ରହ୍ମବରଦା ଅଞ୍ଚଳର ସ୍ଥାନୀୟ ଯୁବ ବ୍ୟବସାୟୀ ଏହି ଧଳା ଜହର ବ୍ୟପାରର ମାଷ୍ଟମ ମାଇଣ୍ଡ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ବିଶେଷ କରି ବିଳମ୍ବିତ ରାତିରେ ଏହି ବ୍ୟବସାୟ ହାଟ ଭିତରେ ହେଉଛି। ଏଭଳି ଖୁଲମଖୁଲା ନିଶା କାରବାରକୁ ରୋକିବା ପାଇଁ ଉଭୟ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ଦାବି ହେଉଛି।

## ବିପୁଳ ପରିମାଣର ଗଞ୍ଜେଇ ଜବତ; ମହିଳା ଗିରଫ

ବାରିପଦା, ୨୭।୯(ସମିସ): ବାରିପଦା ଅବକାରୀ ଉପ-ଅଧିକ୍ଷକ ତପସ୍ୱିନୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାରିପଦା ସଦର ଅବକାରୀ ନିରୀକ୍ଷକ ସ୍ୱପ୍ନାରାଣୀ ସାହୁ ଏବଂ ବାରିପଦା ସଦର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଭଞ୍ଜପୁର ଥାନା ଅନ୍ତର୍ଗତ ଷ୍ଟାଡିୟମ ଗୋଲେଇ ଛକ ନିକଟରେ ଚଢ଼ଉ କରାଯାଇ ୨ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବୁଢାମରା ଗ୍ରାମର ଶକୁନ୍ତଳା ଗୋଛାୟତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଚଢ଼ଉରେ ଦେଉଳି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ, ମୋରଡା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ରାଉତ, ସଦର ସହ ଉପନିରୀକ୍ଷକ ପ୍ରହଲ୍ଲାଦ ବିଶ୍ୱାଳ, କନେଷ୍ଟବଳ ରଜନୀକାନ୍ତ ବେହେରା, ଦିବ୍ୟାଂଶୁ ପଣ୍ଡା, ଦେବରାଜ ସାହୁ, ସମୀର ରଞ୍ଜନ ଜେନା, ସବିତା ମହନ୍ତ, ପ୍ରଭାତୀ ମଲ୍ଲ ପ୍ରମୁଖ ସାମିଲ ଥିଲେ। ଏନେଇ ବାରିପଦା ସଦର ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି।

## ନୂଆ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ଶୁଭେଚ୍ଛା

ଠାକୁରମୁଣ୍ଡା, ୨୭।୯ (ସମିସ): ପଶ୍ଚିମ ମୟୂରଭଞ୍ଜ କଂଗ୍ରେସର ନୂତନ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କୁ ଠାକୁରମୁଣ୍ଡା ବ୍ଲକ କଂଗ୍ରେସ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂଗଠନ ମାଧ୍ୟମରେ ପ୍ରତ୍ୟେକ କଂଗ୍ରେସ କର୍ମୀ,, ବୁଦ୍ଧିଜୀବୀ ଲୋକଙ୍କ ମତାମତ ସଂଗ୍ରହକରି ଭୂବନ ବିହାରୀ ସାହୁଙ୍କୁ ପୁର୍ନବାର ଏଆଇସିସି ପଶ୍ଚିମ ମୟୂରଭଞ୍ଜ ସଭାପତି ଭାବରେ ରାଜ୍ୟ ସଭାପତି ହୋଇଥିବାରୁ ଠାକୁରମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ରବିନ୍ଦ୍ର ତ୍ରିପାଠୀ, ଜବାମଣୀ ଟୁଡୁ, ପ୍ରକାଶ ନାଏକ, କାଶୀନାଥ ବାଇଁସିଆ ପ୍ରମୁଖ ପିସିସି ସଭାପତି ଭକ୍ତ ଦାସ, ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପ୍ରଭାରୀ ନିତିନ କୁମ୍ଭାଲକରଙ୍କୁ ଧନ୍ୟବାଦ ଦେଇଛନ୍ତି।

## ସିକଲ୍ ସେଲ ଚିହ୍ନଟ ଶିବିର



ଶରତ,୨୭।୯(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଆଶାକର୍ମୀ ରମଣୀ ପାତ୍ର ଏବଂ ଏଏନଏମ ପ୍ରିୟଦର୍ଶିନୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ରକ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ପର୍ଯ୍ୟାୟରେ ୬୮ ଜଣ ଛାତ୍ରୀଙ୍କଠାରୁ ସିକ୍‌ଲ ସେଲ ଚିହ୍ନଟ ପାଇଁ ନମୁନା ସଂଗ୍ରହ କରାଯାଇଥିଲା। ପରେ ହିମୋଗ୍ଲୋବିନ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ରେବତୀ ସିଂ ସ୍ୱାଗତିକା ମହାନ୍ତି ପରିଚାଳନା କରାଇଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଓପିଏସ୍ ପରୀକ୍ଷାରେ ୨୧୯ ସ୍ଥାନରେ ଲୋହିତ ମହାନ୍ତ

କରଞ୍ଜିଆ/ଖୁଣ୍ଟିଂ,୨୭।୯(ସମିସ): ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲା ଶୁକୁଳି ବ୍ଲକ ଅର୍ଜୁନବିଲ୍ଲା ପଞ୍ଚାୟତ ଅନ୍ତର୍ଗତ ଆଦିପୁର ଗ୍ରାମର ଲୋହିତ କୁମାର ମହାନ୍ତ ୨୧୯ ସ୍ଥାନରେ ରହି ଅଞ୍ଚଳ ତଥା ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି। ବାପା ରତ୍ନାକର ମହାନ୍ତ ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ମାଆ ଜୟନ୍ତୀ ମହାନ୍ତ ଖଜୁରୀ ସାଗର (କରଞ୍ଜିଆ) ସରକାରୀ ହାଇସ୍କୁଲରେ ସହକାରୀ ଶିକ୍ଷୟିତ୍ରୀ। ଲୋହିତ ପ୍ରାଥମିକ ଶିକ୍ଷା ନିୟୁକ୍ତି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶେଷ କରିବା ପରେ କରଞ୍ଜିଆ ସରକାରୀ ହାଇସ୍କୁଲ, ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଓ ଶେଷରେ ରରକୀ ଆଇଆଇଟିର ଭୂତତ୍ତ୍ୱ ବିଭାଗରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଉଲ୍ଲେଖନୀୟ ଯେ, କେବଳ ସରକାରୀ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରି ଲୋହିତ କୁମାର ଏହି ଅନନ୍ୟ ସଫଳତା ପାଇଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା ସାଉଁଟିଛନ୍ତି।



### ଚାକଡି ଗାଁରେ ଦାଶାୟଁ ନାଚ ଓ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

# ଭୁଆଙ୍ଗ ଓ ଘଣ୍ଟର ତାଳେ ତାଳେ ନାଚିଲେ ଆଦିବାସୀ

ବହଳଦା,୨୭।୯(ସମିସ)



ତିରିଂ ବ୍ଲକ ଅନ୍ତର୍ଗତ ପଡାଚାକଡି ଗ୍ରାମରେ ସାର ସାଗୁନ୍ ସାରନା ସେମଲେଦ୍ ସଂଗଠନ ପକ୍ଷରୁ ୪୩ତମ ବାର୍ଷିକ ଦାଶାୟଁ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ଆଦିବାସୀ ସାନ୍ତାଳ ସଂପ୍ରଦାୟର ବହୁ ପୁରାତନ ଲୋକନୃତ୍ୟ ମଧ୍ୟରୁ ଅନ୍ୟତମ। ପରମ୍ପରା ଅନୁସାରେ ବିଭିନ୍ନ ପୂଜା, ପର୍ବପର୍ବାଣୀ ସମୟରେ ବିଭିନ୍ନ ପ୍ରକାରର ପାରମ୍ପିକ ନୃତ୍ୟ ରହିଛି। ସାନ୍ତାଳୀ ସାମ୍ପ୍ରଦାୟର ଲୋକେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି। ଋତୁ ଅନୁଯାୟୀ ପାଳନ ହୁଏ ଏହି ପର୍ବ। ଆଉ ପର୍ବ ଅନୁଯାୟୀ ଅନୁଷ୍ଠିତ ହୋଇଥାଏ ସ୍ୱତନ୍ତ୍ର ବାଦ୍ୟର ତାଳ ଓ ନୃତ୍ୟ ଶୈଳୀ। ବର୍ଷତମାମ ପର୍ବପର୍ବାଣିରେ ଅନେକ ପ୍ରକାର ପାରମ୍ପରିକ ନୃତ୍ୟ ଦେଖିବାକୁ ମିଳେ। ଆଶ୍ୱିନ ମାସର ଅମାବାସ୍ୟା ଦିନଠାରୁ ସାତ ଦିନ ଧରି ଦାଶାୟଁ ନାଚିବାର ପରମ୍ପରା ରହିଛି। ପୂର୍ବରୁ ସାନ୍ତାଳମାନେ ଗାଁ ଗାଁ ବୁଲି ନାଚି ଗାଇ ନିଜ ପରମ୍ପରାକୁ ବଞ୍ଚାଇ ରଖିଥିଲେ। ପୁରୁଷଙ୍କ ଦ୍ୱାରା ଦାଶାୟଁ ନାଚ ଅନୁଷ୍ଠିତ ହେଉଥିବାବେଳେ ଦାସାଇଁ ନାଚ ଦଳର ସାଜସଜ୍ଜା ନିଆରା, ମୁଣ୍ଡରେ ପଗଡି ବାନ୍ଧି ମୟୂରଚୂଳ ଲଗାଇ ନାଚିବା ଦୃଶ୍ୟ ବେଶ ଆକର୍ଷଣୀୟ। ବାଉଁଶରେ ତିଆରି ଭୁଆଙ୍ଗ ଏବଂ ଘଣ୍ଟର ତାଳେ ତାଳେ ନାଚିବା ଦର୍ଶକଙ୍କ ମନ ମୋହିଥାଏ। ପୂର୍ବରୁ ପାଛିଆ ଧରି ଗାଁ ଗାଁ ବୁଲି ନାଚିବା ସହ ଚାଉଳ ଏବଂ ଧାନ ସଂଗ୍ରହ କରିବାର ପରମ୍ପରା ରହିଥିଲା; ଯାହାକି ଧୀର ଧୀରେ ଏବେ ଲୋପ ପାଇବାକୁ ବସିଲାଣି। ହଜି ଯାଉଥିବା ପରମ୍ପରାକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ଏହି ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ 'ସାର ସାଗୁନ ସାରନା ସେମଲେଦ' ପଡାଚାକିଡି ସଂଘ ତରଫରୁ ଏହି ଦାସାଇଁ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଛି। ଏଠାରେ ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥାଏ। ଲାଖ ବିନ୍ଧା ପ୍ରତିଯୋଗିତା, ମହିଳାଙ୍କର ଖୋଲିଦନା ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଶ୍ରେଷ୍ଠ ନୃତ୍ୟ ପ୍ରଦର୍ଶନ କରିଥିବା ଦଳକୁ ପୁରସ୍କୃତ କରାଯାଇଥିଲା। ଦାଶାୟଁ ନାଚ ପ୍ରତିଯୋଗିତାର ସଭାପତି ବିନୋଦ ପାତ୍ର, ଉପସଭାପତି ପ୍ରଦୀପ ପାତ୍ର, ସଂପାଦକ କାହ୍ନୁଚରଣ ବେଶ୍ରା ଏବଂ ସହ ସଂପାଦକ ଦୁଃଖୁ ପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଦେଉଳିଆ ଦୁର୍ଗାପୂଜା ନବମୀରେ ନବକୁମାରୀ ପୂଜା





ବଡ଼ସାହି,୨୭।୯(ସମିସ)

ଚଳିତ ବର୍ଷ ବଡ଼ସାହି ବ୍ଲକ ଦେଉଳିଆ ଦୁର୍ଗା ପୂଜା ୨୬ ବର୍ଷ ପୂର୍ତ୍ତି ପାଳନ କରୁଛି। ଏଠାରେ ମା'ଙ୍କ ପୂଜା ଓ ବିଧିବିଧାନ ଆଦି ନିଆରା। ନବୀମର ନବକୁଆଁରୀ ପୂଜା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ଚଳିତ ବର୍ଷ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ୫ଲକ୍ଷ ପାଖାପାଖି ଟଙ୍କା ବଜେଟ ରହିଥିବା କମିଟି ସୂତ୍ରରୁ ପ୍ରକାଶ। ପୂଜା ମଣ୍ଡପକୁ ଆକର୍ଷଣୀୟ ତୋରଣ ଓ ଆଲୋକରେ ସଜାଯାଇଛି। ସେହିପରି ରାବଣ ପୋଡି ଏହି ପୂଜା ମହୋତ୍ସବକୁ ଦ୍ୱିଗୁଣିତ କରିବ। ଦଶମୀରେ ୧୦ହଜାରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମରେ ରାବଣ ପୋଡି ଉତ୍ସବ ବେଶ ଆକର୍ଷଣୀୟ ହେବ ବୋଲି କମିଟି ସୂତ୍ରରୁ ଜଣାପଡିଛି। ସେଥିପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ଓ ଆୟୋଜନ ଜୋରସୋରରେ ଚାଲିଛି। ଗତ ୨୦୦୦ ମସିହାରେ ଦେଉଳିଆ ପଞ୍ଚାୟତର ଡାକ୍ତରଖାନା ଛକରେ ଏହି ପୂଜା ଆରମ୍ଭ ହୋଇଥିଲା। ସଭାପତି ଭାବେ ବିଦ୍ୟାଧର ସଦୁଆଳ, ସଂପାଦକ ଭାବେ ଅଭୟ କୁମାର ମହାପାତ୍ର ଓ କୋଷାଧକ୍ଷ୍ୟ ଭାବେ ସ୍ୱର୍ଗତ ଭାସ୍କର ଚନ୍ଦ୍ର ବେହେରା କାର୍ଯ୍ୟ ତୁଲାଇଥିଲେ। ସ୍ୱର୍ଗତ ପ୍ରଭାକର ବେହେରା, ସ୍ୱର୍ଗତ ପ୍ରବୋଧ କୁମାର ମହାପାତ୍ର, ହାଡିବନ୍ଧୁ ମହାପାତ୍ର, ସନ୍ତୋଷ ବେହେରା, ଶୋଭାକର ଲେଙ୍କା ଓ କିଛି ବ୍ୟକ୍ତିଙ୍କ ସହଯୋଗରେ ଏକ ଝାଟିମାଟି ଭୁଗୁଡା ଘରୁ ଆରମ୍ଭ ହୋଇଥିଲା ମା'ଙ୍କ ପୂଜା। ଅଧ୍ୟାପକ ସରୋଜ କୁମାର ସଦୁଆଳ ୧୨ ଧରି ମା'ଙ୍କ ମୂର୍ତ୍ତି ଖର୍ଚ୍ଚ ବହନ କରିଥିଲେ। ତାଙ୍କ ବଡ଼ଭାଇ ବିନୋଦ କିଶୋର ସଦୁଆଳଙ୍କ ସହଯୋଗରେ ପ୍ରଥମବର୍ଷ ରାବଣପୋଡି ହୋଇଥିଲା। ବିଭିନ୍ନ ଅନୁଦାନରୁ ଯଦିଓ ମା'ଙ୍କ ମଣ୍ଡପ ନିର୍ମାଣ ହୋଇଛି ତାହା ଅଧପନ୍ତରିଆ ଅବସ୍ଥାରେ ପଡିରହିଛି। କିମିଟିର କିଛି ନିଜସ୍ୱ ପାଣ୍ଠି କିଛି ନାହିଁ ଗାଁ, ବ୍ୟକ୍ତି ବିଶେଷ ଚାନ୍ଦା ଓ ପଞ୍ଚାୟତ ପୋଖରୀରୁ ମିଳୁଥିବା ଅର୍ଥରାଶିରେ ଏହି ପୂଜା ଅନୁଷ୍ଠିତ ହୋଇଆସୁଛି। ବର୍ତ୍ତମାନ ଜୀବନ କୁମାର ବେହେରା ପ୍ରତିବର୍ଷ ମା'ଙ୍କ ମୂର୍ତ୍ତି ଖର୍ଚ୍ଚ ବହନ କରୁଥିବାର ଜଣାଯାଇଛି। ଚଳିତ ବର୍ଷ ୨୫ ବର୍ଷରେ ପଦାର୍ପଣ କରିଛି। ସେପ୍ଟେମ୍ବର ୨୮ ତାରିଖ ଷଷ୍ଠୀରେ ବିଲ୍ୱାଧିବାସ, ୨୯ ତାରିଖ ସପ୍ତମୀରେ ବୋଧନ, ବିଲ୍ୱଗ୍ରହଣ, ନିମନ୍ତ ଜଳଯାତ୍ରା ଓ ଘଟ ଆୟୋଜନ, ୩୦ତାରିଖ ଅଷ୍ଟମୀରେ ନିତ୍ୟ ପୂଜା, ସ୍ନାନ, ଉପଚାର, ଚଣ୍ଡିପାଠ, ହୋମ ଓ ସନ୍ଧିପୂଜା, ଅକ୍ଟୋବର ୧ତାରିଖ ନବମୀରେ ନବମୀ ପୂଜା ଓ ୨ତାରିଖ ଦଶମୀରେ ବିଜୟା ଦଶମୀ ପୂଜା ସହିତ ବଳୟ ଧାରଣ, ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହଥିବାର କମିଟିର ସଭାପତି ଶ୍ରୀ ସଦୁଆଳ ପ୍ରକାଶ କରିଛନ୍ତି।

## ଆବାସ ପାଇଁ ନୟାନ୍ତ ମାଳତୀ



ରାମଚନ୍ଦ୍ରପୁର,୨୭।୯(ସମିସ): ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନୂଆଗାଁର ବିଧବା ମାଳତୀ ସା ଆଜି ପର୍ଯ୍ୟନ୍ତ ଆବାସଟିଏ ପାଇ ପାରୁ ନଥିବା ବେଳେ ପରିବାର ପୋଷଣ କରିବା ମଧ୍ୟ କଷ୍ଟ ସାଧ୍ୟ ହେଉଥିବା କହିଛନ୍ତି। ତାଙ୍କ ବଡ଼ପୁଅ ବଳରାମ ସା ୮୫ ପ୍ରତିଶତ ଦିବ୍ୟାଙ୍ଗ, ମଝିଆଁ ବୋହୂ ବିଧବା, ନାତୁଣୀ ଏବଂ ସାନପୁଅକୁ ନେଇ ପରିବାର। ରହିବାକୁ ଭଲ ଘର ଖଣ୍ଡିଏ ନାହିଁ। ସରକାର ଅନ୍ତ୍ୟୋଦୟ ଗୃହ ଯୋଜନାକୁ ଶନିବାର ଡିଣ୍ଡିମ ପିଟିଥିବା ବେଳେ ମାଳତୀଙ୍କ ଅସହାୟ ପରିସ୍ଥିତି ପ୍ରତି ଆଖି ବୁଜି ଦେଇଛି ପ୍ରଶାସନ। ରାଜନୈତିକ ଅଭିସନ୍ଧି ରଖି ତାଲିକାରୁ ତାଙ୍କ ନାମକୁ କାଟି ଦେଉଥିବା କହିଛନ୍ତି ବଡ଼ପୁଅ ବଳରାମ। ମହେଶ୍ୱର ଦିନ ମଜୁରୀ କରି ଯାହା ରୋଜଗାର କରନ୍ତି। ମାଳତୀ, ସରୋଜିନୀ ଓ ବଳରାମଙ୍କ ସରକାରୀ ଭତ୍ତାରେ ଘର ଚଳିବା କଷ୍ଟସାଧ ହେଉଛି। ତାଙ୍କୁ ତୁରନ୍ତ ସରକାରୀ ଘର ଯୋଗାଇବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ହୋଟେଲରୁ ଚୋରି

ତୁରୁମୁଙ୍ଗା, ୨୭।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଧାନବେଣୀ ନଦୀକୂଳ ନିକଟରେ ଥିବା ଅନନ୍ତ ବଳିଆ ହୋଟେଲରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଛି। ୨୨୦ ନଂ ଜାତୀୟ ରାଜପଥ ଅନ୍ତର୍ଗତ ଧାନବେଣୀ ନିକଟରେ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଅନନ୍ତ ବଳିଆ ହୋଟେଲର ଆଜବେଷ୍ଟସ ଭାଙ୍ଗି କ୍ୟାମେରା ମନିଟର, ସିସିଟିଭି, ଇନଭର୍ଟର ଆଦି ଚୋରି ଅଭିଯୋଗ ହୋଇଛି। ଅଭିଯୋଗ ପରେ ପାଟଣା ଥାନା ଏଏସଆଇ ଧନେଶ୍ୱର ପାତ୍ର ଘଟଣାସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ କରିଛନ୍ତି।

## ଷଷ୍ଠ ଦିନରେ ଜିପିଏଲଏଫ୍ କର୍ମଚାରୀଙ୍କ ଧାରଣା



ରାଇରଙ୍ଗପୁର, ୨୭।୯ (ସମିସ): ଆଜି ଷଷ୍ଠ ଦିବସରେ ପହଞ୍ଚିଲା ବ୍ଲକ ଜିପିଏଲ୍ଏଫ୍‌ନଙ୍କ ଗଣଧାରଣା। ରାଜ୍ୟର ୩୧୪ଟି ବ୍ଲକରେ ଏହି ଧାରଣା ଚାଲିଛି। ଛଅ ମାସର ବକେୟା ପ୍ରାପ୍ୟ ପାଇବା ଆଶା ନେଇ ଦୀର୍ଘ ଦିନର ଅଭିଯୋଗ ପରେ ବି ସରକାର ନ ଶୁଣିବାରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ସଂଘ କହିଛି। ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ ସମ୍ମୁଖରେ ୧୮୦ ଏମ୍‌ବିକେ, ସିଆରପି, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀ ମିତ୍ର ଏବଂ ଜପିଏଲଏଫ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ତେବେ ଗତ ଛଅ ମାସର ବକେୟା ଦରମା ଦାବି କରିଥିବା ବେଳେ କାର୍ଯ୍ୟ ଅନୁସାରେ ଦରମା ନ ଦେଇ ସ୍ଥାୟୀ ଦରମା ଦେବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ସରକାର ନ ଶୁଣିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଗଣଧାରଣାରେ ବସିଥିବେ ବୋଲି କହିଛନ୍ତି। ବର୍ଷା ସତ୍ତ୍ୱେ ଧାରଣାରୁ ଉଠି ନାହାଁନ୍ତି କର୍ମଚାରୀ। ରାଣୀ ମାର୍ଣ୍ଡି, ଦୁଲି ଟୁଡୁ, ମନ୍ଦାକିନୀ ପାତ୍ର, ବୈଜନ୍ତୀ ମହାନ୍ତ, ଶୁଭରାଣୀ ପାତ୍ର, କନକଲତା ହେମ୍ବ୍ରମ ଓ ଉଷାରାଣୀ ସୋରେନ୍ ପ୍ରମୁଖ ଗଣଧାରଣାରେ ବସିଛନ୍ତି।

### ବିପର୍ଯ୍ୟସ୍ତ ସ୍ଥିତିରେ ଉଦଳା ହାଇସ୍କୁଲ ପଡ଼ିଆ

### ପୁନରୁଦ୍ଧାର ପାଇଁ ନାହିଁ ଆନ୍ତରିକତା

# ମୁଁହ ଫେରାଉଛନ୍ତି ଛାତ୍ରଛାତ୍ରୀ

ଉଦଳା,୨୭।୯(ସମିସ)



ବିଗତ ଦିନରେ ଉଦଳା ଅଞ୍ଚଳର କ୍ରୀଡ଼ା ପ୍ରତିଭା ବେଶ ସୁନାମ ଅର୍ଜନ କରିଥିଲା। ତେବେ କିଛି ବର୍ଷ ହେବ ଉଦଳା ଅଞ୍ଚଳରେ କ୍ରୀଡ଼ା ପରିବେଶ ଅତ୍ୟନ୍ତ ବିପର୍ଯ୍ୟସ୍ତ ସ୍ଥିତିରେ ରହିଛି। କ୍ରୀଡ଼ାର ବିକାଶ ହେଉଛି ନା ପ୍ରତିଭା ବାହାରୁଛନ୍ତି। ତେଣୁ ମୋଟାମୋଟି କହିବାକୁ ଗଲେ କ୍ରୀଡ଼ା ଓ କ୍ରୀଡ଼ା ଭିତ୍ତିଭୂମି କୋମାକୁ ଚାଲିଗଲାଣି। ସହରର ସର୍ବପୁରାତନ ଉଦଳା ଉଚ୍ଚ ବିଦ୍ୟାଳୟକୁ ଦେଖିଲେ ଜଣାପଡିବ। ଉଦଳା ହାଇସ୍କୁଲର ଦୁଇଟି ଖେଳ ପଡ଼ିଆ ଥିବାବେଳେ ଏବେ ସେଗୁଡିକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଏହି ଦୁଇଟି ପଡ଼ିଆରେ ହାଇସ୍କୁଲର ସମସ୍ତ କ୍ରୀଡ଼ା ଆୟୋଜିତ ହେଉଥିଲା। ଏପରିକି ଘରୋଇ ବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥାଏ। ଉଦଳା ହାଇସ୍କୁଲର ଫୁଟବଲ ପଡ଼ିଆ ଜିଲ୍ଲାର ସର୍ବଶ୍ରେଷ୍ଠ ପଡ଼ିଆ ଭାବେ ପରିଗଣିତ ହେଉଥିଲା; ମାତ୍ର ଏବେ ଫୁଟବଲ ପଡ଼ିଆ ଚିହ୍ନିବା କଷ୍ଟକର ହୋଇପଡ଼ିଛି। କିଛି ବର୍ଷ ହେବ ପଡ଼ିଆର ରକ୍ଷଣାବେକ୍ଷଣା ହେଉ ନ ଥିବାରୁ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ଆଳରେ ପଡ଼ିଆର ଅବସ୍ଥା ଅଧିକ ଶୋଚନୀୟ ହୋଇପଡ଼ିଛି। ହାଇସ୍କୁଲ ଫୁଟବଲ ପଡ଼ିଆର ସୁରକ୍ଷାକୁ ଆଦୌ ଧ୍ୟାନ ଦିଆଯାଇ ନ ଥିଲା। ଏପରିକି କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସର ସୁରକ୍ଷା ପାଇଁ ପଡ଼ିଆ ମଧ୍ୟରେ ପ୍ରାଚୀର ନିର୍ମାଣର ମସୁଧା ଥିବାବେଳେ ବିରୋଧ ପରେ ନିବୃତ୍ତ ରହିଥିଲେ। ଉଦଳା ହାଇସ୍କୁଲ ଫୁଟବଲ ପଡିଆ ର କଳେବର ପାଇଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଆଦୌ ଗୁରୁତ୍ୱ ଦିଆଯାଇ ନାହିଁ। ତେବେ ଖାଲଖମା (ନିର୍ମାଣ ପାଇଁ ବ୍ୟବହୃତ ଗାଡିର ଚଳପ୍ରଚଳ)ରେ ଦୁଇ ଚାରି ଟ୍ରିପ ମୋରମ ପକାଯାଇ ମରାମତିର ଭ୍ରମ ସୃଷ୍ଟି କରୁଛି। ଅପରପକ୍ଷେ ବିଭିନ୍ନ ସମୟରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଭା ଚୟନ କରାଯାଇଥାଏ। ଉପଖଣ୍ଡର ସର୍ବପୁରାତନ ବିଦ୍ୟାଳୟରେ କ୍ରୀଡ଼ା କ୍ଷେତ୍ର ଏମିତି ଅବସ୍ଥାରେ ପହଞ୍ଚିଛି ପଡ଼ିଆରେ ଖାଲଖମା ସାଙ୍ଗକୁ ଅସମାନତା ପାଇଁ ମଧ୍ୟ ଖେଳିବାକୁ ଅମଙ୍ଗ ପ୍ରକାଶ କରୁଛନ୍ତି ଖେଳାଳି। ଫଳରେ ପଡ଼ିଆ ଏବ ନିଶାଖୋରଙ୍କ ପାଇଁ ଆ‡ାସ୍ଥଳ ପାଲଟିଛି। ଉଦଳା ହାଇସ୍କୁଲ ପଡ଼ିଆ କ୍ରିକେଟ ପଡ଼ିଆ ଏବେ ସାର୍ବଜନୀନ ହେବା ସହିତ ରାଜନୈତିକ, ସାମାଜିକ, ଅଧ୍ୟାତ୍ମିକ, ପୂଜା ତଥା ମେଳା ମହୋତ୍ସବ ଆୟୋଜନ ଫଳରେ ଏବେ କୋମାରେ। ଏବେ ପଡ଼ିଆ ମଦୁଆ ଓ ମଦ ବୋତଲ ସାଙ୍ଗକୁ ପ୍ଲାଷ୍ଟିକ ଗ୍ଲାସ ଗଡ଼ିବା ଓ ପଡ଼ିବା ନିତିଦିନିଆ ଘଟଣା ହେଲାଣି। ଅପରପକ୍ଷରେ ୫ କୋଟିରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳରେ ଏକ ଇନଡୋର ଷ୍ଟାଡିୟମ ନିର୍ମାଣ କ୍ରିକେଟ ପଡ଼ିଆକୁ ସଂକୁଚିତ କରିଦେଇଛି। ବିଭିନ୍ନ ସମୟରେ ବିନା ଅନୁମତିରେ ନିର୍ମାଣ କାର୍ଯ୍ୟ କରାଯାଉଥିଲେ ହେଁ ସ୍କୁଲ କର୍ତ୍ତୃପକ୍ଷ କେବଳ ମୂକସାକ୍ଷୀ ସାଜିଛନ୍ତି। ଭିତ୍ତିଭୂମି ନାମରେ ନିର୍ମାଣକୁ ଗୁରୁତ୍ୱ ଦେଇ ପ୍ରଶାସନ ଦାୟିତ୍ୱ ଶେଷ କରୁଥିବାବେଳେ ବାସ୍ତବରେ କ୍ରୀଡ଼ାର ବିକାଶ ଏକ ପ୍ରହସନ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଣୁ ତୁରନ୍ତ ଉଦଳା ହାଇସ୍କୁଲ ଫୁଟବଲ ଓ କ୍ରିକେଟ ଉଭୟ ପଡ଼ିଆର ପୁନରୁଦ୍ଧାର କରି ଛାତ୍ରଛାତ୍ରୀଙ୍କ ପାଇଁ କ୍ରୀଡା ଉପଯୋଗୀ କରିବାକୁ ପୂର୍ବତନ ଛାତ୍ର ସମୂହ ଦାବି କରିଛନ୍ତି।

## ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାରେ ୨୨୮ ପରୀକ୍ଷାର୍ଥୀ ଅନୁପସ୍ଥିତ


ବାରିପଦା,୨୭।୯(ସମିସ): ଶନିବାର ଅନୁଷ୍ଠିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଏସଓଟିଇଟି)-୨୦୨୫ରେ ମୟୂରଭଞ୍ଜ ଜିଲ୍ଲାରେ ୧୧୪ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡିଛି। ୨ଟି ସିଟିଂରେ ପରୀକ୍ଷା ପେପର୍-୧ ଏବଂ ପେପର୍-୨ ପାଇଁ ଜିଲ୍ଲା ସଦର ମହକୁମା ବାରିପଦା ସହରର ୧୨ଟି କେନ୍ଦ୍ରରେ ଆୟୋଜିତ ହୋଇଥିଲା। ପେପର୍-୧ ( ୧ମରୁ ୫ମ ଶ୍ରେଣୀ) ପାଇଁ ମୋଟ ପରୀକ୍ଷାର୍ଥୀ ୨୪୩୨ ରହିଥିବାବେଳେ ୨୩୧୮ ଉପସ୍ଥିତ ଓ ୧୧୪ ଅନୁପସ୍ଥିତ ରହିଥିଲେ ଛ ସେହିପରି ପେପର୍-୨ (୬ଷ୍ଠରୁ ୮ମଶ୍ରେଣୀ ପାଇଁ) ମୋଟ ୩୪୨୮ ମୋଟ ପରୀକ୍ଷାର୍ଥୀ ରହିଥିବାବେଳେ ୩୩୧୪ ଉପସ୍ଥିତ ୧୧୪ ଓ ଅନୁପସ୍ଥିତ ରହିଛନ୍ତି। ପରୀକ୍ଷା ସକାଳ ୯ ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପେପର୍-୧ ଏବଂ ଅପରାହ୍ନ ୨ଟାରୁ ୪ଟା ୩୦ ପର୍ଯ୍ୟନ୍ତ ପେପର୍-୨ ଅଫ୍‌ଲାଇନ୍ ମୋଡ୍‌ରେ ଅନୁଷ୍ଠିତ ହୋଇଥିଲା। ସମସ୍ତ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହିତ ପରୀକ୍ଷା ସୁଚାରୁ ରୂପେ ସମ୍ପନ୍ନ ହୋଇଛି। ସହରର ଏମକେସି ଉଚ୍ଚବିଦ୍ୟାଳୟ, ଏମପିକେ ଉଚ୍ଚ ବିଦ୍ୟାଳୟ, ଭଞ୍ଜପୁର ସରକାରୀ ଉଚ୍ଚ ବିଦ୍ୟଳୟ ଓ ଭଞ୍ଜପୁର ବାଳିକା ଉଚ୍ଚ ବିଦ୍ୟଳୟ, ପୁଲିସ ଲାଇନ ଉଚ୍ଚ ବିଦ୍ୟାଳୟ, କମଳା ନେହୁରୁ ବାଳିକା ଉଚ୍ଚ ବିଦ୍ୟାଳୟ, ବେଲଗଡ଼ିଆ ଭଞ୍ଜଭୂମି ଉଚ୍ଚ ବିଦ୍ୟାଳୟ, ପାଲବାଣୀ ଲେଡି ହେମିଲଟନ ଉଚ୍ଚ ବିଦ୍ୟାଳୟ, ଶରତ ଚନ୍ଦ୍ର ବିଦ୍ୟାପୀଠ, ବଲାଙ୍ଗୀ ଉଚ୍ଚ ବିଦ୍ୟାଳୟ, ଶ୍ରୀପଦଗଞ୍ଜ ଉଚ୍ଚ ବିଦ୍ୟାଳୟ, ଓ ଏମପିସି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହି ପରୀକ୍ଷାକୁ ଜିଲ୍ଲା ନୋଡାଲ ଅଫିସର ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୋଦ କୁମାର ସିଂ ପରିଚାଳନା କରିଥିଲେ। କାରଣ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଶିକ୍ଷୟତ୍ରୀ ପତ୍ନୀ ଗୀତା ବେହେରା ପରୀକ୍ଷାର୍ଥୀ ଥିବାରୁ ଶ୍ରୀ ସେଠୀ ପରୀକ୍ଷା ନିୟନ୍ତ୍ରଣରୁ ହଟିଥିବା ଜଣା ପଡିଛି। ତାଙ୍କ ପତ୍ନୀ ଭଞ୍ଜପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ସିଟିଂରେ ପରୀକ୍ଷା ଦେଉଥିବା ଜଣାପଡିଛି। ମାଧ୍ୟମିକ ପରିଷଦ ଦ୍ୱାରା ଆୟୋଜିତ ଏହି ପରୀକ୍ଷା କେବଳ କାର୍ଯ୍ୟରତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା।

# 'ବୋଉ ବୁଟୁ ଭୂତ'ର ହିନ୍ଦୀ ରିମେକ୍



ଓଡ଼ିଆରେ ସବୁଠୁ ବେଶି ଆୟ କରିଥିବା ସିନେମା 'ବୋଉ ବୁଟୁ ଭୂତ'ର ହିନ୍ଦୀ ରିମେକ୍ ଆସିବା ନେଇ ଚର୍ଚ୍ଚା ଜୋର୍ ଧରିଛି । ଫିଲ୍ମ ଇନଫରମେଶନ ପତ୍ରିକାରେ ପ୍ରକାଶିତ ନୋଟିସ୍‌ରେ ଧର୍ମାର ମୁଖ୍ୟ ଆଇନ ଅଧିକାରୀ ରଖୀ ବାଜପେୟୀ ଏହି କଥା କହିଛନ୍ତି । କରଣ ଜୋହରଙ୍କ ଧର୍ମା ପ୍ରଡକସନ୍ ଏହାର ରିମେକ୍ ରାଇଟ୍ କିଣିବା ପ୍ରକ୍ରିୟା ଆରମ୍ଭ କରିଛି । ଏହିବର୍ଷ ଜୁନ୍ ୧୨ରେ ଉକ୍ତ ଫିଲ୍ମ ମୁକ୍ତିଲାଭ କରିଥିଲା । ଏହାର ମୁଖ୍ୟ ଚରିତ୍ରରେ ବାବୁଶାନ, ଅର୍ଚ୍ଚିତା ଏବଂ ଅପରାଜିତା ନଜର ଆସିଥିଲେ ।

# ଚର୍ଚ୍ଚାରେ 'ମୁରବି' ପୋଷ୍ଟର




ମେଷ୍ଟିସ୍ ଫିଲ୍ମସ୍‌ର ପ୍ରଥମ ଫିଚର୍ ଫିଲ୍ମ ହେଉଛି 'ମୁରବି' । ଏକ ନିଆରା ଦୃଶ୍ୟ ସମ୍ବଳିତ ଏହାର ପୋଷ୍ଟରଟି ବେଶ୍ ଆଦୃତ ହୋଇଛି । ପୋଷ୍ଟରରେ ଦେଖିବାକୁ ମିଳିଛି, ବରିଷ୍ଠ ଅଭିନେତା କୁନା ତ୍ରିପାଠୀ ତାଙ୍କ ଅନ୍ତରଙ୍ଗ ବନ୍ଧୁ ଚୌଧୁରୀ ଜୟପ୍ରକାଶ ଦାସଙ୍କ ମୁଣ୍ଡର ଘୋଡ଼ଣି ଖୋଲି କିଛି ମରାମତି କରୁଛନ୍ତି । ଜୟ ପ୍ରକାଶଙ୍କ ମସ୍ତିଷ୍କରେ କିଛି କେମିକାଲ୍ ଲୋଚା ରହିଯାଇଛି, ଯାହାକୁ ଠିକ୍ କରୁଛନ୍ତି କୁନା । ତେବେ ଏଭଳି ରୋଚକ ପୋଷ୍ଟରର ପୃଷ୍ଠଭୂମିରେ ଥିବା ଅସଲ କଥାଟି କ'ଣ ପୂରା ଫିଲ୍ମ ଦେଖିଲେ ହିଁ ଜଣା ପଡ଼ିବ । କୁନା ଓ ଜୟପ୍ରକାଶଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ଉଦିତ ଗୁରୁ, ପ୍ରସନଜିତ, ଅଙ୍କିତା ମହାନ୍ତି, କଳ୍ପନା, ବିଜୟିନୀ ମିଶ୍ର, ମାଙ୍କେ, ଲୋଟନ ଖଟେଇ, ସୁସ୍ମିତା ପ୍ରଧାନ, ଦେବାଶିଷ, ସୁଧୀର ଲେଙ୍କା, ଅମିର ଦାସ, ପ୍ରଗତି ଗୁରୁ ପ୍ରମୁଖ ନଜର ଆସିବେ ।

'ମୁରବି'ରେ ରହିଛି ବିପରୀତଧର୍ମୀ ଦୁଇ ପରିବାରର କଥା । ଓଡ଼ିଶାର ମଧ୍ୟବିତ୍ତ ଜୀବନର ଏକ ଖାଣ୍ଟି ଓ ହୃଦୟସ୍ପର୍ଶୀ କାହାଣୀ ଏଥିରେ ଦେଖିବାକୁ ମିଳିବ । କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଦେବୀ ପ୍ରସାଦ ଲେଙ୍କା ଓ ବିଶାଳ ମୌର୍ଯ୍ୟ । ଏହାର ସହ ପ୍ରଯୋଜକ ଅଛନ୍ତି ସୁମନ୍ତ ବୈରାଗୀ ଓ ଅଗ୍ନିମିତ୍ର । ନିର୍ଦ୍ଦେଶନାରେ ଅଛନ୍ତି ଯୁବ ନିର୍ଦ୍ଦେଶକ ଶିଶିର କୁମାର ସାହୁ ଓ ପିନାକୀ ସିଂ । ସିନେମାର ସଙ୍ଗୀତ ଦେଇଛନ୍ତି ଅଗ୍ନିମିତ୍ର । ସଂଳାପ, ଚିତ୍ରନାଟ୍ୟ ଓ ଗୀତ ରଚନା କରିଛନ୍ତି ପି. ସନ୍ତୋଷ । ଏହି ସିନେମାଟି ନଭେମ୍ବରରେ ମୁକ୍ତିଲାଭ କରିବ ।

# ଦଶହରାରେ 'ଦଶମ'



ସେପ୍ଟେମ୍ବର ୨୮ ତାରିଖରେ ରାଜା ଡିଙ୍କ ନିର୍ଦ୍ଦେଶିତ ଓଡିଆ ଫିଲ୍ମ 'ଦଶମ' ସନ୍ଧ୍ୟା ୬ଟା ୩୦ରେ ଦଶହରା ଅବସରରେ ଜୀ ସାର୍ଥକରେ ଦେଖିବାକୁ ମିଳିବ । ପରମ୍ପରା ଏବଂ ଭୟର ଆବଦ୍ଧ ସମାଜରେ 'ଦଶମ' ହେଉଛି ପ୍ରତ୍ୟେକ ଛାତ୍ରଙ୍କ ମାନସିକ ଏବଂ ଭାବପ୍ରବଣତା ରହିତ ଯାତ୍ରାର କାହାଣୀ । ପୁଣି ଏହି ଫିଲ୍ମଟି ହେଉଛି ପ୍ରଥମ ଓଡ଼ିଆ ମ୍ୟୁଜିକାଲ ଫିଲ୍ମ, ଯେଉଁଥିରେ ବାବୁଶାନ୍ ମଧ୍ୟ ଏକ ପ୍ରମୁଖ ଗୀତରେ କଣ୍ଠଦାନ କରିଛନ୍ତି । ଫିଲ୍ମରେ ଶୈଳେନ୍ଦ୍ର ସାମନ୍ତରାୟ, ଆକାଶ ହୋତା, ଫନୀ ପ୍ରତିକ, ଅର୍ମାନ ମହାନ୍ତି, ଜଷ୍ଟି, ସିମରନ, ନୀଲାକ୍ଷି, ସୁମନ ପଟ୍ଟନାୟକଙ୍କ ସମେତ ରବି ମିଶ୍ର ଏବଂ ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଛନ୍ତି । ସ୍କୁଲବେଳର କିଛି ଖଟା ମିଠା କଥା, ଦଶମ ଶ୍ରେଣୀର କିଛି ଅନୁଭୂତିକୁ ନେଇ ନିର୍ମିତ ଏହି ଫିଲ୍ମ ହଲ୍‌ରେ ବହୁତ ଭଲ ପ୍ରଦର୍ଶନ କରିଥିଲା ।

# ପ୍ରେକ୍ଷାଳୟରେ 'ଚାରିଧାମ' ଓ 'ଚ୍ୟାଲେଞ୍ଜ'

ଦଶହରା ଅବସରରେ 'ଚାରିଧାମ' ଏବଂ 'ଚ୍ୟାଲେଞ୍ଜ' ମୁକ୍ତିଲାଭ କରିଛି । 'ଚାରଧାମ'ର ପ୍ରମୁଖ ଚରିତ୍ରରେ ଅନୁଭବ ଥିବା ବେଳେ 'ଚ୍ୟାଲେଞ୍ଜ'ରେ ଅଛନ୍ତି ଅର୍ଦ୍ଧେନ୍ଦୁ । ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମାଣ ହୋଇଥିବା ବଡ଼ ବଜେଟର ଓଡ଼ିଆ ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ର ମଖମଲ୍ଲୀ ଗୀତକୁ ଲୋକେ ପସନ୍ଦ କରିଛନ୍ତି । ବାପୁ ଗୋସ୍ୱାମୀ ରଚନା କରିଥିବା ଗୀତକୁ ହ୍ୟୁମାନ ସାଗର ଓ ଅନନ୍ୟା ଶ୍ରୀତମ ନନ୍ଦ କଣ୍ଠଦାନ କରିଛନ୍ତି । ଗୌରବ ଆନନ୍ଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଚ୍ୟାଲେଞ୍ଜର ସମସ୍ତ ଗୀତ ହୃଦୟସ୍ପର୍ଶୀ ହୋଇଛି । ଓଡ଼ିଆ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଏହି ଗୀତଗୁଡ଼ିକ ରେକର୍ଡ ହୋଇଛି । ପ୍ରଥମଥର ପାଇଁ ଓଲିଉଡ୍ ଜଗତରେ ମଲ୍‌ଟି ଷ୍ଟାର୍‌ଙ୍କୁ ଏହି ସିନେମାରେ ଦର୍ଶକେ ଦେଖିବାକୁ ପାଇଛନ୍ତି । ଏଥିରେ ବଲିଉଡ୍‌ର ପ୍ରଖ୍ୟାତ ଅଭିନେତା ପୁନିତ ଇଶାରଙ୍କୁ ଦେଖିବାକୁ ମିଳିଛି ।

ସେହିପରି 'ଚାରିଧାମ' ସିନେମା ପାଇଁ ହଲ୍‌ରେ ଲୋକଙ୍କ ଗହଳି ଦେଖିବାକୁ ମିଳିଛି । ଏଥିରେ ଅନୁଭବଙ୍କ ସମେତ ଅନୁରାଧା ପାଣିଗ୍ରାହୀଙ୍କୁ ଦେଖିବାକୁ ମିଳିଛି । ଏଥିରେ ଅନୁରାଧାଙ୍କୁ ସାଉଥ୍ ଲୁକ୍‌ରେ ଦେଖିବାକୁ ମିଳିଛି । ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରଯୋଜନା କରିଛନ୍ତି ହିମାଦ୍ରି ତନୟା ଦାସ । ସିନେମାର ସଙ୍ଗୀତ ନିର୍ଦ୍ଦେଶନାରେ ଅଛନ୍ତି ସୋମେଶ ଶତପଥି ଏବଂ ବୈଦ୍ୟନାଥ ଦାସ । ଏହାର ଆଇଟମ୍ ଗୀତ 'କେର କେରା'ରେ ନଜର ଆସିଛନ୍ତି ଶିବନୀ । ଗୀତଟି ଚହଳ ସୃଷ୍ଟି କରିଛି ।



## ସାକ୍ଷାତକାର

ଏୟାର୍‌ଫୋର୍ସ ଅଫିସର୍ ହୋଇଥାନ୍ତେ । ମାର୍ସଲଆର୍ଟ ଶିଖିଛନ୍ତି । ତାଇକଣ୍ଡୋରେ ସେ ବ୍ଲାକ୍ ବେଲ୍‌ଡ ଅଧିକାରିଣୀ । ସେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ । ଜାତୀୟସ୍ତରରେ ସେ ସ୍ୱର୍ଣ୍ଣ ପଦକ ଏବଂ ଆନ୍ତର୍ଜାତୀୟସ୍ତରରେ ରୌପ୍ୟପଦକ ହାସଲ ମଧ୍ୟ କରିଛନ୍ତି । ହେଲେ ଗ୍ଲାମର ଦୁନିଆରେ ସଫଳତା ହାତେଇବା ନିଶା ତାଙ୍କୁ ଲକ୍ଷ୍ୟ ବିଚ୍ୟୁତ କରିଥିଲା । ଭିଡିଓ ବନାଉ ବନାଉ ସେ ମ୍ୟୁଜିକ୍ ଭିଡିଓରେ କାମ କଲେ । ପାଖାପାଖି ୪୦ଟି ମ୍ୟୁଜିକ୍ ଭିଡିଓ ସେ କରିଛନ୍ତି । ତାଙ୍କ ଅଭିନୀତ 'ସୁନ୍ଦରୀ ଜହ୍ନ' ଏବଂ 'ଟିକିଲି' ଗୀତ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ସେ ହେଉଛନ୍ତି ଭୁବନେଶ୍ୱରର ଜୟଶ୍ରୀ ଷଡ଼ଙ୍ଗୀ । 'ଘମାଘୋଟ' ତାଙ୍କର ଡେବ୍ୟୁ ପ୍ରଥମ ଓଡ଼ିଆ ସିନେମା । ଏଥିରେ ଅଭିନୟର ଜଲୱା ଦେଖାଇଛନ୍ତି ଜୟଶ୍ରୀ । ତେବେ ଅଭିନେତ୍ରୀ ପାଇଁ ସେ କେତେ ସଂଘର୍ଷ କରିଛନ୍ତି ଜାଣିବା ତାଙ୍କ ମୁହଁରୁ ।



# "ନିୟମିତ ଅଭ୍ୟାସ ଦ୍ୱାରା ହୃଦୟସ୍ପର୍ଶୀ ହୁଏ ଅଭିନୟ"

ଜୟଶ୍ରୀ ଷଡ଼ଙ୍ଗୀ, ଅଭିନେତ୍ରୀ

**ରଙ୍ଗୀନ ଦୁନିଆକୁ କେମିତି ଆସିଲେ?**

● ମୋର ଜନ୍ମ ନେପାଳ କାଠମାଣ୍ଡୁରେ । ବେଙ୍ଗାଲୁରୁରେ ପାଠ ପଢ଼ିଛି । ବାପାଙ୍କ ଜନ୍ମସ୍ଥାନ ଓଡ଼ିଶାରେ । ତେବେ ପିଲାଦିନରୁ ଏୟାର୍‌ଫୋର୍ସରେ ଯିବାକୁ ଭାବିଥିଲି । ତେବେ ମୋ' ମାମାଙ୍କର ଇଚ୍ଛାଥିଲା ମୁଁ ଅଭିନେତ୍ରୀ ହୁଏ । ସ୍କୁଲରେ ମୁଁ ଡ୍ରାମା ଶିଖୁଥିଲି । ଇଚ୍ଛାହେଲା ଛୋଟ ଛୋଟ ଭିଡିଓ କରିଲି । ଫଳରେ ତରଙ୍ଗ ଚ୍ୟାନେଲର 'ମୁଁଇ କୁଆଁରା ତୁଇ କୁଆଁରୀ' ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ମିଳିଲା । ବର୍ତ୍ତମାନ ସୁଦ୍ଧା ମୁଁ ୪୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ କାମ କରିଛି ।

**'ଘମାଘୋଟ' ଫିଲ୍ମ ପାଇଁ କେମିତି ସୁଯୋଗ ମିଳିଥିଲା?**

● ପରିଶ୍ରମ କଲେ ସଫଳତା ଦିନେ ନା ଦିନେ ମିଳିଥାଏ । 'ଦଶମ' ଓଡ଼ିଆ ଫିଲ୍ମ ଦେଖିବା ପରେ ଏହି ଟିମ୍ ସହିତ କାମ କରିବାକୁ ଭାବି ଥିଲି । ମୋର ସେହି ଇଚ୍ଛାକୁ ପୂରଣ କରିଥିଲେ ରାଜା ଡି ଭାଇ, ଦୀପକ ସାର୍ ଓ କୌଶିକ ସାର୍ । 'ଘମାଘୋଟ' ଚଳଚ୍ଚିତ୍ରରେ ମୋତେ ସୁଯୋଗ ମିଳିଲା । ଏହି ଚଳଚ୍ଚିତ୍ରରେ ମୁଁ ମାମୁନି ଚରିତ୍ରରେ ନଜର ଆସିଥିଲି । ଏଥିରେ ମୋ' ବିପକ୍ଷରେ ଥିଲେ ଶୈଳେନ୍ଦ୍ର । ଯେହେତୁ ମୁଁ ମାର୍ସଲଆର୍ଟ ଏବଂ ତାଇକଣ୍ଡୋ ଶିଖିଥିଲି ଏହି ଫିଲ୍ମରେ ଫାଇଟ୍ ସଟ୍ ଦେବାକୁ ସହଜ ହୋଇଥିଲା । 'ଘମାଘୋଟ'ର ଟିମ୍‌ର ଗୋଟିଏ ୟୁନିଟ୍ ଥିଲା । ସମସ୍ତେ ଚମତ୍କାର ଅଭିନୟ କରିଛନ୍ତି । କଠିନ ପରିଶ୍ରମ କରିଛନ୍ତି । ସେଥିପାଇଁ ଆଜି ବି ଫିଲ୍ମର କ୍ରେଜ୍ ରହିଛି । ଏହା ସଫଳତାକୁ ଛୁଇଁପାରିଛି ।

**ଆଗକୁ କ'ଣ ଯୋଜନା ଅଛି?**

● ଏବେ 'ବରବଧୂ'ରେ କାମ କରୁଛି । ଏଥିରେ ମୋ ସହିତ ଶୈଳେନ୍ଦ୍ର, ସୂର୍ଯ୍ୟମୟୀ, ଶିବାନୀ, ହରିହର ସାର୍ ସୁଭାଶିଷ ଶର୍ମା ଅଛନ୍ତି । ବମ୍ବେ ଟିମ୍ ସହିତ ଏହି ଫିଲ୍ମଟି ସୁଟ୍ ହୋଇଛି । ଏହି ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ୍ ହେବ । ଏହା ସହ ଆଉ ଏକ ପ୍ରୋଜେକ୍ଟ ପାଇଁ ଚୁକ୍ତି କରିଛି । ଚଳିତ ବର୍ଷ ଶେଷ ଆଡ଼କୁ ସେ ସିନେମାର ସୁଟିଂ ଆରମ୍ଭ କରିବି । ତେବେ ଫିଲ୍ମର ନା ଏବେ ଲୋକ ସମ୍ମୁଖକୁ ଆଣି ପାରିବି ନାହିଁ ।

**ଚରିତ୍ରକୁ ନିଖୁଣ ଭାବେ ଫୁଟାଇବାକୁ କ'ଣ କରନ୍ତି?**

● ଯେକୌଣସି କାମ ହୋଇଥାଉନା କାହିଁକି, ଅଭ୍ୟାସ ଆଉ କଠିନ ପରିଶ୍ରମ ଦ୍ୱାରା କାମ ଭଲ ହୁଏ । ସେଥିପାଇଁ ମୁଁ ବ୍ୟକ୍ତିଗତ ଭାବେ ନିଜକୁ ପ୍ରସ୍ତୁତ କରୁଛି । ଦର୍ପଣ ସାମ୍ନାରେ ସ୍କ୍ରିପ୍ଟ ଦେଖି ସଂଳାପ କହିବା, ନିଜର ଭଏସ୍ ମଡ୍ୟୁଲେସନ୍ କେମିତି ହେବ, କମ୍ ଟେକ୍‌ରେ କିପରି ଭଲ ଅଭିନୟ କରିବି ଆଦିକୁ ଗୁରୁତ୍ୱ ଦିଏ ।

**ନିଜକୁ କେମିତି ଫିଟ ରଖନ୍ତି?**

● ଜଣେ କଳାକାର ସବୁବେଳେ ଫିଟ୍ ରହିବା ଦରକାର । ସେଥିପାଇଁ ମୁଁ ତାଇକଣ୍ଡୋ ଅଭ୍ୟାସ କରେ । ଯୋଗ କରେ, ୱାର୍କଆଉଟ୍ କରିବା ସହ ଖାଦ୍ୟପେୟରେ ବିଶେଷ ସତର୍କତା ଅବଲମ୍ବନ କରେ ।

**ନୂଆ କରି ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ଅଧିକରୁ ଅଧିକ ପରିଶ୍ରମ କରନ୍ତୁ । ପରିଶ୍ରମର ଫଳ ନିଶ୍ଚିତ ଭାବେ ମିଳିବ । ସର୍ଟକର୍ଟରେ ଧ୍ୟାନ ନ ଦେଇ କାମ କଲେ ଆଗକୁ ଯାଇପାରିବେ ।

## ପରଦା ପଛର କାହାଣୀ

# ଫିଲ୍ମ ପାଇଁ ଅଭିନେତାଙ୍କ ସବୁ ସମ୍ପତ୍ତି ବିକ୍ରି

ବଲିଉଡ୍‌ରେ ପ୍ରତିବର୍ଷ ଅନେକ ଫିଲ୍ମ ରିଲିଜ୍ ହୋଇଥାଏ । ସେଥିମଧ୍ୟରୁ କିଛି ହିଟ୍ ହେଉଥିବାବେଳେ, ଆଉ କିଛି ଫିଲ୍ମ ଫ୍ଲପ୍ ହୋଇଥାଏ । ତେବେ ୫-୫ ବର୍ଷ ପୂର୍ବେ ଏକ ଫିଲ୍ମ ମୁକ୍ତିଲାଭ କରିଥିଲା । ଯାହାକୁ ତିଆରି କରିବାକୁ ଅଭିନେତା ନିଜର ସମସ୍ତ ସମ୍ପତ୍ତିକୁ ବିକ୍ରି କରି ଦେଇଥିଲେ । ଏହା ସତ୍ତ୍ୱେ ଫିଲ୍ମଟି ବକ୍ସ ଅଫିସ୍‌ରେ ଫ୍ଲପ୍ ହୋଇଥିଲା । ଫିଲ୍ମ 'ସଙ୍ଗମ'ର ସଫଳତା ପରେ ରାଜ କପୁର 'ମେରା ନାମ ଜୋକର୍' ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ଥିଲେ । ଏହି ଫିଲ୍ମ କେବଳ ଭାରତ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟ ହେବ ବୋଲି ସେ ଭାବିଥିଲେ । ଏଥିପାଇଁ ସେ କାହାଣୀ, ନିର୍ଦ୍ଦେଶନା, ଅଭିନୟ ଏପରିକି ଏଡିଟିଂ ମଧ୍ୟ ନିଜେ କରିଥିଲେ । ରାଜ କପୁର ଏହି ଫିଲ୍ମରେ କଠିନ ପରିଶ୍ରମ ଓ ପୁଞ୍ଜିନିବେଶ କରିଥିଲେ । ତଥାପି ଏହି ଫିଲ୍ମ ବକ୍ସ ଅଫିସ୍‌ରେ ମୁକ୍ତିଲାଭ କରିବା ପରେ ଫ୍ଲପ୍ ହୋଇଥିଲା । ଏହା ରାଜ କପୁରଙ୍କୁ ଗଭୀର ଝଟ୍‌କା ଦେଇଥିଲା । ଏଥିରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲେ । 'ମେରା ନାମ୍ ଜୋକର୍' ଫିଲ୍ମ ବାସ୍ତବରେ ଫ୍ଲପ୍ ହୋଇ ନ ଥିଲା । ଏହାକୁ ଫ୍ଲପ୍ କରିବାକୁ ଷଡ଼ଯନ୍ତ୍ର କରାଯାଇଥିଲା । ରାଜ କପୁରଙ୍କ ନାଁର ଖୁବ୍ ଦମ୍ ଥିଲା । ଏପରିକି ତାଙ୍କ ଆଖପାଖରେ କୌଣସି ଫିଲ୍ମ ରିଲିଜ୍ କରିବା ପାଇଁ ଫିଲ୍ମ ନିର୍ମାତାମାନେ ସାହସ କରୁ ନ ଥିଲେ । କିନ୍ତୁ ଏଥିରେ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା । ଫିଲ୍ମ ଫ୍ଲପ୍ ହେବାରୁ ତାଙ୍କୁ ଦୁଇ, ତିନି କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା । ଆଜିର ସମୟରେ ଏହାର ମୂଲ୍ୟ ପାଖାପାଖି ୧୦୦ କୋଟି ହେବ ।



## ଭାରତ-ପାକିସ୍ତାନ ଏସିଆ କପ୍ ଫାଇନାଲ ଆଜି

# ଅଭିଷେକ-ସାହିନଙ୍କ ଉପରେ ନଜର

ଦୁବାଇ,୨୭।୯ (ଏଜେନ୍ସି):







ଭାରତ ଓ ପାକିସ୍ତାନ ମଧ୍ୟରେ ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମୁକାବିଲା ଆସନ୍ତାକାଲି ବା ରବିବାର ଖେଳାଯିବ। ଦୁଇ ପଡୋଶୀ ଦେଶ ମଧ୍ୟରେ ଖେଳାଯାଉଥିବା ସମସ୍ତ କ୍ରିକେଟ ମ୍ୟାଚ୍ ହାଇଭୋଲଟେଜ୍ ଲଢ଼େଇ ହୋଇଥାଏ। ଏଣୁ ଆସନ୍ତାକାଲିର ଫାଇନାଲ ଯେ ଆଉ ଏକ ହାଇଭୋଲଟେଜ୍ ମୁକାବିଲା ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଯେନତେନ ପ୍ରକାରେ ସମସ୍ତ ୬ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ପାକିସ୍ତାନ ୨ଟି ମ୍ୟାଚ୍ ହାରି ଫାଇନାଲରେ ପ୍ରବେଶ କରିଛି। ଏହି ୨ଟି ଯାକ ମ୍ୟାଚ୍ ଭାରତ ନିକଟରୁ ଗ୍ରୁପ୍-ଏ' ଲିଗ୍‌ରେ ଓ ସୁପର-୪'ରେ ହାରିଛି ପାକିସ୍ତାନ। ଏଠାରେ ଖେଳ ଅପେକ୍ଷା ପଡ଼ିଆ ବାହାରର ଘଟଣାବଳୀକୁ ନେଇ ବେଶ ଚର୍ଚ୍ଚା ବେଶି ହୋଇଛି। ଉଭୟ ଦଳ ଅଧିନାୟକ ଟସ୍ ବେଳକୁ କିମ୍ବା ମ୍ୟାଚ୍ ପରେ ପରସ୍ପର ସହ ହାତ ନ ମିଳାଇବା ଘଟଣା ଘଟିଯାଇଛି। ଅଶୋଭନୀୟ ତଥା ଅଣଖେଳଓ୍ୱାଡ଼ ମନୋଭାବ ପୋଷଣ କରି ଆଇସିସି ଆଚରଣ ସଂହିତା ଉଲ୍ଲଘଂନ କରିବା ଅଭିଯୋଗରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ପାକିସ୍ତାନୀ ଫାଷ୍ଟ ବୋଲର ହାରିସ୍ ରୌଫ୍ ଦଣ୍ଡିତ ହୋଇଛନ୍ତି। ପାକିସ୍ତାନୀ ଓପନର ସାହିବଜାଦା ଫରହାନଙ୍କୁ ଚେତାବନୀ ଦିଆଯାଇଛି। ଏଭଳି ସମସ୍ୟା ମଧ୍ୟରେ ଆସନ୍ତାକାଲିର ଫାଇନାଲ କି ପ୍ରକାର ଘଟଣାକୁ ଲୁଚାଇ ରଖିଛି ତାହା ଖେଳ ଶେଷରେ ଜଣାପଡ଼ିବ।

ଫାଇନାଲ ମୁକାବିଲା ପୂର୍ବରୁ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟରେ ପରସ୍ପର ସହ ୨ଥର ଭେଟାଭେଟି ହୋଇଛନ୍ତି। ଉଭୟ ମୁକାବିଲାରେ ଜିତିଛି ଭାରତ। ଉଭୟ ଦଳ ପରସ୍ପର ଖେଳ ଓ ରଣନୀତି ସମ୍ପର୍କରେ ବେଶ ଅବଗତ। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ପକ୍ଷରୁ ଦୁଇ ଖେଳାଳି ଯଥା ଭାରତର ୨୫ ବର୍ଷୀୟ ଓପନର ଅଭିଷେକ ଶର୍ମା ଓ ପାକିସ୍ତାନର ୨୫ ବର୍ଷୀୟ ଫାଷ୍ଟବୋଲର ସାହିନ ଆଫ୍ରିଦୀଙ୍କ ଉପରେ ଏହି ମ୍ୟାଚ୍ ଅନେକାଂଶରେ ନିର୍ଭର କରୁଛି। ଅଭିଷେକ ଶର୍ମା ୬ଟି ମ୍ୟାଚ୍ ଖେଳି ୫୧.୫୦ ହାରରେ ୩୦୯ ରନ୍ ସଂଗ୍ରହ କରିଛନ୍ତି। ସୁପର-୪'ର ୩ଟି ମ୍ୟାଚ୍‌ରେ ସେ ୩ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ତାଙ୍କ ଷ୍ଟ୍ରାଇକ୍‌ରେଟ୍। ସେ ୨୦୪.୬୩ ଷ୍ଟ୍ରାଇକ୍ ରେଟ୍‌ରେ ଏହି ରନ୍ ସଂଗ୍ରହ କରିଛନ୍ତି। ପାକିସ୍ତାନ ବିପକ୍ଷ ୨ଟି ମୁକାବିଲା ମଧ୍ୟରୁ ଲିଗ୍ ପର୍ଯ୍ୟାୟରେ ୧୩ ବଲ୍‌ରୁ ୩୧ ଓ ସୁପର-୪ରେ ୩୯ ବଲ୍‌ରୁ ୭୪ ରନ୍ କରି ଏକାକୀ ଭାରତକୁ ଜିତାଇବାରେ ସମର୍ଥ ହୋଇଛନ୍ତି। ତାଙ୍କ ବିସ୍ଫୋରକ ବ୍ୟାଟିଂ ଉପରେ ଭାରତ ପୂରା ନିର୍ଭର କରୁଛି। ଅନ୍ୟ ପକ୍ଷରେ ଆଫ୍ରିଦୀ ୨ ବର୍ଷ ତଳେ ଯେମିତି ଘାତକ ବୋଲର ଥିଲେ ତାହା ଏବେ ନାହାନ୍ତି। କିନ୍ତୁ ଭାରତଠାରୁ ହାରିବା ପରେ ଶ୍ରୀଲଙ୍କା ଓ ବାଂଲାଦେଶ ବିପକ୍ଷରେ ତାଙ୍କ ବୋଲିଂ ଯୋଗୁଁ ପାକିସ୍ତାନ ବିଜୟୀ ହୋଇଛି। ଉଭୟ ମୁକାବିଲାର ପ୍ରଥମ ଓଭରରେ ଗୋଟିଏ ଓ ପାଓ୍ୱାର ପ୍ଲେ ମଧ୍ୟରେ ୨ଟି ଓ୍ୱିକେଟ ନେଇ ପାକିସ୍ତାନକୁ ବିଜୟୀ କରାଇଛନ୍ତି। ପ୍ରତ୍ୟେକ ମ୍ୟାଚ୍‌ରେ ସେ ୩ଟି ଲେଖାଏଁ ଓ୍ୱିକେଟ ନେଇଛନ୍ତି। ଏହି ପ୍ରଦର୍ଶନରୁ ସେ ପୂର୍ବର ସାହିନ ବୋଲି ଜଣାପଡ଼ିଛି। ଭାରତ ବିପକ୍ଷରେ ପାକିସ୍ତାନକୁ ବିଜୟୀ ହେବାକୁ ହେଲେ ସାହିନ ଆଫ୍ରିଦୀଙ୍କ ବୋଲିଂ ସଫଳତା ପାଇବା ଆବଶ୍ୟକ।


## ଫିଲ୍ଡିଂ ଓ ବ୍ୟାଟିଂ ଉଭୟ ଦଳର ବଡ଼ ସମସ୍ୟା



ଅଭିଷେକ ଶର୍ମାଙ୍କୁ ଛାଡ଼ିଦେଲେ ଭାରତର ବ୍ୟାଟିଂ କ୍ଲିକ୍ କରିନାହିଁ। ଅଧିନାୟକ ସୂର୍ଯ୍ୟକୁମାର ଫର୍ମରେ ନ ଥିଲାବେଳେ ଉପଅଧିନାୟକ ଶୁବମନ ଗିଲଙ୍କ ବ୍ୟାଟରୁ ମଡ଼ ସ୍କୋର ବାହାରୁ ନାହିଁ। ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା କିମ୍ବା ଅକ୍ଷର ପଟେଲ ଆବଶ୍ୟକତା ପୂରଣ କରିପାରୁ ନାହାନ୍ତି। ଗିଲ୍‌ଙ୍କ ଅନୁପସ୍ଥିତିରେ ବ୍ୟାଟିଂ ଓପନର କରି ସଫଳତା ପାଇଥିବା ସଞ୍ଜୁ ସାମସନଙ୍କ ଉପରେ ଟିମ୍ ମ୍ୟାନେଜମେଣ୍ଟର ଭରସା ନାହିଁ। ପାକିସ୍ତାନର ଅବସ୍ଥା ମଧ୍ୟ ତଦ୍ରୂପ। କିନ୍ତୁ କେହି ହେଲେ ମ୍ୟାଚ୍ ବିଜୟୀ କରାଇପାରୁଛନ୍ତି। ଭାରତ ବିପକ୍ଷରେ ସେମାନେ ଭଲ କରିବେ ବୋଲି ଆଶା କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ସବୁଠାରୁ ବଡ଼ ସମସ୍ୟା ହେଉଛି ଫିଲ୍ଡିଂ। ଫିଲ୍ଡିଂ ଖରାପ ହେବା ବା କ୍ୟାଚ୍ ଡ୍ରପ୍ ହେବା ଫଳରେ ପ୍ରତିଦ୍ୱନ୍ଦ୍ୱୀ ଦଳକୁ ଫାଇଦା ମିଳୁଛି। ଭାରତ ଏଯାଏ ଖେଳିଥିବା ୬ଟି ମ୍ୟାଚ୍‌ରେ ୧୨ଟି କ୍ୟାଚ୍ ହାତଛଡ଼ା କରିଛି। ଏହା ମଧ୍ୟରୁ ଗତ ଦୁଇଟି ସୁପର-୪ ମ୍ୟାଚ୍‌ରେ ୮ଟି ଓ କେବଳ ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂରେ ୪ଟି କ୍ୟାଚ୍ ଡ୍ରପ୍ ହୋଇଛି। ପାକିସ୍ତାନ ବିପକ୍ଷରେ ଫିଲ୍ଡରମାନେ ଯଦି ଏପରି ଦୋହରାଇବେ ତେବେ ଦଳକୁ ଫାଇନାଲ ଜିତିବା କଷ୍ଟକର ହୋଇପଡ଼ିବ।

| | |
|---|---|
| ଫାଇନାଲ୍ ମୁକାବିଲା | ଭାରତ-ପାକିସ୍ତାନ |
| | ଭେନ୍ୟୁ : ଦୁବାଇ |
| | ଖେଳ ଆରମ୍ଭ : ରାତି ୮ଟା |
| | ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟଓ୍ୱର୍କ |

## ଚାମ୍ପିଅନ ଟ୍ରଫି ପ୍ରଦାନ କରିବେ ପାକିସ୍ତାନର ମୋହସିନ



ଦୁବାଇ,୨୭।୯ (ଏଜେନ୍ସି): ଏସିଆ କପ୍ ଫାଇନାଲ ଖେଳ ପରେ ପାକିସ୍ତାନ କ୍ରିକେଟ ବୋର୍ଡ ଅଧ୍ୟକ୍ଷ ତଥା ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ମୋହସିନ ନକ୍‌ଭୀ ଟ୍ରଫି ପ୍ରଦାନ କରିବେ। ନକ୍‌ଭୀ ଏବେ ଏସୀୟ କ୍ରିକେଟ କାଉନ୍ସିଲ (ଏସିସି)ର ସଭାପତି ମଧ୍ୟ ଅଛନ୍ତି। ଏଣୁ ଏସିସି ସଭାପତି ଭାବେ ତାଙ୍କ ଟ୍ରଫି ପ୍ରଦାନ କରିବାର ଅଧିକାର ରହିଛି। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ସେ ଭାରତ ବିରୋଧୀ ମନ୍ତବ୍ୟ ଦେବା, ମ୍ୟାଚ୍ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କୁ ବିଦା କରିବାକୁ ଦାବି କରିବା ଓ ପାଇକ୍ରଫ୍ଟ ବିଦା ନ ହେଲେ ପାକିସ୍ତାନ ଏସିଆ କପ୍‌ରୁ ଓହରିଯିବାକୁ ଧମକ ଦେଇଥିଲେ। ଭାରତ ବିରୋଧରେ ଏତେ ମନ୍ତବ୍ୟ ଦେବା ପରେ ଭାରତୀୟ କ୍ରିକେଟ ବୋର୍ଡ ତାହାର ଖେଳାଳିମାନଙ୍କୁ ନକ୍‌ଭୀଙ୍କ ସହ ହାତ ମିଳାଇବାକୁ ଦେବ ବୋଲି ଆଶା କରାଯାଉନାହିଁ। ଏହାକୁ ନେଇ ଏବେ ଚର୍ଚ୍ଚା ଜୋର ଚାଲିଛି। ଏଣୁ ମ୍ୟାଚ୍ ପରେ ନକ୍‌ଭୀଙ୍କ ଉପସ୍ଥିତି କି ପ୍ରକାର ପରିସ୍ଥିତି ସୃଷ୍ଟି କରିବ ତାହାକୁ ନେଇ ସମସ୍ତ ଭାରତୀୟ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସହ ଭାରତ ୨ଟି ମ୍ୟାଚ୍ ଖେଳିସାରିଛି। କିନ୍ତୁ ଟସ୍ ପରେ କିମ୍ବା ମ୍ୟାଚ୍ ଶେଷରେ ଭାରତୀୟ ଖେଳାଳିମାନେ ସେମାନଙ୍କ ପାକିସ୍ତାନୀ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ହାତମିଳାଇ ନାହାନ୍ତି। ଫାଇନାଲରେ ମଧ୍ୟ ଏଭଳି ଅବସ୍ଥା ତିଷ୍ଠି ରହିବ ବୋଲି ଆଶା କରାଯାଉଛି। ଖେଳାଳିଙ୍କ ମଧ୍ୟରେ ଉତ୍ତେଜନାମୂଳକ ସ୍ଥିତି ଉପୁଜିବ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଉଛି। 'ସ୍ଥିତିକୁ ସମ୍ଭାଳିବା ଲାଗି କାରଣ ଦର୍ଶାଇବାକୁ ଆଉ କେତେ ସମୟ ନେବ' ବୋଲି ସୋସିଆଲ ମିଡିଆରେ ନକ୍‌ଭୀଙ୍କ ପୋଷ୍ଟକୁ ନେଇ ବିରୋଧର ସ୍ୱର ଉଠିଲାଣି। କିନ୍ତୁ ସେ ପରୋକ୍ଷରେ ଭାରତକୁ ଟାର୍ଗେଟ କରିଥିବାରୁ ବିସିସିଆଇ କିମ୍ବା ଅନ୍ୟ କେହି ଏଯାଏ ମୁହଁ ଖୋଲି ନାହାନ୍ତି। ପାକିସ୍ତାନ କୋଚ୍ ମଧ୍ୟ ଭାରତର ବ୍ୟବହାରକୁ ସମାଲୋଚନା କରିଛନ୍ତି।

## ମହିଳା ହକି ଦଳର ଅଷ୍ଟ୍ରେଲିଆ ଗସ୍ତ

# ଭାରତର କ୍ରମାଗତ ପରାଜୟ

କାନବେରା, ୨୭।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ୨୧ ବର୍ଷରୁ କମ୍ ମହିଳା ହକି ଦଳ କ୍ରମାଗତ ୨ୟ ପରାଜୟବରଣ କରିଛି। ଶୁକ୍ରବାର ପ୍ରଥମ ମ୍ୟାଚରେ ଭାରତୀୟ ଯୁବ ମହିଳା ଦଳ ୨-୩ ଗୋଲ୍‌ରେ ଘରୋଇ ଅଷ୍ଟ୍ରେଲିଆ ୨୧ ବର୍ଷରୁ କମ୍ ଦଳ ନିକଟରୁ ହାରିଯାଇଥିଲା। ଶନିବାର ଖେଳାଯାଇଥିବା ଦ୍ୱିତୀୟ ମୁକାବିଲାରେ କିନ୍ତୁ ଭାରତୀୟ ଯୁବ ମହିଳା ଦଳ ଲଢ଼େଇ କରି ନ ପାରି ୫-୦ ଗୋଲରେ ଏକପାଖିଆ ଭାବେ ପରାସ୍ତ ହୋଇଥିଲା। ବିଜୟୀ ଅଷ୍ଟ୍ରେଲିଆ ଯୁବା ମହିଳା ଦଳ ପାଇଁ ମକୟଲା ଜୋନ୍ସ ହ୍ୟାଟ୍ରିକ ଗୋଲ୍ ସ୍କୋର କରିଥିଲେ। ଏହି ଗସ୍ତରେ ଦୁଇ ଦଳ ମଧ୍ୟରେ ତୃତୀୟ ମୁକାବିଲା ସୋମବାର ଖେଳାଯିବ।

## ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ

# ଯୁଗଳ ଭାରତୀୟ ଦଳର ମ୍ୟାନେଜର୍



ଭୁବନେଶ୍ୱର, ୨୭।୯ (ସମିସ): ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ଲାଗି ଓ୍ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳ ଚଳିତ ମାସ ଶେଷ ଆଡ଼କୁ ଭାରତ ଗସ୍ତରେ ଆସିବ। ଅକ୍ଟୋବର ୨ରୁ ଅହମ୍ମଦାବାଦରେ ଘରୋଇ ଭାରତ ଓ ଓ୍ୱେଷ୍ଟଇଣ୍ଡିଜ ମଧ୍ୟରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ଏହାପରେ ଅନ୍ତିମ ତଥା ୨ୟ ଟେଷ୍ଟ ଅକ୍ଟୋବର ୧୦ରୁ ଦିଲ୍ଲୀରେ ଖେଳାଯିବ। ଏହି ସିରିଜ ଲାଗି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଓଡ଼ିଶାର ଯୁଗଳ କିଶୋର ସାମଲଙ୍କୁ ଟିମ୍ ଇଣ୍ଡିଆର ମ୍ୟାନେଜର ନିଯୁକ୍ତ କରାଯାଇଛି। ଯୁଗଳ ଏଥିପୂର୍ବରୁ ଏକ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚରେ ପର୍ଯ୍ୟବେକ୍ଷକ ଭାବେ ସଫଳତାର ସହ କାର୍ଯ୍ୟ ତୁଲାଇଥିଲେ। ସେହିଭଳି ଓଡ଼ିଶା ରଣଜୀ ଟ୍ରଫି ଦଳର ଏକାଧିକଥର ମ୍ୟାନେଜର ଭାବେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି। ଏହି ଅବସରରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ସଭାପତି ପଙ୍କଜଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୁଗଳଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

# ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଲେ ଶୈଳେଶ



ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଦ୍ୱାଦଶ ସଂସ୍କରଣ ବିଧିବଦ୍ଧ ଭାବେ ଶନିବାରଠାରୁ ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଭାରତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛି। ଶୈଳେଶ କୁମାର ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ହାଇଜମ୍ପର ଟି- ୪୨/୬୩ ବର୍ଗରେ ଶୈଳେଶ ଏହି ସଫଳତା ପାଇଛନ୍ତି। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଭାରତୀୟ ବରୁଣ ସିଂହ ଭାଟି ମଧ୍ୟ କାଂସ୍ୟ ପଦକ ହାସଲ କରିଛନ୍ତି।

ପୁରୁଷ ହାଇଜମ୍ପରେ ଡିଫେଣ୍ଡିଂ ପାରା ଅଲିମ୍ପିକ ଚାମ୍ପିଅନ ଆମେରିକାର ଏଜରା ଫ୍ରେଚ୍‌ଙ୍କୁ ପଛରେ ପକାଇ ଶୈଳେଶ ବାଜିମାତ୍ କରିନେଇଥିଲେ। ଶୈଳେଶ ୧.୯୧ ମିଟର ଉଚ୍ଚକୁ ଡେଇଁ ଟି-୪୨ ବର୍ଗରେ ନୂଆ ଚାମ୍ପିଅନସିପ୍ ରେକର୍ଡ କରିବା ସହ ସ୍ୱର୍ଣ୍ଣ ପଦକ ହାତେଇଥିଲେ। ସେହିଭଳି ଫ୍ରେଚ୍ ୨ୟ ଓ ଭାରତର ବରୁଣ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ।

### ଦୀପ୍ତିଙ୍କୁ ରୌପ୍ୟ



ଭାରତର ଦୀପ୍ତି ଜୀବନୀ ମହିଳା ୪୦୦ ମିଟର ଟି୨୦ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଫାଇନାଲରେ ଦୀପ୍ତି ୫୫.୧୬ ସେକେଣ୍ଡରେ ରେସ୍ ଫିନିଶ କରି ୨ୟ ସ୍ଥାନରେ ରହିଥିଲେ। ତୁର୍କୀର ଆଇସେଲ ଓଣ୍ଡର (୫୪.୫୧ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ।

### ଜିଆୟାନ ଜିତିଲେ ପ୍ରଥମ ସ୍ୱର୍ଣ୍ଣ



ଚଳିତ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ପ୍ରଥମ ସ୍ୱର୍ଣ୍ଣ ପଦକ ଚାଇନାର ଜିଆୟାନ ଓ୍ୱେନଙ୍କ ନାମରେ ଲିପିବଦ୍ଧ ହୋଇଛି। ମହିଳା ଲଙ୍ଗ ଜମ୍ପର ଟି୩୭ ବର୍ଗରେ ଜିଆୟାନ ୫.୩୨ ମିଟର ଲମ୍ଫ ପ୍ରଦାନ କରି ପ୍ରଥମ ସ୍ଥାନରେ ରହିବା ସହ ପ୍ରତିଯୋଗିତା ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## କିଟ୍‌ରେ ସିବିଏସ୍‌ଇ ଜାତୀୟ ସନ୍ତରଣ ଉଦ୍‌ଯାପିତ

ଭୁବନେଶ୍ୱର, ୨୭।୯ (ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଆନୁକୂଲ୍ୟରେ ଚାଲିଥିବା ୪ ଦିବସୀୟ ସିବିଏସ୍‌ଇ ଜାତୀୟ ବାଳିକା ସନ୍ତରଣ ଚାମ୍ପିଅନସିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୩୭ ସିବିଏସ୍‌ଇ ସ୍କୁଲର ୬୦୦ରୁ ଊର୍ଦ୍ଧ୍ୱ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ସେହିଭଳି ପରିଚାଳନାରେ ୨୫୦ ଅଫିସିଆଲ୍ ଓ ୫୦ ଜଣ ବୈଷୟିକ ଅଧିକାରୀ ସହଯୋଗ କରିଥିଲେ। ୧୧ ବର୍ଷରୁ କମ୍ ବିଭାଗରେ ଗୁରୁଗ୍ରାମର ଆରୋହି ରୟ, ୧୪ ବର୍ଷରୁ କମ୍‌ରେ ବେଙ୍ଗାଲୁରୁର ଭେଙ୍ଗିଲ୍ଲା ସୁମେଧା, ୧୭ ବର୍ଷରୁ କମ୍‌ରେ ଆଦିତି ବିନାୟକ ଓ ୧୯ ବର୍ଷରୁ କମ୍ ବିଭାଗରେ ଦଖଜା ଦେ ଉପ୍ରେତି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, କିଟ୍ ସ୍କୁଲର ଅଧ୍ୟକ୍ଷ ସଞ୍ଜୟ ସୁଆର, ଯୁଗ୍ମ ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳି ଓ ଦଳକୁ ପୁରସ୍କୃତ କରିଥିଲେ।

## ବିଶ୍ୱ ପାରା ତୀରନ୍ଦାଜୀ

# ଶୀତଲ, ତୋମନଙ୍କୁ ସ୍ୱର୍ଣ୍ଣ





ଗ୍ୱାଙ୍ଗଝୁ, ୨୭।୯ (ଏଜେନ୍ସି): ଦକ୍ଷିଣ କୋରିଆରେ ଚାଲିଥିବା ବିଶ୍ୱ ପାରା ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଭାରତର ଶୀତଲ ଦେବୀ ଓ ତୋମନ କୁମାର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। କମ୍ପାଉଣ୍ଡ ଇଭେଣ୍ଟରେ ଉଭୟ ଏହି ସଫଳତା ପାଇଛନ୍ତି। ମହିଳା କମ୍ପାଉଣ୍ଡ ଫାଇନାଲରେ ଶୀତଲ ୧୪୬-୧୪୩ ସ୍କୋରରେ ତୁର୍କୀର ଓଜନୁର୍ କ୍ୟୁରେଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ଚଳିତ ଚାମ୍ପିଅନସିପ୍‌ରେ ୧୮ ବର୍ଷୀୟା ଶୀତଲଙ୍କ ଏହା ୩ୟ ପଦକ। ଏଥିପୂର୍ବରୁ ସେ ମିକ୍ସଡ ଟିମ୍‌ରେ କାଂସ୍ୟ ଓ ମହିଳା କମ୍ପାଉଣ୍ଡ ଓପନ୍ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ଅପରପକ୍ଷରେ ପୁରୁଷ କମ୍ପାଉଣ୍ଡ ଫାଇନାଲ ଦୁଇ ଭାରତୀୟ ଖେଳାଳି ତୋମନ ଓ ରାକେଶ କୁମାରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ ନାଟକୀୟ ଭାବେ ପ୍ରଥମ ସେଟ୍ ଚାଲିଥିବାବେଳେ ରାକେଶ ଉପକରଣ ଖରାପ ହୋଇଯିବାକୁ ତାଙ୍କୁ ଓହରିଯିବାକୁ ପଡ଼ିଥିଲା। ଫଳରେ ତୋମନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଜମ୍ମୁ କାଶ୍ମୀରରେ ଜନ୍ମିତ ଶୀତଲଙ୍କ ହାତ ନ ଥିବାବେଳେ ସେ ଦୁଇ ଗୋଡ଼ ସହାୟତାରେ ତୀରଚାଳନା କରୁଛନ୍ତି। ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ସେ କାଂସ୍ୟ ପଦକ ଜିତି ବେଶ୍ ଚର୍ଚ୍ଚାରେ ରହିଥିଲେ।

# 'କଟକ ପାନ୍ଥର୍ସ' ଓପିଟିଏଲ୍ ଚାମ୍ପିଅନ

କଟକ,୨୭।୯ (ସମିସ):





କଟକ ପାନ୍ଥର୍ସ ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ପ୍ରଥମ ସଂସ୍କରଣର ଚାମ୍ପିଅନ ହୋଇଛି। ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ପାନ୍ଥର୍ସ ୫ ରନରେ ସମ୍ବଲପୁର ଓ୍ୱାରିୟର୍ସଙ୍କୁ ହରାଇଛି। ଚାମ୍ପିଅନ ପାନ୍ଥର୍ସଙ୍କୁ ଟ୍ରଫି ସମେତ ୫୦ଲକ୍ଷ ଏବଂ ରନର୍ସଅପ ଓ୍ୱାରିୟର୍ସଙ୍କୁ ଟ୍ରଫି ସମେତ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

ଦିନ ତମାମ ଲଗାଣ ବର୍ଷା ଫାଇନାଲ ମୁକାବିଲାକୁ ସମ୍ପୂର୍ଣ୍ଣ ବ୍ୟାଘାତ କରିବ ବୋଲି ଆଶଙ୍କା ରହିଥିଲା। ମାତ୍ର ସନ୍ଧ୍ୟା ପରେ ବର୍ଷାର କୋପ ଥମିବା ମାତ୍ରେ ୧୦ଓଭର ବିଶିଷ୍ଟ ମ୍ୟାଚ୍ କରାଯିବାକୁ ମ୍ୟାଚ୍ ରେଫରି ସ୍ଥିର କରିଥିଲେ। ଓ୍ୱାରିୟର୍ସ ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ପାନ୍ଥର୍ସଙ୍କୁ ବ୍ୟାଟିଂ ଡାକରା ଦେଇଥିଲେ। ବିପ୍ଳବ ସାମନ୍ତରାୟଙ୍କ ୮ବଲରୁ ୨୩ରନ, ଶୁଭମ ଶତ୍ରୁଜିତଙ୍କ ୧୫ବଲରୁ ୨୫ରନ ବଳରେ ୮.୪ ଓଭର ସୁଦ୍ଧା ପାନ୍ଥର୍ସ ୫ ଓ୍ୱିକେଟ ହରାଇ ୯୨ରନ ସଂଗ୍ରହ କରିଥିଲା। ପୁନର୍ବାର ବର୍ଷା ଯୋଗୁଁ ମ୍ୟାଚ୍ ସ୍ଥଗିତ ରହିଥିଲା। ଓ୍ୱାରିୟର୍ସ ତରଫରୁ ସୁମିତ ଶର୍ମା ୨ଓଭର ବୋଲିଂ କରି ୬ରନ ବିନିମୟରେ ୩ଟି ଓ୍ୱିକେଟ ଦଖଲ କରିଥିଲେ। ବାମହାତୀ ଅର୍ଥୋଡକ୍ସ ସୁମିତ ଗୋଟିଏ ଓଭରରେ ଇନଫର୍ମ ବ୍ୟାଟର ସୌରଭ ଗୌଡ ଏବଂ ହର୍ଷିତ ରାଠୋଡଙ୍କ ଓ୍ୱିକେଟ ଅକ୍ତିଆର କରିଥିଲେ। ମ୍ୟାଚ୍‌ରେ ବିଳମ୍ବ ଯୋଗୁଁ ଡିଏଲଏସ୍ ପଦ୍ଧତିର ବିନିଯୋଗ କରାଯାଇ ଓ୍ୱାରିୟର୍ସ ସମ୍ମୁଖରେ ୫ ଓଭରରେ ୬୨ ରନର ଟାର୍ଗେଟ ମିଳିଥିଲା। ହେଲେ ପ୍ରମୁଖ ବ୍ୟାଟରଙ୍କ ବିଫଳତା ଦଳକୁ ଟାଇଟଲ୍ ଠାରୁ ଦୂରେଇ ରଖିଥିଲା। ଅନ୍ତିମ ଓଭରରେ ବିଜୟ ନିମନ୍ତେ ୨୯ରନ ଆବଶ୍ୟକ ଥିବା ବେଳେ ଇମ୍ପାକ୍ଟ ଖେଳାଳି ଆଦିତ୍ୟ ରାଉତ ୩ଟି ଛକା, ଗୋଟିଏ ଚୌକା ଏବଂ ଗୋଟିଏ ଓ୍ୱାଇଡ୍ ସହ ୨୩ ରନ୍ କରିଥିଲେ। ଦଳ ୫ରନରେ ପଛୁଆ ରହି ରନର୍ସଅପରେ ସନ୍ତୁଷ୍ଟ ହୋଇଛି। ଓଡ଼ିଶା ଜୁନିୟର ଦଳର ସ୍ପିନର ରାଜା ଯାଦବ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଓ୍ୱାରିୟର୍ସର ପ୍ରବୀଣ ଲୁହା, ପ୍ରୟାସ ସିଂହ ଓ ଆୟୁଷ ବାରିକଙ୍କୁ ଗୋଟିଏ ଓଭରରେ ପ୍ୟାଭିଲିୟନ ଫେରାଇ ଦଳ ପାଇଁ ସହଜ ବିଜୟର ବାଟ ଫିଟାଇ ଦେଇଥିଲେ। ଆଦିତ୍ୟ ୧୩ବଲରୁ ୩୬ରନ କରିଥିବା ବେଳେ ଶୁଭ୍ରାଂଶୁ ଶୂନରେ ଆଉଟ ହୋଇଥିଲେ ଏବଂ ଅନ୍ୟ କେହି ଦୁଇ ଅଙ୍କ ଛୁଇଁ ପାରିନଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS